# ଫୁଲୁଛି ବୈତରଣୀ

**ଆଖୁଆପଦାଠାରେ ଜଳସ୍ତର ୧୭.୨୪ ମିଟର**

ଯାଜପୁର,୨୯।୭(ହର୍ଷବର୍ଦ୍ଧନ ବେହେରା)

ତିନିଦିନ ଧରି କ୍ରମାଗତ ଲଗାଣ ବର୍ଷା ଯୋଗୁ ଯାଜପୁର ଜିଲାଦେଇ ପ୍ରବାହିତ ବୈତରଣୀ ନଦୀ ଫୁଲୁଥିବାର ଦେଖାଯାଇଛି। ଏଥିଯୋଗୁ ବନ୍ୟା ଆଶଙ୍କା ରହିଛି। ବୈତରଣୀ ନଦୀର ଉପରମୁଣ୍ଡରେ ବର୍ଷା ଲାଗି ରହିଥିବାରୁ ଏହାର ତଳମୁଣ୍ଡ ଆଖୁଆପଦାରେ ଜଳସ୍ତର ସୋମବାର ସନ୍ଧ୍ୟା ସୁଦ୍ଧା ୧୭.୨୪ ମିଟରରେ ପହଞ୍ଚିଛି। ଏଠାରେ ବିପଦ ସଂକେତ ୧୭.୮୩ ମିଟର ରହିଛି। ଏହାବାଦ ଜିଲାରେ ହାରାହାରି ୨୪.୪୪ ମିମି ବର୍ଷା ରେକର୍ଡ ହୋଇଥିବାବେଳେ ମଙ୍ଗଳବାର ପ୍ରବଳ ବର୍ଷା ହେବା ସମ୍ଭାବନା ବୋଲି ଦର୍ଶାଇ ପାଣିପାଗ ବିଭାଗ ପକ୍ଷରୁ ୟେଲୋ ୱାର୍ନିଂ ଘୋଷଣା ହୋଇଛି। ଫଳରେ ମଙ୍ଗଳବାର ରାତି ସୁଦ୍ଧା ବୈତରଣୀର ତଳମୁଣ୍ଡରେ ଜଳପତ୍ତନ ଆହୁରି ବୃଦ୍ଧି ଘଟିପାରେ। ଅତୀତରେ ବୈତରଣୀ ତଳମୁଣ୍ଡ ଦଶରଥପୁର ଓ ବିଞ୍ଝାରପୁର ବ୍ଲକ ଅଞ୍ଚଳରେ ବିଭିନ୍ନ ସ୍ଥାନରେ ଘାଇ ସୃଷ୍ଟି ହୋଇଥିବା ନଜିର ରହିଛି। ଫଳରେ ୧୦ ହଜାରରୁ ଉର୍ଦ୍ଧ୍ୱ ହେକ୍ଟର ଚାଷ ଜମିର ଫସଲ ନଷ୍ଟ ହୋଇଥିଲା। ତେଣୁ ଏଥିପାଇଁ ଜିଲା ପ୍ରଶାସନ ପକ୍ଷରୁ ସବୁପ୍ରକାର ପ୍ରସ୍ତୁତି କରାଯାଇଥିବା ସୂଚନା ମିଳିଛି।



## ସଂକ୍ଷେପରେ

### ନାବାଳିକାଙ୍କୁ ଅସଦାଚରଣ: ସମ୍ପର୍କୀୟ ଭାଇ ଗିରଫ

ରସୁଲପୁର,୨୯।୭ (ରଞ୍ଜିତ ରାଉତ)

କୁଆଖିଆ ଥାନା ଅନ୍ତର୍ଗତ ସିଂହପୁର ପଞ୍ଚାୟତରେ ପାରିବାରିକ କଳହକୁ କେନ୍ଦ୍ରକରି ଜଣେ ନାବାଳିକାଙ୍କୁ ତାଙ୍କ ବଡବାପା ପୁଅ ଭାଇ ଅସଦାଚରଣ କରିଥିବା ଥାନାରେ ଅଭିଯୋଗ ହୋଇଥିଲା। ଉକ୍ତ ଅଭିଯୋଗ ଆଧାରରେ ପୋଲିସ ଅଭିଯୁକ୍ତ ସମ୍ପର୍କୀୟ ଭାଇଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ଗତ ୨୬ ତାରିଖରେ ନାବାଳିକା ଜଣକ ଛେଳି ଚରାଇବାକୁ ବାହାରକୁ ଯାଇଥିବା ସମୟରେ ପୂର୍ବଦିନର ଶତ୍ରୁତାକୁ କେନ୍ଦ୍ରକରି ସମ୍ପର୍କୀୟ ଭାଇ ତାଙ୍କୁ ଟଣାଓଟରା କରିଥିଲେ। ଏ ନେଇ ନାବାଳିକା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୋଲିସ ଥାନାରେ କେସ୍ ନଂ.୩୨୫/୨୪ରେ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ କରିଥିଲା।

### ଆଦର୍ଶ ଶିକ୍ଷକଙ୍କ ପରଲୋକ

ଚଣ୍ଡିଖୋଲ,୨୯।୭(ପ୍ରଦୀପ୍ତ କୁମାର ପୃଷ୍ଟି)

ବାଲିଚନ୍ଦ୍ରପୁର ମଧ୍ୟ ଇଂରାଜୀ ବିଦ୍ୟାଳୟର ଅବସରପ୍ରାପ୍ତ ଶିକ୍ଷକ ଅରବିନ୍ଦ ପଣ୍ଡା (୮୧)ଙ୍କ ସୋମବାର ଅପରାହ୍ନରେ ପରଲୋକ ହୋଇଯାଇଛି। ସେ ଦୀର୍ଘ ବର୍ଷ ଧରି ଏହି ବିଦ୍ୟାଳୟରେ ଶିକ୍ଷକତା କରି ଅବସର ଗ୍ରହଣ କରିଥିଲେ। ଜଣେ ଆଦର୍ଶ ଛାତ୍ରବତ୍ସଳ ଶିକ୍ଷକ ଭାବେ ବେଶ ପରିଚିତ ଥିଲେ। କିଛିଦିନ ହେବ ଅସୁସ୍ଥତା କାରଣରୁ ଶଯ୍ୟାଶାୟୀ ଥିଲେ। ତାଙ୍କ ଘର ବାଲିଚନ୍ଦ୍ରପୁର ପଞ୍ଚାୟତ ଅନ୍ତର୍ଗତ ନାନପୁର ପାଟଣା ଗ୍ରାମରେ। ତାଙ୍କ ବିୟୋଗ ଖବର ପାଇ ବହୁ ପୁରାତନ ଛାତ୍ରଙ୍କ ସମେତ ସ୍ଥାନୀୟ ସରପଞ୍ଚଙ୍କ ପ୍ରତିନିଧି ଅମୀୟ କୁମାର ସାହାଣୀ, ରଞ୍ଜନ ମହାରଣା, ପୂର୍ବତନ ଜିଲା ପରିଷଦ ସଭ୍ୟ ବିପିନ ବିହାରୀ ଜେନା ପ୍ରମୁଖ ଶେଷଦର୍ଶନ କରିଥିଲେ। ବିଧାୟକ ଅମର କୁମାର ନାୟକ, ପୂର୍ବତନ ବିଧାୟକ ଅମର ଶତପଥୀ, ବିଜେଡି ନେତା ରାଜ ନାରାୟଣ ମହାପାତ୍ର, କଂଗ୍ରେସ ନେତା ଅଜୟ କୁମାର ସାମଲ ପ୍ରମୁଖ ଗଭୀର ଶୋକ ପ୍ରକାଶ କରିଛନ୍ତି। ତାଙ୍କ ମରଶରୀରକୁ ବାଲିଚନ୍ଦ୍ରପୁର ବିଦ୍ୟାଳୟ ଓ ବଜାର ପରିକ୍ରମା କରାଯିବା ପରେ ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯିବ ବୋଲି ପରିବାର ସୂତ୍ରରୁ ଜଣାପଡ଼ିଛି।

### ଦାଦାବଟି ମାଗି ଯୁବକ ଗିରଫ

କଳିଙ୍ଗନଗର, ୨୯।୭ (ଶୁଭାଶିଷ ରାଉତ)

ଯଖପୁରା ଥାନା ଅନ୍ତର୍ଗତ ଟାଟା ଓ ଜିନ୍ଦଲ କାରଖାନା ମଧ୍ୟରେ ଥିବା ଗୋପବନ୍ଧୁ ମାର୍ଗରେ ଠିକାଦାର ଅଜିତ କୁମାର ବ୍ରହ୍ମଙ୍କୁ ସୋମବାର ଦାଦାବଟି ମାଗି ଗିରଫ ହୋଇଛନ୍ତି ଜଣେ ଯୁବକ। ସେ ହେଲେ କାଳିଆପାଣି ଅଞ୍ଚଳର ଚନ୍ଦନ ଦେହୁରୀ (୨୨)। ଅଜିତ୍ ଟାଟା ଷ୍ଟିଲରେ ଠିକା କାମ କରନ୍ତି। ତାଙ୍କୁ ଚନ୍ଦନ ରାସ୍ତାରେ ଅକଟାଇ ଦାଦାବଟି ମାଗିଥିଲେ। ଏନେଇ ଅଭିଯୋଗ ହେବା ପରେ ଯଖପୁରା ପୋଲିସ ଚନ୍ଦନଙ୍କୁ ବିଆର୍‌ପିଏଲ୍ ଛକ ନିକଟରୁ ଗିରଫ କରିଥିଲା। ପୋଲିସ ଏକ ମାମଲା (୧୩୧/୨୪) ରୁଜୁ କରି ଚନ୍ଦନଙ୍କୁ କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି।

# ଅଟୋ ସହ କ୍ଷୀରଗାଡ଼ି ଧକ୍କା, ୭ ଆହତ

ମହାକାଳପଡ଼ା,୨୯।୭(ପ୍ରତାପ ଚନ୍ଦ୍ର ସ୍ୱାଇଁ)

ମହାକାଳପଡ଼ା ଥାନା ଓଲିଆ ଛକ-ଜାଲକଣା ରାସ୍ତାର ସାତ ଭଉଣୀ ଠାକୁରାଣୀ ନିକଟ ମଝି ରାସ୍ତାରେ ସୋମବାର ସକାଳ ୯ଟାରେ ଯାତ୍ରୀବାହୀ ଅଟୋ ସହ କ୍ଷୀର ଗାଡ଼ି ମୁହାଁମୁହିଁ ଧକ୍କା ହେବାରୁ ଚାଳକଙ୍କ ସହ ୬ଜଣ ଅଙ୍ଗନୱାଡି କର୍ମୀ ଆହତ ହୋଇଛନ୍ତି। ସେମାନଙ୍କୁ ଚିକିତ୍ସା ଲାଗି ପ୍ରଥମେ ମହାକାଳପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରେ ଅଧିକ ଚିକିତ୍ସା ଲାଗି କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଡାକ୍ତରଙ୍କ ଚିକିତ୍ସା ପରେ ୨ ଅଙ୍ଗନୱାଡି କର୍ମୀ ଗୁରୁତର ଥିବାରୁ କଟକ ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ସେମାନେ ହେଉଛନ୍ତି ଅଳାଇଲୋ-୩ କେନ୍ଦ୍ରର ମମତା ସେଠୀ ଓ ବବକରପୁର କେନ୍ଦ୍ରର କର୍ମୀ ନଳିନୀ ସେଠୀ। ଆହତ କର୍ମୀମାନେ ହେଲେ ଅଳାଇଲୋ କେନ୍ଦ୍ର-୨ର କର୍ମୀ ଶାନ୍ତିଲତା ସାମନ୍ତରାୟ, ସେହି ଗ୍ରାମର କେନ୍ଦ୍ର- ୧ କର୍ମୀ ପ୍ରମିଳା ଦାସ, ବିଲିପଦା କେନ୍ଦ୍ରର ମମତା ବେହେରା, ଓଲିଆ ନୀଳକଣ୍ଠପୁର କେନ୍ଦ୍ରର କର୍ମୀ ପୁଷ୍ପଲତା ବାରିକ ଆହତ ଅବସ୍ଥାରେ ଜିଲା ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି।

ସୂଚନାଯୋଗ୍ୟ, ମହାକାଳପଡ଼ା ବ୍ଲକ ସମନ୍ୱିତ ଶିଶୁ ବିକାଶ କାର୍ଯ୍ୟାଳୟରେ ସୋମବାର ପ୍ରକଳ୍ପ ତାଲିମ ପ୍ରଦାନ ପାଇଁ ଅଳାଇଲୋ କେନ୍ଦ୍ରରୁ ୬ ଅଙ୍ଗନୱାଡି କର୍ମୀ ଏକ ଅଟୋ ଯୋଗେ ଆସୁଥିଲେ। ସାତ ଭଉଣୀ ରାସ୍ତା ମଝିରେ ଏକ କ୍ଷୀର ଗାଡ଼ି ସହ ଅଟୋର ମୁହାଁମୁହିଁ ଧକ୍କା ହେବାରୁ ଚାଳକ ସହ ୬ ଜଣ ଅଙ୍ଗନୱାଡି କର୍ମୀ ଆହତ ହୋଇଥିଲେ। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ୨ ଗାଡ଼ିକୁ ଜବତ କରିଛି। ପୋଲିସ ପକ୍ଷରୁ ଅଧିକ ତଦନ୍ତ ଚାଲିଛି। କ୍ଷୀର ଗାଡ଼ି ନଂ. ଓଡି ୨୯ ଏଚ୍ ୦୫୪୦କୁ ଚାଳକ ରାଜୁ ଓଝା ଚଳାଉଥିଲେ ବୋଲି କୁହାଯାଇଛି। ଏ ନେଇ ଦୁର୍ଘଟଣାରେ ଆହତ ଅଙ୍ଗନୱାଡି କର୍ମୀ ମମତା ବେହେରା ମହାକାଳପଡ଼ା ଥାନାରେ କ୍ଷୀର ଗାଡ଼ି ଚାଳକଙ୍କ ବିରୋଧରେ ଲିଖିତ ଅଭିଯୋଗ କରିଛନ୍ତି। ଗାଡ଼ିଚାଳକ ନିଶାପାନ କରି ଗାଡ଼ି ଚଳାଉଥିବା ଅଭିଯୋଗ ପତ୍ରରେ ଉଲ୍ଲେଖ ରହିଛି। ଅଭିଯୋଗକୁ ଭିତ୍ତିକରି ପୋଲିସ ନଂ. ୧୭୨/୨୪ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# ଅଭିଯୁକ୍ତ ବିବେକଙ୍କୁ ହାଇକୋର୍ଟରୁ ଜାମିନ

**କ୍ୟାମେରାମ୍ୟାନ୍ ମାନସ ହତ୍ୟା ମାମଲା**

କଟକ,୨୯।୭(କାର୍ତ୍ତିକ ସାହୁ)

ବହୁଚର୍ଚ୍ଚିତ କ୍ୟାମେରାମ୍ୟାନ୍ ମାନସ ସ୍ୱାଇଁ ହତ୍ୟା ମାମଲାର ଅନ୍ୟତମ ଅଭିଯୁକ୍ତ ବିବେକ ନାୟକଙ୍କୁ ସୋମବାର ହାଇକୋର୍ଟ ଜାମିନ ଦେଇଛନ୍ତି। ତେବେ ତଦନ୍ତରେ ସହଯୋଗ କରିବା ସହ ସାକ୍ଷୀମାନଙ୍କୁ ପ୍ରଭାବିତ ନ କରିବା ସମେତ ଅନ୍ୟ କେତେକ ସର୍ତ୍ତ ହାଇକୋର୍ଟ ରଖିଛନ୍ତି।

ପ୍ରକାଶ ଯେ, ୨୦୨୨ରେ ସଂଘଟିତ ଏହି ମାମଲାରେ ଶର୍ମିଷ୍ଠା ରାଉତ, ଝୁନା ଭୋଇ, ନିରଞ୍ଜନ ସେଠୀ ଓ ରଞ୍ଜନ ନାୟକଙ୍କ ବିରୋଧରେ କ୍ରାଇମ୍‌ବ୍ରାଞ୍ଚ ତଦନ୍ତ କରିଥିଲା। ମାନସ ସ୍ୱାଇଁଙ୍କୁ ଅଭିଯୁକ୍ତ ରଞ୍ଜନ ନାୟକ ଭଦ୍ରକ ଜିଲା ଚାନ୍ଦବାଲି ଥାନା ଅଧୀନରେ ଥିବା ପଳାଶପୁରରୁ ମାଷ୍ଟରମାଇଣ୍ଡ ଶର୍ମିଷ୍ଠାଙ୍କ କାରରେ ଆଣି ଭୁବନେଶ୍ୱର ଏୟାରଫିଲ୍ଡ ଥାନା ଅଧୀନସ୍ଥ ଦୟାଲ ଆଶ୍ରମକୁ ଆଣି ଅତି ନିର୍ମମ ଭାବେ ଆକ୍ରମଣ କରିଥିଲେ। ନିରଞ୍ଜନ ସେଠୀ ଉକ୍ତ ଆଶ୍ରମରେ ମାନସଙ୍କୁ ଆକ୍ରମଣ କରିଥିଲେ। ମାନସଙ୍କ ମୃତ୍ୟୁ ପରେ ସେମାନେ ମୃତଦେହକୁ ଶର୍ମିଷ୍ଠାଙ୍କ କାରରେ ନେଇ ନୟାଗଡ଼ ଜିଲା ରଣପୁର ଥାନା ଅଞ୍ଚଳରେ ପୋତିଦେଇଥିଲେ। ପରେ ସେମାନେ ଯାଜପୁର ଜିଲାର ଚଣ୍ଡିଖୋଲଠାରୁ ପ୍ରାୟ ୨କିଲୋମିଟର ଦୂର ଦୈତାରୀ – ପାରାଦୀପ ଏକ୍ସପ୍ରେସ ରାସ୍ତା ପାର୍ଶ୍ୱରେ ଅବସ୍ଥିତ ଏକ ନିଛାଟିଆ ସ୍ଥାନକୁ ଯାଇଥିଲେ। ସେମାନେ ମାନସଙ୍କ ଦ୍ୱାରା ବ୍ୟବହୃତ ଗୋଟିଏ ମୋବାଇଲ ଇୟର ଫୋନ୍, ହଳେ ଚପଲ, ଅଖା, ଶାଢ଼ି ଆଦି ଜିନିଷ ପୋଡ଼ି ଦେଇଥିଲେ। ମୃତଦେହକୁ ପୋତିବା ପାଇଁ ବ୍ୟବହୃତ କୋଦାଳ ଆଦି ସେମାନେ ସେଠାରେ ଫିଙ୍ଗିଦେଇ ଚାଲିଆସିଥିଲେ।

ତେବେ ମାନସ ସ୍ୱାଇଁ ହତ୍ୟା ଘଟଣାରେ ମୃତକଙ୍କ ପରିବାର ପକ୍ଷରୁ ୨୦୨୨ ଫେବୃଆରୀ ୧୪ରେ ଚାନ୍ଦବାଲି ଥାନାରେ ଅଭିଯୋଗ ହୋଇଥିଲା। ଚାନ୍ଦବାଲି ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଏହି ଘଟଣାରେ ପୋଲିସର ନିଷ୍କ୍ରିୟତାକୁ ଦାୟୀ କରି ମୃତକଙ୍କ ପିତା ପଞ୍ଚାନନ ସ୍ୱାଇଁ ସିବିଆଇ ତଦନ୍ତ କରିବାକୁ ହାଇକୋର୍ଟରେ ଏକ ମାମଲା ରୁଜୁ କରିଥିଲେ।

# ଯାଜପୁର ଜିଲାରେ ୨୪୪.୪ ମି.ମି. ବର୍ଷା

ଯାଜପୁର ଟାଉନ, ୨୯।୭ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି)

ଯାଜପୁର ଜିଲାରେ ସମୁଦାୟ ବର୍ଷା ପରିମାଣ ୨୪୪.୪ ମି.ମି. ରେକର୍ଡ କରାଯାଇଛି। ସର୍ବାଧିକ ବରୀ ବ୍ଲକ୍‌ରେ ୮୬.୮ ମି.ମି, ରସୁଲପୁର ବ୍ଲକ୍‌ରେ ୬୫.୪ ମି.ମି, ଦାନଗଦି ବ୍ଲକ୍‌ରେ ୨୪.୨ ମି.ମି, ଯାଜପୁର ବ୍ଲକ୍‌ରେ ୧୭ ମି.ମି, ବିଞ୍ଝାରପୁର ଓ ଧର୍ମଶାଳା ବ୍ଲକ୍‌ରେ ୦୮ ମି.ମି, ବଡ଼ଚଣା ବ୍ଲକ୍‌ରେ ୧୨ମି.ମି, ଦଶରଥପୁର ବ୍ଲକ୍‌ରେ ୧ ମି.ମି ବର୍ଷା ହୋଇଥିବାବେଳେ ସୁକିନ୍ଦାରେ ବର୍ଷା ହୋଇନାହିଁ। ଏହି ବର୍ଷା ଯୋଗୁଁ ବେତରଣୀ ନଦୀରେ ଜଳସ୍ତର ବୃଦ୍ଧି ଘଟିଛି।

# ହୃଦ୍‌ଘାତରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକଙ୍କ ପରଲୋକ

ବଡଚଣା,୨୯।୭(ଦିଲୀପ କୁମାର ମହାନ୍ତି)

ବଡ଼ଚଣା ବ୍ଲକ ଅନ୍ତର୍ଗତ ନୂଆ ସୁଙ୍ଗୁଡ଼ା ଗ୍ରାମର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ମଦନ ମୋହନ ସ୍ୱାଇଁ( ୭୪) ଙ୍କର ସୋମବାର ହୃଦ୍‌ଘାତରେ ପରଲୋକ ଘଟିଛି। ସ୍ୱାଇଁ ଘରେ ବସିଥିବା ସମୟରେ ହୃଦ୍‌ଘାତର ଶିକାର ହୋଇଥିଲେ। ତାଙ୍କୁ ତୁରନ୍ତ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ମାତ୍ର ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କ ପାର୍ଥିବ ଶରୀର ଗ୍ରାମରେ ପହଞ୍ଚିଲା ପରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କର ଶେଷ ଦର୍ଶନ କରିଥିଲେ। ମୃତଦେହକୁ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରାଯାଇ ଶ୍ମଶାନରେ ସତ୍କାର କରଯାଇଥିଲା। ଜ୍ୟେଷ୍ଠପୁତ୍ର ଗୁରୁଦତ୍ତ ମୁଖାଗ୍ନି ଦେଇଥିଲେ। ତାଙ୍କ ବିୟୋଗରେ ଗ୍ରାମବାସୀ ତଥା ଶିକ୍ଷକ ମହଲରେ ଶୋକଛାୟା ଖେଳିଯାଇଛି।

# ବ୍ୟାସନଗର ଇନର ହୁଇଲ୍ କ୍ଲବର ପ୍ରତିଷ୍ଠା ଦିବସ



ଯାଜପୁରରୋଡ୍,୨୯।୭ (ପବିତ୍ର ରଞ୍ଜନ ମହାନ୍ତି)

ଇନର ହୁଇଲ୍ କ୍ଲବ ବ୍ୟାସନଗର ସଦସ୍ୟାମାନଙ୍କ ଦ୍ୱାରା ରବିବାର କ୍ଲବର ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ଯାଜପୁର ଜିଲା ଶିକ୍ଷା ପ୍ରଶିକ୍ଷଣ କେନ୍ଦ୍ର ତୋଲିପୁରର ଅଧ୍ୟକ୍ଷା ନିବେଦିତା ଗୁରୁ, ମୁଖ୍ୟବକ୍ତା ବିଶିଷ୍ଟ ଶ୍ରମିକ ନେତା ବିଦ୍ୟାଧର ମହାନ୍ତି, ସମ୍ମାନିତ ଅତିଥି ଭାବେ ଅଧ୍ୟାପିକା କବିୟିତ୍ରୀ ନୀଳିମା ଦାଶ ଏବଂ ଅଜିତ କୁମାର ଜେନା ପ୍ରମୁଖ ଯୋଗ ଦେଇଥିଲେ। ୨୦୨୪-୨୫ ବର୍ଷ ପାଇଁ ସସ୍ମିତା ସ୍ୱାଇଁ ସଭାପତି, ଅନୁପମା ପଟ୍ଟନାୟକଙ୍କୁ ସମ୍ପାଦିକା ଭାବେ ଦାୟିତ୍ୱ ହସ୍ତାନ୍ତର କରାଯାଇଥିଲା। ପୂର୍ବତନ ସଭାପତି ଅନୁପମା ଜେନା ଓ ସମ୍ପାଦିକା ବିଜୟଶ୍ରୀ ଓଝା, ଯାଜପୁର ଟାଉନ ଇନର୍ ହୁଇଲ କ୍ଲବର ସଭାପତି ଓ ସଦସ୍ୟାମାନେ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ। କିରଣବାଳା ମଲ୍ଲିକ ଓ କବିତା ନାୟକଙ୍କୁ କ୍ଲବର ନୂତନ ସଦସ୍ୟା ଭାବେ ଗ୍ରହଣ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଚିନ୍ମୟୀ ମହାନ୍ତି, ନିରୁପମା ମଲ୍ଲିକ, ନିଯୁକ୍ତା ସାହୁ, କଳ୍ପନା ପରିଡ଼ା, ବିଜୟଶ୍ରୀ ଓଝା, ମୀତାଞ୍ଜଳି ରାଉତ ପ୍ରମୁଖ ଯୋଗଦାନ କରିଥିଲେ। ସୁଶ୍ରୀ ଜିଜ୍ଞାସା ଜେନା ସଭା ପରିଚାଳନା କରିଥିବାବେଳେ ଚିନ୍ମୟୀ ମହାନ୍ତି ଧନ୍ୟବାଦ ଜଣାଇଥିଲେ।

# ଶିକ୍ଷା ସପ୍ତାହର ମୂଳଲକ୍ଷ୍ୟ ଶିକ୍ଷାର୍ଥୀଙ୍କ ଆଗ୍ରହ ସୃଷ୍ଟି

ପଟ୍ଟାମୁଣ୍ଡାଇ, ୨୯।୭ (କଳ୍ପତରୁ ନାୟକ)

କେନ୍ଦ୍ରାପଡା ଜିଲା ପଟ୍ଟାମୁଣ୍ଡାଇ ବ୍ଲକସ୍ଥ ଲୋକନାଥପୁର ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଚାଲିଥିବା ଶିକ୍ଷା ସପ୍ତାହ କାର୍ଯ୍ୟକ୍ରମ ସୋମବାର ଶେଷ ହୋଇଛି। କେନ୍ଦ୍ର ସରକାରଙ୍କ ଜାତୀୟ ଶିକ୍ଷାନୀତିର ୪ର୍ଥ ବର୍ଷ ଉପଲକ୍ଷେ ଆୟୋଜିତ ସପ୍ତାହବ୍ୟାପୀ କାର୍ଯ୍ୟକ୍ରମ ସହ ପୂର୍ବାହ୍ନରେ ଏ ସମ୍ପର୍କରେ ଏକ ସଚେତନା ସଭା ଅନୁଷ୍ଠିତ ହୋଇଛି। ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଶୁଭ୍ରାଂଶୁ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଶିକ୍ଷା ସପ୍ତାହର ମୂଳଲକ୍ଷ୍ୟ ସୁସ୍ଥ ସମାଜ ଗଠନ ପାଇଁ ଶିକ୍ଷାର୍ଥୀଙ୍କ ମଧ୍ୟରେ ଆଗ୍ରହ ସୃଷ୍ଟି କରିବା ବୋଲି ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ସଞ୍ଜୟ କୁମାର ନାୟକ, ସମରେନ୍ଦ୍ର ଜେନା, ନିହାରିକା ସ୍ୱାଇଁ, ଶ୍ରଦ୍ଧାଞ୍ଜଳି ଦାସ, ଝୁନୁପ୍ରିୟା ଜେନା, ରଞ୍ଜନ କୁମାର ବେହେରା ଏଥିରେ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ସେମାନେ କହିଥିଲେ ଯେ ଏହି ଶିକ୍ଷା ସପ୍ତାହର ପ୍ରଥମ ଦିବସକୁ ଟିଏଲଏମ୍ ଦିବସ ଭାବେ ପାଳନ କରାଯାଇଥିଲା। ସ୍ୱଳ୍ପ ମୂଲ୍ୟର ଶିକ୍ଷଣୀୟ ସାମଗ୍ରୀରେ ଶିକ୍ଷାର୍ଥୀମାନେ ନିଜର ପ୍ରତିଭା ପ୍ରଦର୍ଶନ କରିଥିଲେ। ସେହିପରି ଏଫଏଲଏନ୍ ଦିବସ, କ୍ରୀଡା ଦିବସ, ସାଂସ୍କୃତିକ ଦିବସ, ଡିଜିଟାଲ ଓ ଦକ୍ଷତା ପ୍ରୋତ୍ସାହନ ଦିବସ, ସ୍କୁଲ ପୋଷଣ ଦିବସ, ଇକୋ କ୍ଲବ ଦିବସ ଆଦି କ୍ରମାନ୍ୱୟରେ ହୋଇଥିଲା। ଏହାଦ୍ୱାରା ଶିକ୍ଷାର୍ଥମାନେ ଆଞ୍ଚଳିକସ୍ତରରେ ସୁସ୍ଥ ସମାଜ ଗଠନ ପ୍ରତି ସଚେତନତା ସୃଷ୍ଟି କରିଥିବା ବେଳେ ଶିକ୍ଷାର୍ଥୀମାନେ ଏଥିରୁ ଜ୍ଞାନ ଉପଲବ୍ଧି କରିଥିଲେ। ଏଥିସହ ବୃକ୍ଷରୋପଣ ପ୍ରତି ସଚେତନତା ସୃଷ୍ଟି ପାଇଁ ପଟ୍ଟାମୁଣ୍ଡାଇ କେନାଲ ଏକ ନମ୍ବର ଶାଖା କେନାଲ ବନ୍ଧରେ ତାଳ ମଞ୍ଜି ରୋପଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ସାମାଜିକ କର୍ମୀ ଗଙ୍ଗା ଜତି, ଶିକ୍ଷୟିତ୍ରୀ ଦିପ୍ତୀରେଖା ବେହେରା, ସସ୍ମିତା ଦଳାଇ, ସ୍ନିଗ୍ଧା ସୁଚରିତା ସାହୁ, ସଂଘମିତ୍ରା ସାମନ୍ତ, ଶିକ୍ଷାବିତ୍ ନେତ୍ରମଣୀ ଖଟୁଆ ପ୍ରମୁଖ ପରିଚାଳନା କରିଥିଲେ।

# ବାଇକ୍, ମୋବାଇଲ ଲୁଟ୍: ଅଭିଯୁକ୍ତ କୋର୍ଟ ଚାଲାଣ

ବ୍ୟାସନଗର,୨୯।୭(ପବିତ୍ର ରଞ୍ଜନ ମହାନ୍ତି)

ଯାଜପୁର ରୋଡ୍ ଆଦର୍ଶ ଥାନା ପୋଲିସ ସୋମବାର ବାଇକ୍ ଏବଂ ମୋବାଇଲ ଫୋନ୍ ଲୁଟ୍ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗତ ୨୪ ତାରିଖ ରାତି ପ୍ରାୟ ୮ଟା ୩୦ରେ ଯାଜପୁର ରୋଡ଼ ଆଦର୍ଶ ଥାନା ଅନ୍ତର୍ଗତ ମିଲିଟାରୀ ଛକ ବାଇପାସ୍ ରାସ୍ତାରେ ଥିବା ବିପିସିଏଲ ପେଟ୍ରୋଲ ପମ୍ପରୁ ଯାଜପୁର ରୋଡ଼ ନହକା ଭଟିଆ ଅଞ୍ଚଳର ମହେନ୍ଦ୍ର ସାମଲ ବାଇକ୍ ଯୋଗେ ନିଜ ଘରକୁ ଫେରୁଥିବା ସମୟରେ ରାସ୍ତାରେ କେତେଜଣ ଦୁର୍ବୃତ୍ତ ତାଙ୍କୁ ଅଟକାଇଥିଲେ। ପରେ ତାଙ୍କୁ ଟଣାଘୋଷରା କରିବା ସହିତ ତାଙ୍କ ନିକଟରୁ ବାଇକ୍ ଏବଂ ମୋବାଇଲ ଫୋନ ଛଡ଼ାଇ ନେଇ ଯାଇଥିଲେ। ଏନେଇ ମହେନ୍ଦ୍ର ଯାଜପୁର ରୋଡ୍ ଥାନାରେ ଅଭିଯୋଗ କରିବା ପରେ ପୋଲିସ ୨୫ ତାରିଖରେ ୪୫୩/୨୪ ନମ୍ବରରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ତଦନ୍ତ ସମୟରେ ପୋଲିସ ଏକ ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇ ଦାନଗଦି ବ୍ଲକ କଙ୍କଡ଼ାଝର ଅଞ୍ଚଳର ରାଜୀବ ତରାଇ (୨୧)କୁ ଉଠାଇ ଆଣି ପଚରାଉଚରା କରିଥିଲା। ସେ ଏହି ଲୁଟ ଘଟଣାରେ ସାମିଲ ଥିବା ସ୍ୱୀକାର କରିଥିବା ପୋଲିସ କହିଛି। ସୋମବାର ତାଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନାଧିକାରୀ ଉପେନ୍ଦ୍ର ପ୍ରଧାନ ଏକ ପ୍ରେସ ବିବୃତିରେ ପ୍ରକାଶ କରିଛନ୍ତି।

# ପଞ୍ଚୁପାଣ୍ଡବ-ପଣସୁଧା ରାସ୍ତା ମରଣଯନ୍ତା

ଡେରାବିଶ,୨୯।୭ (ବେବର୍ତ୍ତା ଅଜୟ ଦାସ)



**■ ଯାଜପୁର, କେନ୍ଦ୍ରାପଡ଼ା ଜିଲାର ଲୋକେ ହଇରାଣ**

**■ ଗ୍ରାମ୍ୟ ଉନ୍ନୟନ ବିଭାଗ ସାଜିଛି ନୀରବଦ୍ରଷ୍ଟା**

ଯାଜପୁର ଜିଲା ଜାରକା ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ କେନ୍ଦ୍ରାପଡ଼ା ଜିଲା ଡେରାବିଶ ବ୍ଲକ ଅଧୀନ ୫୩ ନଂ. ଜାତୀୟ ରାଜପଥକୁ ସଂଯୋଗ କରୁଥିବା ପଞ୍ଚୁପାଣ୍ଡବଠାରୁ ଯାଜପୁର ଜିଲା ବଡଚଣା ବ୍ଲକର ପଣସୁଧା ଯାଏ ନିର୍ମାଣ ହୋଇଥିବା ଗ୍ରାମ୍ୟ ଉନ୍ନୟନ ବିଭାଗ ରାସ୍ତା ଏବେ ମରଣଯନ୍ତା ପାଲଟି ଯାଇଛି। ଏହି ରାସ୍ତାଟି ଉଭୟ ଡେରାବିଶ ଓ ବଡ଼ଚଣା ବ୍ଲକ ଅଞ୍ଚଳର ପ୍ରମୁଖ ରାସ୍ତା। କେନ୍ଦ୍ରାପଡ଼ା ସଦର ମହକୁମାଠାରୁ ଆରମ୍ଭ କରି ଡେରାବିଶ ବ୍ଲକ, ତହସିଲ ସମେତ ବିଭିନ୍ନ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ ସହ ଯାଜପୁର ଜିଲା ସଦର ମହକୁମା, ବଡଚଣା ବ୍ଲକ ଓ ତହସିଲ ସମେତ ବିଭିନ୍ନ କାର୍ଯ୍ୟାଳୟ ସହ ଯୋଗାଯୋଗ ପାଇଁ ଏହି ରାସ୍ତା ଉପରେ ଅଞ୍ଚଳବାସୀ ନିର୍ଭର କରିଥାନ୍ତି। ଏହାକୁ ଦୃଷ୍ଟିରେ ରଖି ୨୦୨୧-୨୨ ଆର୍ଥିକ ବର୍ଷରେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଏହି ରାସ୍ତାକୁ ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇ ଠିକାଦାରଙ୍କ ଦ୍ୱାରା କାର୍ଯ୍ୟ କରାଯାଇଥିଲା।

ଡେରାବିଶ ବ୍ଲକ ଅଞ୍ଚଳର ପ୍ରମୁଖ ବଜାର ପଞ୍ଚୁପାଣ୍ଡବ ବଜାର ମଧ୍ୟରେ କଂକ୍ରିଟ ରାସ୍ତା କରାଯାଇଥିବା ବେଳେ ତା' ପରେ ରାସ୍ତାକୁ ପିଚୁ କରାଯାଇଥିଲା। ମାତ୍ର ଠିକାଦାର ଓ ତତ୍କାଳୀନ ବିଭାଗୀୟ ଯନ୍ତ୍ରୀଙ୍କ ସଲାସୁତରା ଯୋଗୁ ରାସ୍ତା କାମ ଅତ୍ୟନ୍ତ ନିମ୍ନମାନର କରାଯାଇଥିବାରୁ ସ୍ଥାନୀୟ ଅଞ୍ଚଳବାସୀଙ୍କ ପକ୍ଷରୁ ଯାଜପୁର ଓ କେନ୍ଦ୍ରାପଡ଼ା ଜିଲାପାଳଙ୍କ ସମେତ ବିଭାଗୀୟ କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ କରାଯାଇଥିଲା। ନିମ୍ନମାନର ରାସ୍ତା କାମକୁ ନେଇ ଗଣମାଧ୍ୟମରେ ଖବରମାନ ପ୍ରକାଶ ପାଇଥିଲା। ପରେ ବିଭାଗୀୟ କର୍ତ୍ତୃପକ୍ଷ ଲୋକଦେଖାଣିଆ ରାସ୍ତା ତଦାରଖ କରି ଫେରି ଯାଇଥିଲେ ବୋଲି ବ୍ଲକ ଅଧୀନ କେଉଟକଣ୍ଠିଆ ଗ୍ରାମର ପ୍ରଦୀପ୍ତ କୁମାର ସେଠୀ କହିଛନ୍ତି। ପ୍ରଦୀପଙ୍କ ସୂଚନା ଅନୁଯାୟୀ, ରାସ୍ତା କାମ ସରିବାର ୬ମାସ ନ ପୂରୁଣୁ ବିଭିନ୍ନ ସ୍ଥାନରେ ଫାଟ ସୃଷ୍ଟି ହେବା ସହ ଗୋଡି ଉଠିଯାଇ ଖାଲ ସୃଷ୍ଟି ହୋଇଥିଲା। ଏ ବିଷୟରେ ମଧ୍ୟ ସ୍ଥାନୀୟ ଅଞ୍ଚଳବାସୀଙ୍କ ପକ୍ଷରୁ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଅଭିଯୋଗ କରାଯାଇଥିଲା। ତେବେ ପ୍ରଧାନମନ୍ତ୍ରୀ ସଡକ ଯୋଜନାରେ ନିର୍ମାଣ କରାଯାଉଥିବା ରାସ୍ତାର ରକ୍ଷଣାବେକ୍ଷଣ ଓ ମରାମତି ପାଇଁ ଠିକାସଂସ୍ଥା ବିଭାଗ ସହ ଚୁକ୍ତିନାମା କରିଥାନ୍ତି। ମାତ୍ର ରାସ୍ତାର ଏଭଳି ଦୁରବସ୍ଥା ପରେ ମଧ୍ୟ ଠିକା ସଂସ୍ଥା ପକ୍ଷରୁ କୌଣସି ମରାମତି ନ ହେବାରୁ ବିଭାଗୀୟ କର୍ତ୍ତୃପକ୍ଷଙ୍କ ନିକଟରେ ପୁଣି ଅଭିଯୋଗ କରାଯାଇଥିବା ବଡ଼ଚଣା ବ୍ଲକ ଅଧୀନ ଭରତପୁର ସରପଞ୍ଚ ବିଭୂତି ଭୂଷଣ ସାମଲ କହିଛନ୍ତି। ତେବେ ଏହି ଅଭିଯୋଗ ପରେ ସମ୍ପୃକ୍ତ ଠିକାଦାର ଲୋକ ଦେଖାଣିଆ ଭାବେ ରାସ୍ତାର କିଛି ଭାଗ ମରାମତି କରି ପଳାଇ ଯାଇଥିଲେ। ବର୍ତ୍ତମାନ ମରାମତି ହୋଇଥିବା ସ୍ଥାନରେ ବଡବଡ ଖାଲଖମା ସୃଷ୍ଟି ହୋଇଛି ବୋଲି ସରପଞ୍ଚ ସାମଲ କହିଛନ୍ତି। ଏଥିସହ ପଞ୍ଚୁପାଣ୍ଡବଠାରୁ ପଣସୁଧା ପର୍ଯ୍ୟନ୍ତ ୫କିମି ରାସ୍ତାରେ ବଡବଡ ଖାଲ ସୃଷ୍ଟି ହେବା ଦ୍ୱାରା ଦୈନିକ ଛୋଟ ବଡ ଦୁର୍ଘଟଣା ଘଟୁଥିବା ଡେରାଡିହ ଗ୍ରାମର ହରେକୃଷ୍ଣ ମହାନ୍ତି କହିଛନ୍ତି। ତୁରନ୍ତ ଏହି ରାସ୍ତାକୁ ମରାମତି କରିବା ପାଇଁ ବିଭାଗୀୟ କର୍ତ୍ତୃପକ୍ଷ ପଦକ୍ଷେପ ନ ନେଲେ ଅଞ୍ଚଳବାସୀ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଏଣ୍ଡର ପଞ୍ଚାୟତ ସମିତିସଭ୍ୟ ପ୍ରଫୁଲ୍ଲ କୁମାର ସେଠୀ ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ଚଣ୍ଡିଖୋଲ ଉପଖଣ୍ଡର ବିଭାଗୀୟ ସହକାରୀ ନିର୍ବାହୀ ଯନ୍ତ୍ରୀ ଅନିଲ କୁମାର ସେଠୀଙ୍କୁ ପଚାରିବାରେ ଏହି ରାସ୍ତା ନେଇ କୌଣସି ଅଭିଯୋଗ ପହଞ୍ଚି ନାହିଁ। ଅଭିଯୋଗ ପାଇଲେ ରାସ୍ତା ପରିଦର୍ଶନ କରି ଯାହା ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।

# ସମବାୟ ମନ୍ତ୍ରୀଙ୍କୁ ହାଇକୋର୍ଟ ନୋଟିସ

**ସୁକିନ୍ଦା ନିର୍ବାଚନ ଅନିୟମିତତା ମାମଲା**

**■ ସେପ୍ଟେମ୍ବର ୧୭ରେ ପରବର୍ତ୍ତୀ ଶୁଣାଣି**

କଟକ,୨୯।୭ (କାର୍ତ୍ତିକ ସାହୁ):

ନିର୍ବାଚନ ଅନିୟମିତତା ମାମଲାରେ ହାଇକୋର୍ଟ ଭାଜପା ବିଧାୟକ ତଥା ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତଙ୍କୁ ସୋମବାର ନୋଟିସ ଜାରି କରିଛନ୍ତି। ଗତ ସାଧାରଣ ନିର୍ବାଚନରେ ସୁକିନ୍ଦା ବିଧାନସଭା ନିର୍ବାଚନ ମଣ୍ଡଳୀର ପରାଜିତ ବିଜୁ ଜନତା ଦଳ ପ୍ରାର୍ଥୀ ପ୍ରୀତିରଞ୍ଜନ ଘଡ଼ାଇଙ୍କ ପକ୍ଷରୁ ରୁଜୁ ମାମଲାର ଶୁଣାଣି କରି ହାଇକୋର୍ଟ ଏହି ନୋଟିସ ଜାରି କରିଛନ୍ତି। ଆସନ୍ତା ୪ ସପ୍ତାହ ମଧ୍ୟରେ ସତ୍ୟପାଠ ମାଧ୍ୟମରେ ଜବାବ ଦାଖଲ କରିବାକୁ ହାଇକୋର୍ଟ ଆଦେଶ ଦେଇଛନ୍ତି। ଏଥିସହ ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ସେପ୍ଟେମ୍ବର ୧୭ ତାରିଖକୁ ଧାର୍ଯ୍ୟ ହୋଇଛି।

ଅଭିଯୋଗ ଅନୁସାରେ, ସୁକିନ୍ଦା ନିର୍ବାଚନ ମଣ୍ଡଳୀରୁ ବିଜୟୀ ହୋଇଥିବା ଭାଜପା ବିଧାୟକ ପ୍ରଦୀପ ବଳସାମନ୍ତ ପ୍ରାର୍ଥୀପତ୍ର ଦାଖଲ ବେଳେ ନିର୍ବାଚନ ଅଧିକାରୀଙ୍କ ନିକଟରେ ମିଥ୍ୟା ସତ୍ୟପାଠ ପ୍ରଦାନ କରିଛନ୍ତି। ତାଙ୍କ ବିରୋଧରେ ଥିବା ଆପରାଧିକ ମାମଲା ସମ୍ପର୍କରେ ଅସମ୍ପୂର୍ଣ୍ଣ ତଥ୍ୟ ସେ ଦାଖଲ କରିଛନ୍ତି। ଏପରି ସ୍ଥିତିରେ ତାଙ୍କ ନିର୍ବାଚନକୁ ଅସିଦ୍ଧ ଘୋଷଣା କରିବାକୁ ଆବେଦନକାରୀ ଘଡ଼ାଇ ଆବେଦନରେ ଦର୍ଶାଇଛନ୍ତି। ସୂଚନାଯୋଗ୍ୟ, ୨୦୨୪ ନିର୍ବାଚନରେ ସୁକିନ୍ଦା ବିଧାନସଭା ନିର୍ବାଚନମଣ୍ଡଳୀରୁ ଭାଜପା ପ୍ରାର୍ଥୀ ପ୍ରଦୀପ ବଳସାମନ୍ତ ୮୬୭୩୩ ଖଣ୍ଡ ଭୋଟ ପାଇ ଜିତିଥିବାବେଳେ ବିଜେଡି ପ୍ରାର୍ଥୀ ପ୍ରୀତିରଞ୍ଜନ ଘଡ଼ାଇ ୭୭୧୫୬ ଖଣ୍ଡ ଭୋଟ ପାଇ ପରାସ୍ତ ହୋଇଥିଲେ।

## ସଂକ୍ଷେପରେ

### ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଶ୍ରମିକ ମୃତ

ରଘୁନାଥପୁର,୨୯।୭(ରାଜେନ୍ଦ୍ର ନାରାୟଣ ସିଂହ)

କିଶନନଗର ଥାନା ପ୍ରହରାଜପୁରସ୍ଥିତ ଏକ ଫାର୍ମହାଉସରେ ପାଣି ମୋଟର ଜରିଆରେ ବିଦ୍ୟୁତ୍ ସଂସ୍ପର୍ଶରେ ଆସିବାରୁ ସୋମବାର ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ସେ ହେଲେ କଟକ ସଦର ଥାନା ଅନ୍ତର୍ଗତ ୪୨ ମୌଜା ବେଣ୍ଟକାର ଗ୍ରାମର ଅଜୁ ସିଂ (୫୦)। ଏନେଇ ରଘୁନାଥପୁର ଥାନାରେ ମାମଲା (ନଂ. ୬/୨୪ ) ରୁଜୁ ହୋଇଛି। ମଧ୍ୟାହ୍ନ ସମୟରେ ଫାର୍ମ ହାଉସ୍‌ରେ ପାଣିମୋଟରର ସୁଇଚ୍ ମାରୁଥିବାବେଳେ ସେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଗୁରୁତର ହୋଇଥିଲେ। ତୁରନ୍ତ ତାଙ୍କୁ ରଘୁନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଅଜୁଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଏହାପରେ ମୃତଦେହ ବ୍ୟବଚ୍ଛେଦ ପାଇଁ ଜଗତ୍‌ସିଂହପୁର ମୁଖ୍ୟ ଚିକିତ୍ସାଳୟ ପଠାଯାଇଥିବା ଅତିରିକ୍ତ ଥାନା ଅଧିକାରିଣୀ ରଶ୍ମିବାଳା ସେଠୀ ପ୍ରକାଶ କରିଛନ୍ତି।

### ତାଲା ଭାଙ୍ଗି ଦୋକାନରୁ ଚୋରି

ରଘୁନାଥପୁର,୨୯।୭(ରାଜେନ୍ଦ୍ର ନାରାୟଣ ସିଂହ)

ରଘୁନାଥପୁର ଥାନା ଅନ୍ତର୍ଗତ କଟକ-ପାରାଦୀପ ରାସ୍ତାର ତହସିଲ ଛକଠାରେ ଏକ ଦୋକାନରୁ ରବିବାର ବିଳମ୍ବିତ ରାତିରେ ଚୋରି ହୋଇଛି। କୌଣସି ଦୁର୍ବୃତ୍ତ ତାଲା ଭାଙ୍ଗି ଦୋକାନରୁ ସମସ୍ତ ସାମଗ୍ରୀ ଚୋରି କରି ନେଇଥିବା ସ୍ଥାନୀୟ ସୁଧାଭୂଇଁ ଗ୍ରାମର ବିଭୂତି ଭୁଷଣ ସ୍ୱାଇଁ ରଘୁନାଥପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ,ତହସିଲ ଛକରେ ବିଭୂତିଙ୍କ ଏକ ଭେରାଇଟ ଦୋକାନ ରହିଛି। ପ୍ରତିଦିନ ଭଳି ବିଭୂତି ରାତି ୧୦ଟା ପରେ ଦୋକାନ ବନ୍ଦକରି ଘରକୁ ଯାଇଥାନ୍ତି। ରବିବାର ବିଳମ୍ବିତ ରାତିରେ କୌଣସି ଦୁର୍ବୃତ୍ତ ଗ୍ରୀଲ୍‌ରେ ଲାଗିଥିବା ତାଲାକାଟି ଦୋକାନରେ ଥିବା ୫୦ ହଜାରରୁ ଉର୍ଦ୍ଧ୍ୱ ଟଙ୍କାର ସାମଗ୍ରୀ ଚୋରି କରିନେଇଛନ୍ତି। ଏହାପରେ ପୋଲିସ ପକ୍ଷରୁ ତଦନ୍ତ ଜାରି ରହିଛି।

### ସ୍ତ୍ରୀଙ୍କୁ ନିର୍ଯାତନା ମାମଲାରେ ସ୍ୱାମୀଙ୍କୁ ବର୍ଷେ ଜେଲ

କେନ୍ଦୁଝର,୨୯।୭
(ନରେଶ ଚନ୍ଦ୍ର ପଟ୍ଟନାୟକ/ଦୀପକ ମିଶ୍ର)

କେନ୍ଦୁଝର ଅଦାଲତର ଉପଖଣ୍ଡ ବିଚାର ବିଭାଗ ବିଚାରପତି(ଏସ୍‌ଡିଜେଏମ) ସୁମିତ୍ରା କୁମାରୀ ଦାସ ସୋମବାର ସ୍ତ୍ରୀଙ୍କୁ ନିର୍ଯାତନା ମାମଲାର ବିଚାର କରି ଅଭିଯୁକ୍ତ ସ୍ୱାମୀଙ୍କୁ ୧ ବର୍ଷ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୫ ହଜାର ଟଙ୍କା ଜରିମାନା ଓ ଅନାଦାୟ ଅଧିକ ୩ ମାସର କାରାଦଣ୍ଡ ଆଦେଶ କରିଛନ୍ତି। ପ୍ରମାଣ ଅଭାବରୁ ଶାଶୁ ଓ ଶ୍ୱଶୁରଙ୍କୁ ଖଲାସ କରିଛନ୍ତି। ମାମଲାର ବିବରଣୀ ଅନୁଯାୟୀ, ବାଲିଆଗୁଡ଼ା ଗ୍ରାମର ଧରିତ୍ରୀ ଜେନା ୨୦୦୯ରେ ଟାଉନ ଥାନା ଅନ୍ତର୍ଗତ ଗମ୍ଭାରିଆର ପ୍ରଦୀପ୍ତ ଜେନାଙ୍କୁ ବିବାହ କରିଥିଲେ। ବିବାହର କିଛିଦିନ ପରେ ସ୍ୱାମୀ, ଶାଶୁ ଓ ଶ୍ୱଶୁର ନିର୍ଯାତନା ଦେଉଥିବା ଧରିତ୍ରୀ ଅଭିଯୋଗ କରିଥିଲେ। ଥାନାରେ ବହୁବାର ଆପୋଷ ସମାଧାନ ମଧ୍ୟ ହୋଇଥିଲା। ୨୦୨୦ରେ ନିର୍ଯାତନାରେ ଅତିଷ୍ଠ ହୋଇ ଧରିତ୍ରୀ ଟାଉନ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ମାମଲା ରୁଜୁ କରି ସ୍ୱାମୀ, ଶାଶୁ, ଶ୍ୱଶୁରଙ୍କୁ ଗିରଫ କରିଥିଲା। ବିଚାରପତି ୧୧ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତିକରି ଉପରକ୍ତ ରାୟ ଶୁଣାଇଥିବା ମାମଲା ପରିଚାଳନା କରୁଥିବା ପବ୍ଲିକ୍ ପ୍ରସିକ୍ୟୁଟର ସତ୍ୟବ୍ରତ ମହାନ୍ତି କହିଛନ୍ତି।

# ବର୍ଷା ଋତୁରେ ଚାଷଜମି ଫାଟି ଆଁ



- ତଳି ପାଚି ପୋକ ଲାଗିଲାଣି
- ସ୍ଲୁଇଚ୍ ଗେଟ୍ ଡାଡି ଦେଇଛି ଠିକାଦାର

କୁଜଙ୍ଗ,୨୯।୭(ମନୋଜ ପ୍ରଧାନ)

ବର୍ଷାଭାବ ଓ ଜଳସେଚନ ବ୍ୟବସ୍ଥା ନ ଥିବା ଯୋଗୁ କୁଜଙ୍ଗ ବ୍ଲକରେ ପାଖାପାଖି ୫ ହଜାର ହେକ୍ଟର ଚାଷ ଜମି ଶ୍ରାବଣ ମାସରେ ବି ଚାରଣ ଭୂଇଁ ପାଲଟିଛି। ଯେଉଁ ଚାଷୀମାନେ ରଜ ପୂର୍ବରୁ ଆକାଶରେ ମେଘ ଦେଖି ଖାଲ ଜମି ପାଇଁ ଖରୁଡ଼ି ତଳି ପକାଇଥିଲେ। ସେସବୁ ତଳି ବୟସାଧିକ ହେବା ସହ ବର୍ଷା ଅଭାବ ଏବଂ ଜଳସେଚନ ସୁବିଧା ନ ଥିବା ଯୋଗୁ ପାଚି ପୋକ ଲାଗିଲାଣି। ଅନ୍ୟ ପଟେ ଯେଉଁମାନେ ସ୍ୱଳ୍ପ ଦିନିଆ ଧାନ ନିମନ୍ତେ ଖର୍ଚ୍ଚାନ୍ତ ହୋଇ ଭୂତଳ ଜଳ ଉତ୍ସରୁ କଳ ଯୋଗେ ପାଣି ମଡେଇ ଆଛରା ତଳି ( ଗଜା କରି) ପକାଇଥିଲେ ସେ ସବୁ ତଳି କିଆରି ଫାଟି ଆଁ କଲାଣି। ବିଶେଷ କରି ବାଗୋଇ, ଷଣ୍ଢପୁର, ପାରିଆଙ୍ଗ, ବଡ଼ଙ୍ଗ, ବାଲିଆ ସମେତ ବିଭିନ୍ନ ପଞ୍ଚାୟତର ସବୁ ଅଞ୍ଚଳକୁ ବା ଜମିକୁ ଜଳସେଚନ ବା କେନାଲ ସୁବିଧା ନାହିଁ । ଫଳରେ ଚାଷୀମାନେ ମୁଣ୍ଡରେ ହାତଦେଇ ବସିଛନ୍ତି । ଗତବର୍ଷ ମଧ୍ୟ ବର୍ଷା ନ ହେବା ଯୋଗୁ ଚାଷୀମାନେ ବହୁ ଟଙ୍କାର ପେଟ୍ରୋଲ ଖର୍ଚ୍ଚ କରି ପମ୍ପସାହାଯ୍ୟରେ ବିଭିନ୍ନ ନଳକୂପରୁ ପାଣି ମଡ଼ାଇ ଓରଦା କାଦୁଅ କରି ଚାଷ କରିଥିଲେ। ହେଲେ ଗୋଟିଏ ପଟେ ଧାନ ଗଛରେ ଉପର ପାଣି ନ ପଡ଼ିବା ଓ ଅନ୍ୟପଟେ ଜଳସେଚନ ବ୍ୟବସ୍ଥା ନ ଥିବା ଯୋଗୁ ଧାନ ଗଛ ମୂଳରେ ପାଣି ରହି ପାରିଲାନାହିଁ। ଏଣୁ ଧାନ ଅମଳ କମିଯାଇଥିଲା। ଏ ନେଇ ଚାଷୀମାନଙ୍କୁ କ୍ଷତି ସହିବାକୁ ପଡ଼ିଥିଲା । ସେ କଥାକୁ ମନେପକାଇ ଚାଷୀ ଚଳିତ ବର୍ଷ ପାଣି ମଡ଼ାଇ ଚାଷ କରିବାକୁ ସାହସ ଜୁଟାଇ ପାରୁ ନ ଥିବା ଚାଷୀ ନେତା ଶ୍ରୀନିବାସ ଜୁଝାର ସିଂ କହିଛନ୍ତି। ସରକାର ଯଦି ପରମାନନ୍ଦପୁର ନବାଡିଆ ଜଳନିଷ୍କାସନ ପଥର ବାଗୋଇଠାରେ ଘୁଷୁରିଆ କ୍ରିକ୍‌ରେ ଜଳ ଅଟକାଇବା ପାଇଁ ଅସ୍ଥାୟୀ ଭାବେ ହ୍ୟୁମ ପାଇପ ପକାଇ ମାଟି ବନ୍ଧ ପକାଇପାରିବେ ତା'ହେଲେ ପ୍ରାୟ ୧ ହଜାର ଏକର ଜମି ଚାଷ ହୋଇପାରିବ ବୋଲି ସିଂ କହିଛନ୍ତି । ସୂଚନାଯୋଗ୍ୟ, ଘୁଷୁରିଆଠାରେ ଥିବା ଭଗ୍ନ ସୁଇସ ଗେଟକୁ ନିଷ୍କାସନ ପଥ ସଫା କରୁଥିବା ଠିକାଦାର ମାସକ ପୂର୍ବରୁ ଡାଡି ଫିଙ୍ଗି ଦେଇଛନ୍ତି। ଏନେଇ ଡ୍ରେନେଜ ବିଭାଗର ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ ବିଭାଗର ଉଦାସୀନତା ଚାଷୀଙ୍କ ଚିନ୍ତା ବଢ଼ାଇ ଦେଇଛି। ଯୁଦ୍ଧକାଳୀନ ଭିତ୍ତିରେ ସ୍ଥିତି ଅନୁଧ୍ୟାନ କରି ବିକଳ୍ପ ପଦକ୍ଷେପ ନେବାକୁ ମାଟି ସୁରକ୍ଷା ମଞ୍ଚର ସଂଯୋଜକ ହୃଷୀକେଶ ନାଥ ଦାବି କରିଛନ୍ତି। ଏ ସମ୍ପର୍କରେ ଡ୍ରେନେଜ ବିଭାଗ ଡିଭିଜନ ନିର୍ବାହୀ ଯନ୍ତ୍ରୀ ରାମ ପ୍ରସାଦ ରାଓଙ୍କୁ ତାଙ୍କ ମୋବାଇଲ ନମ୍ବରରେ କଲ୍ କରାଯାଇଥିଲେମଧ୍ୟସେଉଠାଇନଥିଲେ।

# 'ଗୋମାତା ଏକ ପ୍ରାଣୀ ନୁହେଁ, ସନାତନ ସଂସ୍କୃତିର ଆଦ୍ୟ ମାତା'

**ଓଡ଼ିଶା ଗୋଶାଳା ସେବା ସମିତିର କାର୍ଯ୍ୟକାରିଣୀ ବୈଠକ**



ଓଡିଶା ଗୋଶାଳା ସେବା ସମିତିର କାର୍ଯ୍ୟକାରିଣୀ ବୈଠକରେ ଯୋଗଦେଇଥିବା ସଦସ୍ୟମାନେ।

ରାହାମା,୨୯।୭(ଶ୍ରୀକାନ୍ତ ଦାସ)

କୁଜଙ୍ଗ ବ୍ଲକ ଅନ୍ତର୍ଗତ ଶ୍ରୀଜଗନ୍ନାଥଙ୍କ ବଡ଼ମଠ କନ୍ଦମୂଳ ପଡ଼ିଆର ରାହାମାଠାରେ ଓଡ଼ିଶା ଗୋଶାଳା ସେବା ସମିତିର ପ୍ରଥମ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ଆବାହକ ଶ୍ରୀ ସଂଗ୍ରାମ କେଶରୀ ପଟ୍ଟନାୟକଙ୍କ ଆବାହକତ୍ୱରେ ଆୟୋଜିତ ଏହି ବୈଠକରେ ଗୋ ମାତା ସେବା ସମିତିର ରାଜ୍ୟ ସଭାପତି ତଥା କଟକ ବିଶ୍ୱହିନ୍ଦୁ ପରିଷଦର ଧର୍ମାଚାର୍ଯ୍ୟ ସମ୍ପର୍କ ପ୍ରମୁଖ ଡ. ସୁନାକର ବେହେରା ସଭାପତିତ୍ୱ କରିଥିଲେ। ଏହି ଅବସରରେ ବେହେରା ଗୋମାତାର ସୁରକ୍ଷା ଦିଗରେ ସାରା ରାଜ୍ୟରେ ଜନ ସଚେତନତା ସୃଷ୍ଟି କରିବାକୁ ଆହ୍ୱାନ ଦେଇଥିଲେ। ପ୍ରତ୍ୟେକ ଦିନ ଦୁର୍ଘଟଣାଜନିତ କାରଣ ପାଇଁ ଗୋରୁ ଆହତ ହେଉଛନ୍ତି। ମାତ୍ର ଚିକିତ୍ସା ଅଭାବରୁ ସେମାନଙ୍କ ମୃତ୍ୟୁ ଘଟୁଛି। ତେଣୁ ପ୍ରତେକ ବ୍ଲକରେ ଏକ ଗୋଶାଳା ସହ ଗୋମାତାଙ୍କ ଚିକିତ୍ସା ପାଇଁ ସମସ୍ତ ସୁବିଧା ରହିବା ଆବଶ୍ୟକ। ଗୋମାତା ସୁରକ୍ଷିତ ରହିଲେ ରାଷ୍ଟ୍ର ସୁରକ୍ଷିତ ରହିବ। ଗୋମାତା ଏକ ପ୍ରାଣୀ ନୁହେଁ, ସେ ସନାତନ ସଂସ୍କୃତିର ଆଦ୍ୟ ମାତା ବୋଲି ବେହେରା ପ୍ରକାଶ କରିଥିଲେ। ଉକ୍ତ ବୈଠକରେ ତିର୍ତ୍ତୋଲ ପ୍ରଖଣ୍ଡ ଗୋଶାଳା ସମିତିର ଆବାହକ ରାକେଶ ପଟ୍ଟନାୟକ, କୁଜଙ୍ଗ ପ୍ରଖଣ୍ଡ ଗୋଶାଳା ସମିତିର ଆବାହକ ତଥା ବଜରଙ୍ଗ ଦଳ ସହସଂଯୋଜକ ପଦ୍ମଲୋଚନ ପଣ୍ଡା, ବଜରଙ୍ଗ ଦଳର କାର୍ଯ୍ୟକର୍ତ୍ତାମାନେ ଯୋଗଦେଇଥିଲେ। ସେହିପରି ଗୋ ସେବା ସମିତିର ଗୋସେବକଙ୍କ ମଧ୍ୟରେ କୁଜଙ୍ଗ ପ୍ରଖଣ୍ଡର ଗୋସୁରକ୍ଷା ପ୍ରମୁଖ ନୀତିଶ କୁମାର ବଜରଙ୍ଗୀ, ସାଇଲୋ ଖଣ୍ଡର ସଂଯୋଜକ ବବୁଲ ପାତ୍ର, ପ୍ରସନ୍ନଜିତ ସାହୁ, ଶିବୁନି ଦାସ, ଦିଲୀପ ନାୟକ, କିଶନ ନାୟକ, ଲିପୁନ ପାତ୍ର, ରଶ୍ମି ରଞ୍ଜନ ଦାସ ଓ ଖବରଦାତା ଦେବାଶିଷ ଅକ୍ଷୟ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ଶେଷରେ ଆବାହକ ସଂଗ୍ରାମ ଉପସ୍ଥିତ ରହି ଗୋସେବକମାନଙ୍କୁ ଧନ୍ୟବାଦ ଦେଇଥିଲେ। ଆଗାମୀ ଦିନରେ ରାଜ୍ୟ ବ୍ୟାପୀ ପ୍ରତ୍ୟେକ ଜିଲାସ୍ତରରୁ ନେଇ ବ୍ଲକ ପର୍ଯ୍ୟନ୍ତ ଗୋମାତାର ସୁରକ୍ଷା ଦିଗରେ ଜନ ସଚେତନତା ସୃଷ୍ଟି କରାଯିବା ଉପରେ ମୁଖ୍ୟମନ୍ତ୍ରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଥିଲା।

# ଜିଲାପାଳଙ୍କ ଯୁଗ୍ମ ଜନ ଶୁଣାଣିରେ ୧୨୮ ଅଭିଯୋଗ




ଶିବିରରେ ଯୋଗଦେଇଥିବା ପ୍ରଶାସନିକ ଅଧିକାରୀମାନେ।

ତିର୍ତ୍ତୋଲ,୨୯।୭(ଗୌରାଙ୍ଗ ଚରଣ ସ୍ୱାଇଁ)

**୧୧୮ ବ୍ୟକ୍ତିଗତ, ୧୦ ଗୋଷ୍ଠୀଗତ ସମସ୍ୟା ପଞ୍ଜୀକୃତ**

ଜଗତ୍‌ସିଂହପୁର ଜିଲା ପ୍ରଶାସନ ପକ୍ଷରୁ ସୋମବାର ବ୍ଲକ କାର୍ଯ୍ୟାଳୟରେ ଜିଲାପାଳଙ୍କ ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଭାରପ୍ରାପ୍ତ ଜିଲାପାଳ ସମ୍ବିତ କୁମାର ରାଉତ ଉପସ୍ଥିତ ରହି ଜନସାଧାରଣଙ୍କ ଆପତ୍ତି ଅଭିଯୋଗଗୁଡ଼ିକୁ ଶୁଣିଥିଲେ। ଏହି ଅବସରରେ ମୋଟ୍ ୧୨୮ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିରୁ ବ୍ୟକ୍ତିଗତ ସମସ୍ୟା ୧୧୮ ଏବଂ ଗୋଷ୍ଠୀଗତ ସମସ୍ୟା ସମ୍ପର୍କିତ ୧୦ଟି ଅଭିଯୋଗ ହୋଇଥିଲା। ବ୍ୟକ୍ତିଗତ ଅଭିଯୋଗ ମଧ୍ୟରେ ରାଶନ କାର୍ଡ ସମସ୍ୟା ୧୫, ଆବାସ ଯୋଜନା ୪୬, ଜମିଜମା ୧୯, ଭତ୍ତା ପାଇଁ ୧୦ , ପୋଲିସ ସହାୟତା ନିମନ୍ତେ ୫ ଏବଂ ଅନ୍ୟାନ୍ୟ ୧୯ଟି ଅଭିଯୋଗର ଶୁଣାଣି କରାଯାଇଥିଲା। ୪ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା। ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଏସ୍‌ପି ରାହୁଲ ପି. ଆର, ଜିଲା ପରିଷଦର ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ରବିନାରାୟଣ ଜେଠୀ, ଉପଜିଲାପାଳ ପ୍ରଦୀପ କୁମାର ସାହୁ, ତିର୍ତ୍ତୋଲ ବିଡିଓ ତପନ କୁମାର ସେନାପତି, ତିର୍ତ୍ତୋଲ ତହସିଲଦାର ସତ୍ୟଜିତ ମହାପାତ୍ର , ଏସ୍‌ଡିପିଓ ଚିନ୍ମୟ ରାଉତ, ଜିଲାସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ବ୍ଲକସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

### ସାହେରପେଣ୍ଟ ମତ୍ସ୍ୟଦିଆର ଲିଜ ଅର୍ଥ ୧୩,୪୫,୫୧୨ ତହସିଲରେ ଦାଖଲ

କୁଜଙ୍ଗ, ୨୯।୭(ମନୋଜ ପ୍ରଧାନ)

କୁଜଙ୍ଗସ୍ଥିତ ସାହେରପେଣ୍ଟ ମତ୍ସ୍ୟଦିଆର ବାର୍ଷିକ ଲିଜ୍ ଅର୍ଥ ୨୦୨୪-୨୫ ଆର୍ଥିକ ବର୍ଷ ନିମନ୍ତେ ସୋମବାର କୁଜଙ୍ଗ ତହସିଲରେ ଦାଖଲ କରାଯାଇଛି। ଜଗତ୍‌ସିଂହପୁର ଜିଲାର କୁଜଙ୍ଗ ଓ ଏରସମା ତହସିଲ ଏବଂ କେନ୍ଦ୍ରାପଡ଼ା ଜିଲାର ମାର୍ଶାଘାଇ ଓ ମହାକାଳପଡା ତହସିଲ ଅଞ୍ଚଳରେ ପ୍ରବାହିତ ୫୭ଟି ନଦୀ ଜୋରର ସମଷ୍ଟିଗତ ନାମ ହେଉଛି ସାହେର ପେଣ୍ଟ ମତ୍ସ୍ୟଦିଆ। ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶମତେ ସୋମବାର କୈବର୍ତ୍ତମାନଙ୍କ ତରଫରୁ ପ୍ରତିନିଧି କୁଳମଣି ବେହେରା ବାର୍ଷିକ ଧାର୍ଯ୍ୟ ୧୩,୪୫,୫୧୨ ଟଙ୍କା କୁଜଙ୍ଗ ତହସିଲଦାରଙ୍କ ନିକଟରେ ଦାଖଲ କରିଛନ୍ତି। ଏହି ଅର୍ଥ ପୈଠ ସମୟରେ କୈବର୍ତ୍ତ ନେତା ପ୍ରକାଶ ଚନ୍ଦ୍ର ପରିଡ଼ା, ସୁଧାଂଶୁ ଶେଖର ମହାପାତ୍ର, ନରେନ୍ଦ୍ର ପରିଡ଼ା, ଶରତ ଚନ୍ଦ୍ର ବେହେରା, ରବୀନ୍ଦ୍ର ମାଝୀ, ଜୟଦେବ ମହାପାତ୍ର , ଅଲେଖ ରାଉତ, ରବୀନ୍ଦ୍ର ମହାପାତ୍ର, ଛବିନ୍ଦ୍ର ଦଳାଇ, ସୁରେନ୍ଦ୍ର ତରାଇ, ବୈଷ୍ଣବ ଚରଣ ମହାରଥା, ପ୍ରଭଞ୍ଜନ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

# ବିଶ୍ୱମ୍ଭରଙ୍କ ଚିକିତ୍ସା ପାଇଁ ସହାୟତା



ଆଳି, ୨୯।୭
(ବନମାଳୀ ସେନାପତି)

ଆଳି ବ୍ଲକ ବାଳକାଟି ଗ୍ରାମର ବିଶ୍ୱମ୍ଭର ସାହୁଙ୍କ ଚିକିତ୍ସାରେ ଅର୍ଥ ବାଧକ ସାଜିଥିବା ବେଳେ ସହାୟତାର ହାତ ବଢାଇଛି ଆଳି ବ୍ଲକ ମାଣିକପାଟଣା ପଞ୍ଚାୟତର ଆମ ସ୍ୱାଭିମାନ ସ୍ୱେଚ୍ଛାସେବୀ ଅନୁଷ୍ଠାନ। ସୂଚନା ଅନୁଯାୟୀ, ବିଶ୍ୱମ୍ଭରଙ୍କ ଗୋଡ଼ ଉପରେ ଏକ ଗଛ ପଡି ଡାହାଣ ଗୋଡ଼ ଭାଙ୍ଗିଯାଇଛି। ଅପରେଶନ ହୋଇ ସାରିଥିବାବେଳେ ରେଗୁଲାର ଚେକଅପ ଓ ଇଞ୍ଜେକେଶନ ଲାଗି ୫ ହଜାର ଟଙ୍କା ଆବଶ୍ୟ ହେଉଥିବାରୁ ତାଙ୍କ ନିକଟରେ ଅର୍ଥର ଅଭାବ ଦେଖାଦେଇଛି। ବିଶ୍ୱମ୍ଭର ଏକମାତ୍ର ରୋଜଗାରିଆ ବ୍ୟକ୍ତିଥିବାରୁ ସେ ଏବେ ଶଯ୍ୟାରେ ପଡିଥିବାରୁ ପରିବାର ଲୋକ ଚିନ୍ତାରେ ପଡିଛନ୍ତି। ବିଶ୍ୱମ୍ଭରଙ୍କ ଚିକିତ୍ସାରେ ଅର୍ଥ ବାଧକ ସାଜିଥିବା ନେଇ 'ଧରିତ୍ରୀ'ରେ ଖବର ପ୍ରକାଶ ପାଇବା ପରେ ଆଳି ଆମ ସ୍ୱାଭିମାନ ଟ୍ରଷ୍ଟର ସଦସ୍ୟମାନେ ପହଞ୍ଚି ସହଯୋଗର ହାତ ବଢ଼ାଇଛନ୍ତି। ସହାୟତା ଦେବା ବେଳେ ଟ୍ରଷ୍ଟର ସଭାପତି ବିନୋଦ କୁମାର ତରାଇ , ଦେବେନ୍ଦ୍ର ଦାଶ, ଶିବ ପ୍ରସାଦ ବେହେରା, ପ୍ରଶାନ୍ତ ବିଶ୍ୱାଳ, ସଞ୍ଜୟ ସ୍ୱାଇଁ, ନବକିଶୋର ପରିଡ଼ା, ସୁଶାନ୍ତ ବେହେରା, ସୁନୀଲ୍ ବେହେରା, ଅଜ୍ଞାନ ସାହୁ, ଆଦିତ୍ୟ ରାଉତ, ଅନିରୁଦ୍ଧ ସେଠୀ, ରାଜକିଶୋର ବିଶ୍ୱାଳ ପ୍ରମୁଖ ସଦସ୍ୟମାନେ ଉପସ୍ଥିତ ଥିଲେ।

# ବ୍ୟକ୍ତିଗତ ମାଲିକାନାରେ ଥିବା ଗୃହରେ ରହୁଛି ରାଶନ ସାମଗ୍ରୀ

ନାଉଗାଁ,୨୯।୭(ସୁଧା ବେହୁରା)

**ଜାମୁଗାଁ ପଞ୍ଚାୟତ**

- ସରକାରୀ ଗୋଦାମରେ ରହୁନାହିଁ ରାଶନ
- ଇମେଲ୍ ଜରିଆରେ ବିଡିଓଙ୍କୁ ଅଭିଯୋଗ

ନାଉଗାଁ ବ୍ଲକ ଅନ୍ତର୍ଗତ ଜାମୁଗାଁ ପଞ୍ଚାୟତରେ ଖାଦ୍ୟ ସୁରକ୍ଷା ଯୋଜନାରେ ପ୍ରଦାନ କରାଯାଉଥିବା ଖାଉଟି ସାମଗ୍ରୀ ସରକାରୀ ଗୋଦାମ ଗୃହରେ ନ ରହି ବ୍ୟକ୍ତିଗତ ମାଲିକାନାରେ ଥିବା ଗୃହରେ ରହୁଛି। ଏନେଇ ହିତାଧିକାରୀମାନେ ବିଡିଓ ତପନ କୁମାର ମହାପାତ୍ରଙ୍କ ନିକଟରେ ଇ-ମେଲ ଜରିଆରେ ଅଭିଯୋଗ କରିଛନ୍ତି। ସେମାନଙ୍କ ଅଭିଯୋଗ ମୁତାବକ, ଉକ୍ତ ପଞ୍ଚାୟତର ଖାଦ୍ୟ ସାମଗ୍ରୀ ରଖିବା ପାଇଁ ସରକାରୀ ଗୋଦାମ ଗୃହ ରହିଛି। ଉକ୍ତ ଗୋଦାମ ଘରେ ଦୀର୍ଘ ୧୫ ବର୍ଷ ହେବ ଖାଦ୍ୟ ସାମଗ୍ରୀ ବଣ୍ଟନ କରାଯାଉଥିଲା। କିନ୍ତୁ ନିଯୁକ୍ତ ଡିଲର ସ୍ଥିରୀକୃତ ଗୋଦାମ ଗୃହରେ ଷ୍ଟକ୍ ନ ରଖି ବ୍ୟକ୍ତିଗତ ସ୍ଥାନରେ ଗଚ୍ଛିତ ରଖି ବଣ୍ଟନ କରୁଛନ୍ତି। ବଣ୍ଟନ କରାଯାଉଥିବା ସ୍ଥାନଟି ହିତାଧିକାରୀମାନଙ୍କ ଘରଠାରୁ ଦୂରରେ ରହୁଥିବାରୁ ସାମଗ୍ରୀ ଆଣିବା ପାଇଁ ସେମାନଙ୍କୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ତେଣୁ ପୂର୍ବ ନିର୍ଦ୍ଧାରିତ ସ୍ଥାନରେ ସାମଗ୍ରୀ ରଖି ବଣ୍ଟନ କରିବାକୁ ହିତାଧିକାରୀମାନେ ଦାବି କରିଛନ୍ତି। ଉକ୍ତ ଅଭିଯୋଗ ପତ୍ରରେ ହୃଦାନନ୍ଦ ସ୍ୱାଇଁ, ଭବାନୀ ଶଙ୍କର ମିଶ୍ର, ନଳିନୀ କାନ୍ତ ସ୍ୱାଇଁ, ତନୁଶ୍ରୀ ଭୋଇ, ରୋଜାଲିନ ଦାସ, ଚାରୁବାଳା ରାଉତ ପ୍ରମୁଖଙ୍କ ସ୍ୱାକ୍ଷର ରହିଛି। ଏହାର ନକଲ କପି ଜାମୁଗାଁ ସରପଞ୍ଚ ଓ ଜିଲାପାଳଙ୍କ ଅବଗତି ନିମନ୍ତେ ପଠାଯାଇଛି। ଏ ବିଷୟରେ ବ୍ଲକ ଯୋଗାଣ ଅଧିକାରୀ ପ୍ରଦୀପ୍ତ ପ୍ରସନ୍ନ ନାୟକଙ୍କୁ ମୋବାଇଲ୍ ନମ୍ବରରେ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ ଉଠାଇ ନ ଥିଲେ।

### ୩ ଟ୍ରକ୍‌ରୁ ୬ ବ୍ୟାଟେରି ଚୋରି

କୁଜଙ୍ଗ,୨୯।୭(ମନୋଜ ପ୍ରଧାନ)

କୁଜଙ୍ଗ ଥାନା ଅଞ୍ଚଳରେ ରବିବାର ଗୋଟିଏ ରାତିରେ ୩ ଟ୍ରକ୍‌ରୁ ବ୍ୟାଟେରି ଚୋରି ହୋଇଛି। ଏନେଇ ଟ୍ରକ୍ ମାଲିକ ବିଶ୍ୱଜିତ ପ୍ରଧାନ କୁଜଙ୍ଗ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗ ଅନୁଯାୟୀ, ଥାନଠାରୁ ୫୦ ମିଟର ଦୂରରେ ପ୍ରଧାନ ସିମେଣ୍ଟ ନାମରେ ଏକ ଦୋକାନ ରହିଛି। ଏହି ଦୋକାନ ସମ୍ମୁଖରେ ତାଙ୍କର ୩ ଟ୍ରକ୍ ରଖାଯାଇଥିଲା। ସେ ରାତିରେ ଦୋକାନ ବନ୍ଦ କରି ଯିବାପରେ କୌଣସି ଦୁର୍ବୃତ୍ତ ଏସବୁ ଟ୍ରକର କବାଟ ଭାଙ୍ଗି ସେଥିରୁ ୬ଟା ବ୍ୟାଟେରି ଚୋରି କରି ନେଇଛନ୍ତି। ଅନୁରୁପ ଭାବେ ଗତ ଜୁନ୍‌ରେ ମଧ୍ୟ ତାଙ୍କର ଏକ ଟ୍ରକ୍‌ରୁ ୨ ବ୍ୟାଟେରି ଚୋରି ହୋଇଥିଲା ବୋଲି ସେ ଅଭିଯୋଗରେ ଦର୍ଶାଇଛନ୍ତି।

### ନାବାଳିକାଙ୍କୁ ଅସଦାଚରଣ: ସମ୍ପର୍କୀୟ ଭାଇ ଗିରଫ

ରସୁଲପୁର,୨୯।୭ (ରଂଜିତ ରାଉତ)

କୁଆଖିଆ ଥାନା ଅନ୍ତର୍ଗତ ସିଂହାପୁର ପଞ୍ଚାୟତରେ ପାରିବାରିକ କଳହକୁ କେନ୍ଦ୍ରକରି ଜଣେ ନାବାଳିକାଙ୍କୁ ତାଙ୍କ ବଡବାପା ପୁଅ ଭାଇ ଅସଦାରଚଣ କରିଥିବା ଥାନାରେ ଅଭିଯୋଗ ହୋଇଥିଲା। ଉକ୍ତ ଅଭିଯୋଗ ଆଧାରରେ ପୋଲିସ ଅଭିଯୁକ୍ତ ସମ୍ପର୍କୀୟ ଭାଇଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ଗତ ୨୬ ତାରିଖରେ ନାବାଳିକା ଜଣକ ଛେଳି ଚରାଇବାକୁ ବାହାରକୁ ଯାଇଥିବା ସମୟରେ ପୂର୍ବଦିନର ଶତ୍ରୁତାକୁ କେନ୍ଦ୍ରକରିସମ୍ପର୍କୀୟ ଭାଇ ତାଙ୍କୁଟଣାଓଟରା କରିଥିଲେ। ଏ ନେଇ ନାବାଳିକା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୋଲିସ ଥାନାରେ କେସ୍ ନଂ.୩୨୫/୨୪ରେ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ କରିଥିଲା।

# 'ମା', ବାପା, ସମାଜ ପାଇଁ ଉତ୍ସର୍ଗୀକୃତ ସେବା ହିଁ ଭଲ ମଣିଷର କର୍ତ୍ତବ୍ୟ'

ତିର୍ତ୍ତୋଲ, ୨୯ ।୭ (ଗୌରାଙ୍ଗ ଚରଣ ସ୍ୱାଇଁ)

**ରାଜ୍ୟସ୍ତରୀୟ ସାମାଜିକକର୍ମୀ, ସାହିତ୍ୟିକ ବନ୍ଧୁମିଳନ**



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ ପୁସ୍ତିକା ଉନ୍ମୋଚନ କରୁଛନ୍ତି।

ତିର୍ତ୍ତୋଲ ବ୍ଲକ ଆମ୍ଭେରୀ ପଞ୍ଚାୟତ ଅରିଲୋସ୍ଥିତ ଶିଶୁ ଅନନ୍ତ ଆଶ୍ରମରେ ରାଜ୍ୟସ୍ତରୀୟ ସାମାଜିକ କର୍ମୀ ଓ ସାହିତ୍ୟିକ ବନ୍ଧୁମିଳନ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ଆସ ଆମେ ଭଲ ମଣିଷ ହେବା ନାମରେ ଆୟୋଜିତ ଏହି ସମାରୋହରେ ବହୁ ବିଶିଷ୍ଟ ଅତିଥି ଯୋଗଦେଇଥିଲେ। ଏହି ଅବସରରେ ରକ୍ତଦାନ ଶିବିର, ଶିଶୁପତ୍ରିକା ଉନ୍ମୋଚନ, ଚାରା ବଣ୍ଟନ ଆଦି କାର୍ଯ୍ୟକ୍ରମ ହୋଇଥିଲା। ପୂଜ୍ୟ ପୂଜକ ପଦ୍ମଶ୍ରୀ ବାବା ବଳିଆଙ୍କ ମାର୍ଗଦର୍ଶନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଆବାହକ ଡ. ଅରୁଣ କୁମାର ପାଣି ସଭାପତିତ୍ୱ କରିଥିଲେ। ମୁଖ୍ୟବକ୍ତା ଭାବେ ଡ. ରୀନା ରାଉତରାୟ, ସମ୍ମାନିତ ଅତିଥି ଭାବେ ପୂର୍ବତନ ଶିକ୍ଷା ଶାସନ ସଚିବ ସହଦେବ ବେହେରା, ଶିଶୁ ଭବନର ସହକାରୀ ପ୍ରାଧ୍ୟାପକ ଡାକ୍ତର ନିରୋଜ ରାୟ, ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ଡ.ସୁଭାଷ ଚନ୍ଦ୍ର ରାଉତ, ଅଧ୍ୟାପକ ପ୍ରଶାନ୍ତ ଶତପଥୀ, ବିଶ୍ୱହିନ୍ଦୁ ପରିଷଦ ଜିଲା ସମ୍ପାଦକ ନଳିନୀଜୀ ମହାରାଜ, ସୁଶ୍ରୀ ଶୁଭଶ୍ରୀର ସମ୍ପାଦିକା ବସନ୍ତ ମଞ୍ଜରୀ ଦାସ ପ୍ରମୁଖ ଯୋଗଦେଇଥିଲେ। ଆସ ଆମେ ଭଲ ମଣିଷ ହେବାର ଆବାହକ ଡ. ପାଣି କହିଥିଲେ ମା', ବାପା ଓ ସମାଜରେ ଉତ୍ସର୍ଗୀକୃତ ସେବା ହିଁ ବାସ୍ତବିକ ଭଲ ମଣିଷର କର୍ତ୍ତବ୍ୟ ବୋଲି ଅତିଥିମାନେ କହିଥିଲେ। ଏହାପରେ ଅନୁଷ୍ଠିତ ଦ୍ୱିତୀୟ ଅଧିବେଶନରେ ମୁଖ୍ୟ ଅତିଥିଭାବେ ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ କବି ଡ. ସୁରେନ୍ଦ୍ର ନାଥ ତ୍ରିପାଠୀ, ମୁଖ୍ୟ ବକ୍ତାଭାବେ ଉତ୍କଳ ସାହିତ୍ୟ ସମାଜର ଉପସଭାପତି ଜୀବନାନନ୍ଦ ଅଧିକାରୀ, ସମ୍ମାନିତ ଅତିଥିଭାବେ ଗୀତିକବି ପ୍ରେମଚାନ୍ଦ ମହାନ୍ତି, ମକରଧ୍ୱଜ ଶିଳ୍ପ ତାଲିମ କେନ୍ଦ୍ରର ଅଧ୍ୟକ୍ଷ ମହେଶ୍ୱର ସ୍ୱାଇଁ, ଅଧ୍ୟାପିକା ରାଜଶ୍ରୀ ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ। ରମେଶ ଚନ୍ଦ୍ର ବେହେରା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମନୋରଞ୍ଜନ ତରାଇ, ଅମ୍ରିତା ତରାଇ, ସାରଦା ମଲ୍ଲ, ସାଗର ମହାରଣା, ସନ୍ତୋଷ ପଣ୍ଡା, ଭଞ୍ଜକିଶୋର ସୁତାର ଓ ସୁରେଶ ସ୍ୱାଇଁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ସଂକ୍ଷେପରେ

### ଦୁର୍ନୀତି ଅଭିଯୋଗ ପରେ ପଦବୀ ପରିବର୍ତ୍ତନ

ଭଞ୍ଜନଗର,୨୯।୭(ବାବୁଲା ପ୍ରଧାନ)

ଭଞ୍ଜନଗର ନିୟନ୍ତ୍ରିତ ବଜାର କମିଟି (ଆର୍‌ଏମସି) କାର୍ଯ୍ୟାଳୟରେ ଗୋଟିଏ ପରେ ଗୋଟିଏ ଦୁର୍ନୀତି ଅଭିଯୋଗ ଆସୁଛି। ବିଗତ କିଛି ବର୍ଷ ହେବ ଏହି ସମସ୍ୟା ଲାଗି ରହିଛି। ଯେଉଁଠି ଠୋସ ପ୍ରମାଣ ମିଳୁଛି ସେଠି କର୍ମଚାରୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯାଉଛି। ଯେଉଁଠି ଠୋସ ପ୍ରମାଣ ମିଳୁନାହିଁ ସେଠି ବିକଳ୍ପ ପଦକ୍ଷେପ ନେଉଛନ୍ତି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ। ଏହିଭଳି କିଛିଦିନ ପୂର୍ବେ କିଛି କର୍ମଚାରୀଙ୍କ ବିରୁଦ୍ଧରେ ଅର୍ଥ ଆତ୍ମସାତ ଅଭିଯୋଗ ଆସିଥିଲା। ଏହାପରେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଘଟଣାର ତଦନ୍ତ କରିଥିଲେ। ବର୍ତ୍ତମାନ ସୁଧା ତଦନ୍ତର ଅଗ୍ରଗତି ଜଣାପଡ଼ିନାହିଁ । ତଥାପି ଘଟଣାର ଠିକି ନିଖି ଭାବେ ତଦନ୍ତ ଚାଲିଥିବା ଜଣାପଡିଛି । ପ୍ରମାଣ ଯଦି ମିଳିବ ତେବେ ସମ୍ପୃକ୍ତ କର୍ମଚାରୀମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ। କିନ୍ତୁ ଉକ୍ତ ଅଭିଯୋଗ ଆସିବା ପରେ କାର୍ଯ୍ୟାଳୟ ଏବଂ ଫିଲ୍ଡରେ ବ୍ୟାପକ ଅଦଳବଦଳ କରାଯାଇଛି। କିଛି କର୍ମଚାରୀଙ୍କୁ ଭଞ୍ଜନଗର କାର୍ଯ୍ୟାଳୟରୁ ଫିଲ୍ଡକୁ ବଦଳିହୋଇଛି। ଫିଲ୍ଡରେ ଥିବା କିଛି କର୍ମଚାରୀଙ୍କୁ କାର୍ଯ୍ୟାଳୟକୁ ବଦଳି ହୋଇଛି। ନୂତନ ହିସାବରକ୍ଷକ ଭାବେ ନୀଳକଣ୍ଠ ସ୍ୱାଇଁ ଏବଂ ଅନ୍ୟମାନେ ଭଞ୍ଜନଗର କାର୍ଯ୍ୟାଳୟ କାର୍ଯ୍ୟରେ ସୋମବାର ଯୋଗ ଦେଇଛନ୍ତି। କିନ୍ତୁ ଏବେବି କିଛି କର୍ମଚାରୀ ପରସ୍ପର ବିରୋଧରେ ଅଭିଯୋଗ କରୁଛନ୍ତି। ତେଣୁ ଏହି ବିବାଦ ଆଗକୁ ବଢ଼ିବା ସମ୍ଭାବନା ରହିଛି। ଏହା ପୂର୍ବରୁ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଆବଶ୍ୟକ ପଦକ୍ଷେପ ନେବାର ଆବଶ୍ୟକତା ରହିଛି।

### ଲାୟନ୍ସ କ୍ଲବର ଅଧିଷ୍ଠାନ ଉତ୍ସବ

କବିସୂର୍ଯ୍ୟନଗର,୨୯।୭(କୃପାସିନ୍ଧୁ ସ୍ୱାଇଁ)

କବିସୂର୍ଯ୍ୟନଗର ଲାୟନ୍ସ କ୍ଲବର ଅଧିଷ୍ଠାନ ଉତ୍ସବ ସଭାପତିଙ୍କ ବାସଭବନରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ୨୦୨୪ –୨୦୨୫ ବର୍ଷ ପାଇଁ ସଭାପତି ଭାବେ ଇ. ମାହେଶ୍ୱରୀ ଦୋରା, ସମ୍ପାଦକ ଭାବେ କୃପାସିନ୍ଧୁ ସ୍ୱାଇଁ, ଉପସଭାପତି ବିବେକାନନ୍ଦ ସାହୁ, କୋଷାଧ୍ୟକ୍ଷ ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷା ପୁଷ୍ପାଞ୍ଜଳି ମହାପାତ୍ର ନିର୍ବାଚିତ ହେବା ସହ ନିଜ କାର୍ଯ୍ୟ ସୂଚାରୁ ରୂପେ କରିବା ପାଇଁ ଶପଥ ଗ୍ରହଣ କରିଛନ୍ତି। କାର୍ଯ୍ୟକ୍ରମରେ ଇନଷ୍ଟାଲେସନ ଅଫିସର ଭାବେ ଭିଡ଼ିଜି ୨, ଇଂ. ଅଶ୍ୱିନୀ କୁମାର ଦାସ, ଫାଷ୍ଟ ଲେଡି ତଥା ରିଜନ ଚେୟାରପରସନ ସୁଶ୍ରୀତା ଦାସ, ସମ୍ମାନିତ ଅତିଥି ଭାବେ କବିସୂର୍ଯ୍ୟନଗର ଇଣ୍ଡିଆନ ଓଭରସିଜ ବ୍ୟାଙ୍କ ମ୍ୟାନେଜର ଶକ୍ତିସ୍ୱରୂପ ମହାରଣା ଯୋଗ ଦେଇଥିଲେ। ପ୍ରାକ୍ତନ ସଭାପତି ଅକ୍ଷୟ କୁମାର ମିଶ୍ରଙ୍କ ପୌରାହିତ୍ୟରେ ଅନୁଷ୍ଠିତ ସଭାରେ ଲୟନ ଡା. ଭାଗିରଥି, ଇଂ. ଦିଲ୍ଲୀପ କୁମାର ଖଣ୍ଡୁଆଳ, ଏପିପି ଲୟନ ସୁକୁମାର ମାଝୀ, ସୁପ୍ରଭା ଶତପଥୀ, ମୁକ୍ତିସୁଧା ମାଝୀ, ସମାଜିକ କର୍ମୀ ଶ୍ୱେତ ଦୋରା, ରାମପ୍ରସାଦ ମହାରଣା ଉପସ୍ଥିତ ଥିଲେ। ମୁଖ୍ୟ ଅତିଥିଙ୍କ ଦ୍ୱାରା ବ୍ୟାଙ୍କ ମ୍ୟାନେଜର ମହାରଣାଙ୍କୁ ପୁଷ୍ପଗୁଚ୍ଛ, ଉପଢୌକନ ଓ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା। ଶେଷରେ ବଡଆଗୁଳ ଠାରେ ଚାରାରୋପଣ ହୋଇଥିଲା । ଦିଲିପ କୁମାର ଖଣ୍ଡୁଆଳ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ତ୍ରିପାକ୍ଷିକ ବୈଠକରୁ ବାହାରିଲାନି ନିଷ୍କର୍ଷ

## ଘରୋଇ ବସ୍ ଓ ଲକ୍ଷ୍ମୀ ବସ୍ ବିବାଦର ସମାଧାନ ଉଦ୍ୟମ



ଛତ୍ରପୁର, ୨୯।୭ (ଦିଲୀପ ସାମଲ):

ଗଞ୍ଜାମ ଜିଲାରେ ଓଏସଆରଟିଏସ ପକ୍ଷରୁ ଲକ୍ଷ୍ମୀ ବସ୍ ନିଜ ମନମୁତାବକ ଚଳାଚଳ କରୁଥିବାରୁ ଘରୋଇ ବସ ମାଲିକମାନେ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହାର ସମାଧାନ ନେଇ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ତ୍ରିପାକ୍ଷିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଗଞ୍ଜାମ ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ମଧୁମିତା ଅଧ୍ୟକ୍ଷତା କରିଥିଲେ। ଦୀର୍ଘ ୪୦ ବର୍ଷ ହେଲା ଘରୋଇ ବସ ମାଲିକ ସଂଘ ଲୋକଙ୍କୁ ଉକ୍ତ ସେବା ଯୋଗଦେଇ ଆସୁଥିବା ବେଳେ ଚଳିତ ନିର୍ବାଚନ ପରେ ଲକ୍ଷ୍ମୀ ବସ ନିଜ ଇଛାରେ ରୁଟ ବାହାରେ କୌଣସି ସମୟ ନ ମାନି ଇଛା ମୁତାବକ ଚଳାଉଛନ୍ତି, ଯାହା ଫଳରେ ବସ୍ ମାଲିକ ସଂଘ ଦୈନିକ କ୍ଷତି ସହିବା ସହ ନିଜ ପରିବାର ଚଳାଇବା ଅତି କଷ୍ଟକର ହୋଇପଡିଛନ୍ତି ବୋଲି ଘରୋଇ ବସ୍ ମାଲିକ ସଂଘର ସଭାପତି ସନ୍ତୋଷ କୁମାର ପତି କହିଥିଲେ। ପ୍ରତି ବ୍ଲକରେ ୬ରୁ ୭ଟି ଲକ୍ଷ୍ମୀ ବସ ଚାଲୁଥିବାରୁ ଆମେ କ୍ଷତିସହୁଛୁ। ପ୍ରତି ବ୍ଲକରେ ବିଡିଓଙ୍କ ଉପସ୍ଥିତିରେ ଲକ୍ଷ୍ମୀ ବସ୍ ଓ ଘରୋଇ ବସ୍ ମିଶି ଏକ ରୁଟ ଚାର୍ଟ ସହ ସମୟ ନିର୍ଦ୍ଧାରଣ କରାଯିବା ନେଇ ବୈଠକରେ କୁହାଯାଇଛି। ଯଦି ଲକ୍ଷ୍ମୀ ବସ୍ ରୁଟ ଚାର୍ଟ ଓ ନିର୍ଦ୍ଧାରିତ ସମୟ ଅବମାନନା କରିବେ ତେବେ ସେମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କୁହାଯାଇଛି। ଜିଲାରେ ଏବେ ୨୨ଟି ବ୍ଲକରେ ୧୨୪ଟି ଲକ୍ଷ୍ମୀ ବସ ଚାଲୁଛି। ତେବେ ବୈଠକରେ କୌଣସି ନିଷ୍ପତି ବାହାରି ନଥିବା ଘରୋଇ ବସ ମାଲିକ ସଂଘର ସଭାପତି ଶ୍ରୀ ପତି ଗଣମାଧ୍ୟମକୁ ସୂଚନା ଦେଇଛନ୍ତି । ଆସନ୍ତା ୧ରେ ରାଜ୍ୟସ୍ତରୀୟ ଏକ ବୈଠକ ରହିଛି, ସେଠି ଯଦି କୌଣସି ସମାଧାନ ବାଟ ନ ବାହାରିବ ତେବେ ତେବେ ସେମାନେ ବାଧ୍ୟ ହୋଇ ଆନ୍ଦୋଳନ ପନ୍ଥା ଗ୍ରହଣ କରିବେ ବୋଲି ଚେତାବନୀ ଦେଇଛନ୍ତି। ଏହି ବୈଠକରେ ଆରଟିଓ ମାନସ ରଞ୍ଜନ ସାହୁ, ଓଏସଆରଟିଏସ ଲକ୍ଷ୍ମୀ ବସ୍‌ର ଅରୁଣ କୁମାର ସାହୁଙ୍କ ସମେତ ଘରୋଇ ବସ ମାଲିକ ଏବଂ ଲକ୍ଷ୍ମୀ ବସ ସୁପରଭାଇଜରମାନେ ଉପସ୍ଥିତ ଥିଲେ।

# ସ୍ୱାଧୀନତା ଦିବସ ପ୍ରସ୍ତୁତି ବୈଠକ



ବୈଠକରେ ଉପସ୍ଥିତ କର୍ମକର୍ତ୍ତା ।

ଭଞ୍ଜନଗର,୨୯।୭(ବାବୁଲା ପ୍ରଧାନ):

ଭଞ୍ଜନଗର ଉପଖଣ୍ଡସ୍ତରୀୟ ସ୍ୱାଧୀନତା ଦିବସ କିଭଳି ଯାକଜକମରେ ପାଳନ ହୋଇପାରିବ ସେନେଇ ସୋମବାର ସ୍ଥାନୀୟ ଉପ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଏକ ପ୍ରସ୍ତୁତି ଅନୁଷ୍ଠିତ ହୋଇଯାଇଛି। ଏଥିରେ ଉପ ଜିଲାପାଳ ଅନୀଲ କୁମାର ସେଠୀ ଅଧ୍ୟକ୍ଷତା କରି ଚଳିତ ବର୍ଷ ଉପଖଣ୍ଡର ସମସ୍ତ ୮ଟି ବ୍ଲକ ଓ ୫ଟି ଏନଏସିର ପ୍ରତିଯୋଗୀମାନଙ୍କୁ ନେଇ ପ୍ରତିଯୋଗିତା ହେବ ବୋଲି କହିଥିଲେ। ଏଥିସହ ପ୍ୟାରେଡରେ ମଧ୍ୟ ଉପଖଣ୍ଡର ୧୩ ଟି ଅଞ୍ଚଳ ଛାତ୍ରୀଛାତ୍ର କିଭଳି ଭାଗନେବେ ସେଥିପାଇଁ ପଦକ୍ଷେପ ନିଆଯିବ। ବୈଠକରେ ଥାନା ଅଧିକାରୀ କୁମର ମୁଦୁଲି, ତହସିଲଦାର ଉମାଶଙ୍କର ବେହେରା, ମେଡିକାଲ ପରିଚାଳକ ବିଚିତ୍ର ପାଣିଗ୍ରାହୀ, ଅବକାରୀ ଇନ୍ସପେକ୍ଟର ଅଂଶୁମାନ ଜେନା, ପୂର୍ତ୍ତ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ପ୍ରତାପ ଚନ୍ଦ୍ର କୁମାର ନାୟକ, ଫାୟର ଅଫିସର୍ ସମୀର କୁମାର ବିଶ୍ୱାଳ, ସୁନିଲ କୁମାର ପଟ୍ଟନାୟକ, ବିଇଓ ଏସ ଧନଜୟ, ଏଏନଓ ରଜନୀକାନ୍ତ ତ୍ରିପାଠୀ, ବିଦ୍ୟୁତ ବିଭାଗ ଏସଡିଓ ସୁଦୀପ କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଗୌରୀ ଶଙ୍କର ଶତପଥି ସଭାକୁ ସଂଯୋଜନା କରିଥିଲେ।

# ପାଲାରସିଂଠାରେ ମିଳିତ ଜନ ଅଭିଯୋଗ ଶୁଣାଣି

ପାରଳାଖେମୁଣ୍ଡି, ୨୯।୭ (ଗିରିଧାରୀ ପରିଛା):





ଗଜପତି ଜିଲା କାଶୀନଗର ବ୍ଲକ ଅନ୍ତର୍ଗତ ଖାଣ୍ଡବା ଗ୍ରାମ ପଞ୍ଚାୟତର ପାଲାରସିଂ ଗ୍ରାମ ସମ୍ମିଳନୀ କକ୍ଷଠାରେ ଗ୍ରାମ୍ୟମୁଖୀ ପ୍ରଶାସନ ସହ ସଂଯୁକ୍ତ ଜନଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି । ଏହି ଅଭିଯୋଗ ଶୁଣାଣିରେ ଜିଲାପାଳ ସ୍ମୃତିରଞ୍ଜନ ପ୍ରଧାନ, ଏସପି ସ୍ୱାତୀ ଏସ କୁମାର, ପ୍ରକଳ୍ପ ପ୍ରଶାସକ ଦିଲୀପ କୁମାର ବେହେରା ପ୍ରମୁଖ ଯୋଗଦେଇ ଖାଣ୍ଡବା ଗ୍ରାମ ପଞ୍ଚାୟତ ସମେତ ବୁଦୁରା, ଗୋରିବନ୍ଧ ଓ ଅଲଡ଼ା ପଞ୍ଚାୟତର ସମୁଦାୟ ୧୧୫ଟି ଅଭିଯୋଗ ପତ୍ର ଗ୍ରହଣ କରାଯାଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ଅଭିଯୋଗ ୫୯ଟି, ଗ୍ରାମଭିତ୍ତିକ ସମସ୍ୟା ୫୬ଟି ଓ ଗୋଟିଏ ଅଭିଯୋଗକୁ ତୁରନ୍ତ ସମାଧାନ କରାଯାଇଛି। ଏହି ଅଭିଯୋଗ ଶୁଣାଣି ଶିବିରରେ ସାମାଜିକ ସୁରକ୍ଷା, ଜମି ପଟ୍ଟା, ମନରେଗା, ଗୃହ ନିର୍ମାଣ, ରାସନ କାର୍ଡ, ଶିକ୍ଷା, ଜଳସେଚନ ରାସ୍ତା ସମସ୍ୟା ଭଳି ବିଭିନ୍ନ ସମସ୍ୟା ନେଇ ଅଭିଯୋଗ ଆସିଥିଲା। ଅନ୍ୟମାନଙ୍କ ମଧ୍ୟରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ବାଲା ଶାୟାମା, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଡମ୍ବରୁଧର ମଲ୍ଲିକ, ତହସିଲଦାର ଅଶୋକ କୁମାର ପ୍ରଧାନ, ନିର୍ବାହୀ ଅଧିକାରୀ ଭଗବତ ସାହୁ ଓ ସ୍ଥାନୀୟ ସରପଞ୍ଚ ସିଏଚ. ମାଧବୀ ସମେତ ସମସ୍ତ ଜିଲାସ୍ତରୀୟ ଅଧିକାରୀଗଣ ଉପସ୍ଥିତ ଥିଲେ।

### ଆଇନ ସଚେତନତା କାର୍ଯ୍ୟକ୍ରମ

ଛତ୍ରପୁର, ୨୯।୭ (ଦିଲୀପ ସାମଲ): ଛତ୍ରପୁର ତାଲୁକ ଆଇନ ସେବା କମିଟି ପକ୍ଷରୁ ସ୍ଥାନୀୟ ସରକାରୀ ବିଜ୍ଞାନ ମହାବିଦ୍ୟାଳୟରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ କମିଟିର ଅଧ୍ୟକ୍ଷ ତଥା ଅତିରିକ୍ତ ଜିଲା ଓ ଦୌରାଜଜ ମନୋରଞ୍ଜନ ଦାଶ ଅଧ୍ୟକ୍ଷତା କରି ନାବାଳକ ନ୍ୟାୟ ଓ ଶିକ୍ଷା ଅଧିନିୟମ ବିଷୟରେରେ ଛାତ୍ରୀଛାତ୍ରମାନଙ୍କୁ ସଚେତନତା କରାଇଥିଲେ । ଏଥିରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼ଃ ଅଜୟ କୁମାର ତ୍ରିପାଠୀ, ଏସ୍‌ଡିଜେଏମ ପ୍ରିତିଶ କୁମାର ରଥ, ଛତ୍ରପୁର ଏସଡିପିଓ ଗୌରହରି ସାହୁ, କମିଟିର ସଦସ୍ୟ ମନୋଜ କୁମାର ପାଢ଼ୀ, ଆଇନଜୀବୀ ବ୍ରଜ ମୋହନ ଆଚାର୍ଯ୍ୟ, ଶ୍ୟାମ ରାଓ ଓ ପି. ଧର୍ମା ରେଡ୍ଡୀ ପ୍ରମୁଖ ଯୋଗଦେଇ ଆଇନ ସମ୍ପର୍କିତ ବିଭିନ୍ନ ସଚେତନତା କରିଥିଲେ । ଛତ୍ରପୁର ସରକାରୀ ବିଜ୍ଞାନ ମହାବିଦ୍ୟାଳୟର ବହୁ ଅଧାପକ, ଅଧାପିକା ଓ ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ।

### ବୟସ ୮୦, ମିଳୁନି ରାଶନ ଚାଉଳ



ଦ୍ରୋପଦି ବିଶୋଇ

ଖଜୁରିପଡ଼ା,୨୯।୭(ବିଦୁର ବେହେରା)

ବୟସ ଏବେ ୮୦ ଛୁଇଁବ କିନ୍ତୁ ସରକାରଙ୍କ ରାସନ ଚାଉଳ ପାଇବାରୁ ବଞ୍ଚିତ ହୋଇଛନ୍ତି ଖଜୁରୀପଡ଼ା ବ୍ଲକର ପଞ୍ଚାୟତ ବଲସକୁମ୍ପା ଗାଁରେ । ଏହି ଗାଁରେ ଦ୍ରୋପଦି ବିଶୋଇ ୭୯ ବର୍ଷୀୟ ବୃଦ୍ଧା ଜୀବନ ଯାପନ କରୁଛି ।ଯାହାର ରାସନ କାର୍ଡ ଖଣ୍ଡେ ନାହିଁ ।ବିଧବା ଜଣକ କେବଳ ଭତ୍ତା ଟଙ୍କାରେ ଚଳୁଛି। ଦ୍ରୋପଦି ରାସନ କାର୍ଡ ପାଇଁ ବ୍ଲକ କାର୍ଯ୍ୟାଳୟକୁ ଦୌଡ଼ି ଦୌଡ଼ି ନୟାନ୍ତ ହୋଇ ଯାଇଥିଲେ ସୁଧା ରାସନ କାର୍ଡ ଖଣ୍ଡେ ହେଲା ନାହିଁ। ଶେଷରେ ଭାଗ୍ୟକୁ ଆଦରି ରହିଛନ୍ତି। ଏ ନେଇ ବ୍ଲକ ଖାଦ୍ୟ ଯୋଗାଣ ଅଧିକାରୀ ପ୍ରିତିରଞ୍ଜନ ବିଶାଳଙ୍କୁ ପଚାରିବାରୁ ନିଶ୍ଚିତ ଭାବେ ଖାଦ୍ୟ ନିରାପତ୍ତା ଆଇନରେ ସଂଯୋଗ କରି କାର୍ଡ କରାଯିବ ବୋଲି ସେ କହିଛନ୍ତି।

# କେ. ଏମ. ଭାଲିଆସାହି ଉଚ୍ଚ ବିଦ୍ୟାଳୟରେ ଶିକ୍ଷା ଶପଥ ପାଳିତ

ଆର,ଉଦୟଗିରି, ୨୯।୭ (ମନୋଜ କୁମାର ପାଢୀ):



ଗଜପତି ଜିଲାର ଆର. ଉଦୟଗିରି ବ୍ଲକ ଅନ୍ତର୍ଗତ କେ. ଏମ. ଭାଲିଆସାହି ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ବିଦ୍ୟାଳୟସ୍ତରୀୟ ଶିକ୍ଷା ଶପଥ କାର୍ଯ୍ୟକ୍ରମ ପାଳିତ ହୋଇଯାଇଛି । ପ୍ରଧାନଶିକ୍ଷକ ରାମଚନ୍ଦ୍ର ଦଳବେହେରାଙ୍କ ପ୍ରରୋଚନାରେ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କର ମିଳିତ ସହଯୋଗକ୍ରମେ ଛାତ୍ରୀଛାତ୍ରମାନଙ୍କୁ ନେଇ ଉକ୍ତ କାର୍ଯ୍ୟକ୍ରମ ସଫଳତାର ସହିତ ସମାପନ ହୋଇଛି । ଏହି ଅବସରରେ ପରିବେଶରୁ ଏବଂ ସୁଲଭରେ ମିଳୁଥିବା ବିଭିନ୍ନ ଉପକରଣରୁ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତ କରିବା ଏବଂ ଏହାକୁ ପ୍ରଦର୍ଶନ କରାଇବା, ଏଫଏଲଏନ ସାମଗ୍ରୀ ପ୍ରଦର୍ଶନ ଏବଂ ଏହାର ବ୍ୟବହାର, କ୍ରୀଡା ସାମଗ୍ରୀ ପ୍ରଦର୍ଶନ ଏବଂ ଏହାର ବ୍ୟବହାର କୌଶଳ ତଥା ବିଭିନ୍ନ ପ୍ରତିଯୋଗିତା, ସାଂସ୍କୃତିକ କାର୍ଯ୍ୟକ୍ରମରେ ନାଚ, ଗୀତ, ଭାଷଣ ଆଦିକୁ ସ୍ଥାନିତ କରାଇବା, ନିଜର ଦକ୍ଷତା ଏବଂ କମ୍ପ୍ୟୁଟର ବ୍ୟବହାର ତଥା ଆଜିର ଯୁଗରେ ଏହାର ଆବଶ୍ୟକତା, ଇକୋକ୍ଲବ ଜରୀଆରେ ବୃକ୍ଷ ରୋପଣ, ପୋଷଣ, ସୁଷମ ଖାଦ୍ୟ ବିଷୟରେ ସବିଶେଷ ଧାରଣା ଏବଂ ପରିଶେଷରେ ସମ୍ପ୍ରଦାୟ ଯୋଗଦାନ ଦିବସ ଆଦି କାର୍ଯ୍ୟକ୍ରମ ଅତି ସୂଚାରୁ ରୂପେ ପାଳିତ ହୋଇଯାଇଛି । ଏହା ଦ୍ୱାରା ପିଲାମାନଙ୍କର ପାଠପଢା, ସ୍ୱାସ୍ଥ୍ୟ ଏବଂ ପରିବେଶ ସୁରକ୍ଷା ପ୍ରତି ଆଗ୍ରହ ସୃଷ୍ଟି ହେଉଥିବା ଲକ୍ଷ୍ୟ କରାଯାଇଛି।

### ଯୁବକଙ୍କ ଆତ୍ମହତ୍ୟା

ଖଲ୍ଲିକୋଟ,୨୯।୭(ପ୍ରଶାନ୍ତ କୁମାର ମିଶ୍ର): ଖଲ୍ଲିକୋଟ ଏନ୍‌ଏସି ଅନ୍ତର୍ଗତ ୫ନଂ. ୱାର୍ଡ ନୂଆସାହିର ଜଣେ ଯୁବକ ସୋମବାର ବିଷ ପିଇ ଆତ୍ମହତ୍ୟା କରିଛନ୍ତି। ସେ ହେଲେ ସୁନୀଲ କୁମାର ଦାସ। ଘରେ କୌଣସି କାରଣକୁ ନେଇ ସୁନୀଲ ବିଷ ପିଇ ଗୁରୁତର ହୋଇପଡ଼ିଥିଲେ। ପରିବାର ଲୋକେ ତାଙ୍କୁ ଖଲ୍ଲିକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ଖଲ୍ଲିକୋଟ ଥାନା ଏସଆଇ ପାର୍ଥ ପ୍ରତିମ ଦେବତା, ଏଏସଆଇ ହରିକୃଷ୍ଣ ସାମଲ ମେଡ଼ିକାଲରେ ପହଞ୍ଚି ମୃତଦେହକୁ ଜବତ କରି ଘଟଣାର ତଦନ୍ତ ଚଳାଇଛନ୍ତି। ନଂ. ୧୭/୨୪ ରେ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

# ଆଶ୍ରମ ବିଦ୍ୟାଳୟ ପରିଦର୍ଶନ କଲେ ତହସିଲଦାର



ତହସିଲଦାରଙ୍କ ସହିତ ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତୀ।

ଧରାକୋଟ,୨୯।୭(ବିଷ୍ଣୁକେଶରୀ ଆଚାର୍ଯ୍ୟ):

ଧରାକୋଟ ତହସିଲଦାର ଲମ୍ବୋଦର ମାରାଣ୍ଡି ବ୍ଲକର ୨ ଆଶ୍ରମ ବିଦ୍ୟାଳୟ ପରିଦର୍ଶନ କରି ସ୍ଥିତି ପରଖିଛନ୍ତି। ତହସିଲଦାର ପ୍ରଥମେ ବଳରାମପୁର ଆଶ୍ରମ ବିଦ୍ୟାଳୟରେ ପହଞ୍ଚି ବର୍ଷାଦିନେ ସେଠାରେ ପରିବେଶ ଓ ସ୍ୱଚ୍ଛତା ଅନୁଧ୍ୟାନ କରିଥିଲେ। ବିଦ୍ୟାଳୟର ଉଭୟ ବାଳିକା ଓ ବାଳିକ ଛାତ୍ରାବାସକୁ ଯାଇ ପିଲାମାନଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ। ଠିକ ସମୟରେ ପିଲାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ହେଉଛି କି ନାହିଁ, ଖାଦ୍ୟର ମାନ, ରାତିରେ ମଶାରୀ ବ୍ୟବହାର କରୁଛନ୍ତି କି ନାହିଁ ପଚାରି ବୁଝିଥିଲେ। ପ୍ରଧାନଶିକ୍ଷକ ଅଜୟ କୁମାର ଦାସ, ଛାତ୍ରାବାସ ସହ ପରିଚାଳକ ଗଣେଶ ସାହୁ, ସହ ପରିଚାଳିକା ଉଷାରାଣୀ ଶତପଥୀ, ମ୍ୟାଟ୍ରନ ମିନତି ଜେନା ଓ ଏଏନଏମ ପୁଷ୍ପାଞ୍ଜଳି ସାହୁ ପ୍ରମୁଖ ଉପସ୍ଥିତ ରହିଥିଲେ। ସେହିପରି ସାବା ସରକାରୀ ଆଶ୍ରମ ବିଦ୍ୟାଳୟରେ ମଧ୍ୟ ତହସିଲଦାର ପରିବେଶ ପରିଷ୍କାର ପରିଚ୍ଛନ୍ନତା ଆଦି ଅନୁଧ୍ୟାନ କରି ଛାତ୍ରୀଛାତ୍ରମାନଙ୍କ ସହ ଭାବ ବିନିମୟ କରିଥିଲେ। ପ୍ରଧାନ ଶିକ୍ଷକ ସୁରେଶ ଚନ୍ଦ୍ର ବାଡତ୍ୟା, ବାଳକ ଛାତ୍ରାବାସ ପରିଚାଳକ ପ୍ରଭାସିସ ପରିମାଣିକ ଓ ବାଳିକା ଛାତ୍ରାବାସ ପରିଚାଳିକା ରଜେଶ୍ୱରୀ ପାଢ଼ୀ ପ୍ରମୁଖ ଉପସ୍ଥିତ ରହିଥିଲେ। ଉଭୟ ବିଦ୍ୟାଳୟର ପରିବେଶ ଦେଖି ତହସିଲଦାର ସନ୍ତୋଷ ବ୍ୟକ୍ତ କରିଛନ୍ତି।

# ଗୋରୁଙ୍କ କବ୍‌ଜାରେ ଗଞ୍ଜାମ ସହର ମୁଖ୍ୟରାସ୍ତା

ଗଞ୍ଜାମ,୨୯।୭(ବିଦ୍ୟାଧର ସାହୁ)



ମୁଖ୍ୟ ରାସ୍ତାରେ ଗୋରୁ ।

ଗଞ୍ଜାମ ସହରରେ ସନ୍ଧ୍ୟାରେ ମୁଖ୍ୟ ରାସ୍ତାରେ ଗୋରୁଙ୍କ ଉପଦ୍ରବ ଦିନକୁ ଦିନ ବଢ଼ିବାରେ ଲାଗିଛି। ଗଞ୍ଜାମ ସହରର ବଡ଼ବଜାରଠାରୁ ଆରମ୍ଭ କରି ସାନବଜାର ଯାଏ ବୁଲା ଗୋରୁମାନେ ରାସ୍ତା ମଝିରେ ରହୁଛନ୍ତି। ଗଞ୍ଜାମ ଏନ୍‌ଏସିର ମାଛ ମାର୍କେଟ, ସାନ ବଜାର, ବଡ଼ବଜାର, ମେଡ଼ିକାଲ ଛକ, ବ୍ଲକ ଅଫିସ୍ ସମ୍ମୁଖ, ଜୟଶ୍ରୀ ଛକ ଓ ପୁଇଁତୋଳା ଛକ ରାସ୍ତାରେ ପଲ ପଲ ଗାଈଙ୍କ ଉପଦ୍ରବ ଦେଖିବାକୁ ମିଳୁଛି। ସକାଳ ସମୟରେ ରାସ୍ତା ଖାଲି ରହିଥିବା ବେଳେ ସନ୍ଧ୍ୟା ସମୟରୁ ରାତିସାରା ଗୋରୁଗାଈଙ୍କ କବ୍‌ଜାରେ ମୁଖ୍ୟ ରାସ୍ତାଟି ରହୁଛି। ଫଳରେ ରାସ୍ତାରେ ଯାତାୟାତ କରୁଥିବା ଛାତ୍ରୀଛାତ୍ର, ବୃଦ୍ଧାବୃଦ୍ଧ, ବାଇକ୍ ଆରୋହୀ ଏବଂ ପଥଚାରୀ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଥିଯୋଗୁ ବଡ଼ ବଜାରଠାରୁ ସାନ ବଜାର ଯାଏ ଟ୍ରାଫିକ ସମସ୍ୟା ସହ ଛୋଟ ବଡ଼ ଦୁର୍ଘଟଣା ଘଟୁଛି। ମୁଖ୍ୟ ରାସ୍ତାରେ ସଞ୍ଜ ହେବା ମାତ୍ର ଗୋରୁଗାଈଙ୍କ କବ୍‌ଜାରେ ସହର ରହୁଥିବା ବେଳେ ପ୍ରଶାସନିକ କର୍ମଚାରୀ ସବୁ ଦେଖି ମଧ୍ୟ ନ ଦେଖିବା ଭଳି ଗାଡିମୋଟର ବୁଲାଇ ଚାଲି ଯାଉଛନ୍ତି। ତେଣୁ ବୁଲା ଗୋରୁଗାଈଙ୍କୁ ଆକଟ ପାଇଁ ତୁରନ୍ତ କାହାକୁ ଦାୟିତ୍ୱ ଦିଆଯାଉ ନଚେତ ପ୍ରଶାସନ ପକ୍ଷରୁ ଏହି ମାଲିକମାନଙ୍କ ପ୍ରତି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ମତ ପ୍ରକାଶ ପାଉଛି।

# ୧୨୭ ଅଭିଯୋଗ ଶୁଣିଲେ ଜିଲାପାଳ

## ସମାଧାନ ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ

ଦାରିଙ୍ଗବାଡି,୨୯।୭(ଅରୁଣ ସାହୁ):



ଜିଲାପାଳ ଅଭିଯୋଗ ଶୁଣୁଛନ୍ତି।

କନ୍ଧମାଳ ଜିଲାପାଳ ଆଶିଷ ଈଶ୍ୱର ପାଟିଲ ସୋମବାର ଦାରିଙ୍ଗବାଡି ବ୍ଲକ କାର୍ଯ୍ୟାଳୟ ସଭାଗୃହଠାରେ ଲୋକଙ୍କ ଅଭିଯୋଗ ଶୁଣାଣି କରିଛନ୍ତି। ସେ ମୋଟ ୧୨୭ଟି ଅଭିଯୋଗର ଶୁଣାଣି କରି ବିଭାଗୀୟ ଅଧିକାରୀଙ୍କୁ ସମସ୍ୟାର ସମାଧାନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଅଭିଯୋଗ ମଧ୍ୟରେ ୫୮ଟି ସାମୁହିକ ଓ ୬୯ଟି ବ୍ୟକ୍ତିଗତ ସମସ୍ୟା ରହିଥିଲା। ବିଶେଷକରି ରାସ୍ତା ନିର୍ମାଣ, ମୋବାଇଲ ଟାୱାର ସ୍ଥାପନ ଓ କାର୍ଯ୍ୟକ୍ଷମ, ଜମିଜମା ସଂକ୍ରାନ୍ତୀୟ ଅଭିଯୋଗ ସହିତ ଜଙ୍ଗଲଜମି ବିବାଦ, ଭୂମିହୀନଙ୍କୁ ଜମି ପଟ୍ଟା ଯୋଗାଇ ଦିଆଯାଇଥିଲେ ମଧ୍ୟ ଜମି ଯୋଗାଇ ଦିଆଯାଇ ନ ଥିବା, ବିଦ୍ୟାଳୟରେ ଶିକ୍ଷକ ଅଭାବ ଆଦି ସମସ୍ୟାର ସମାଧାନ ପାଇଁ ବିଭିନ୍ନ ଅଞ୍ଚଳରୁ ଦାବି ହୋଇଥିଲା। ସିକାବର୍ଗୀ ପଞ୍ଚାୟତକୁ ସଂଯୋଗ କରୁଥିବା ମୁଖ୍ୟରାସ୍ତା ଶୋଚନୀୟ ହୋଇ ପଡ଼ିଥିବା, ସେଠାରେ ଏକ ମୋବାଇଲ ଟାୱାର ସ୍ଥାପନ ହୋଇଥିଲେ ମଧ୍ୟ କାର୍ଯ୍ୟକ୍ଷମ କରାଯାଇନଥିବା ଅଭିଯୋଗ ହୋଇଛି। ସେହିପରି ପର୍ତ୍ତମାହା ପଞ୍ଚାୟତର ବିଭିନ୍ନ ବିଦ୍ୟାଳୟରେ ଶିକ୍ଷକ ଅଭାବ ଥିବା ଗ୍ରାମର ଲୋକନାଥ ପ୍ରଧାନ ଅଭିଯୋଗ କରିଛନ୍ତି। ପର୍ତ୍ତମାହାରୁ କୋଟଗଡ଼କୁ ସଂଯୋଗ କରୁଥିବା ବାନ୍ଧା ରାସ୍ତା ଅଧାପନ୍ତରିଆ ରହିଛି। ଗ୍ରୀନବାଡି ଦକ୍ଷିଣକାଳୀ ମନ୍ଦିର ସାହିରେ ଜଳ ସମସ୍ୟାର ସମାଧାନ ପାଇଁ ଭ୍ୟୁତମ ଶୋଭାସୁନ୍ଦର ଅଭିଯୋଗ କରିଥିଲେ। ସରାମୁଳି ପଞ୍ଚାୟତରେ ଭୂମିହୀନଙ୍କୁ ଗତ ୨୫ ବର୍ଷ ହେଲା ଜମିପଟ୍ଟା ଯୋଗାଇ ଦିଆଯାଇଥିଲେ ସୁଦ୍ଧା ଆଜି ପର୍ଯ୍ୟନ୍ତ ଜମି ଯୋଗାଇ ଦିଆଯାଇନଥିବା ଅଭିଯୋଗ ହୋଇଥିଲା। ସେହିପରି ସିମନବାଡିର ଏସ. ସୁନୀଲ କୁମାର ସୁବୁଦ୍ଧି ଓ ଭାଇ ସୁଶୀଲ ଦୁହେଁ ନିଜ ଜମି ପଟ୍ଟା ଥାଇ ତାଙ୍କ ଜମି କୁ ଜଙ୍ଗଲଜମି ଭାବେ ଅନ୍ୟଜଣଙ୍କ କବଜାରେ ରହିଥିବାରୁ ନିଜ ଜମି ଫେରିପାଇବାକୁ ଜିଲାପାଳଙ୍କୁ ଜଣାଇଥିଲେ । ବ୍ରାହ୍ମଣୀଗାଁ ଥାନା ଅଞ୍ଚଳରେ ୮ଟି ପଞ୍ଚାୟତ ରହିଥିବା ବେଳେ ସେଠାରେ ଅତିରିକ୍ତ ତହସିଲଦାର ନିଯୁକ୍ତି ପାଇଁ ଅଞ୍ଚଳବାସୀ ଜିଲ୍ଲାପାଳଙ୍କୁ ଦାବି ଜଣାଇଥିଲେ। ଅଭିଯୋଗ ଶୁଣାଣିରେ କନ୍ଧମାଳ ଏସପି ଶୁଭେନ୍ଦୁ ପାତ୍ର, ଜିଲା ପରିଷଦ ଉନ୍ନୟନ ଅଧିକାରୀ ରତ୍ନାକର ସାହୁ, ଡିଇଓ ପ୍ରମୋଦ ଷଡ଼ଙ୍ଗୀ, ଜିଲା ମଙ୍ଗଳ ଅଧିକାରୀ ଆର. ଏନ ମିଶ୍ର, ବିଡ଼ିଓ ଗଦାଧର ପାତ୍ର, ତହସିଲଦାର ଶରତ ଶବର, ଏସସିଏଫ ସତୀଶ ଧାରୁଆ, ବ୍ରାହ୍ମଣୀଗାଁ ବନାଞ୍ଚଳ ଅଧିକାରୀ ହରିହର ବେହେରାଙ୍କ ସମେତ ଜିଲା, ଉପଖଣ୍ଡ ଓ ବ୍ଲକସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଚଣ୍ଡିଖୋଲରେ ପରିବହନ ବିଭାଗର ସ୍ପେଶାଲ ଡ୍ରାଇଭ୍



ଚଣ୍ଡିଖୋଲ,୨୯।୭ (ପ୍ରଦୀପ୍ତ କୁମାର ପୃଷ୍ଟି)

ରାଜ୍ୟ ପରିବହନ ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ସୋମବାର ସକାଳୁ ସ୍ପେଶାଲ ଡ୍ରାଇଭ୍ ଆରମ୍ଭ ହୋଇଛି। ବିଶେଷକରି ୧୮ ବର୍ଷରୁ କମ୍ ବୟସ୍କଙ୍କ ଗାଡ଼ିଚାଳନାକୁ ରୋକିବା ପାଇଁ ପରିବହନ ବିଭାଗ ପକ୍ଷରୁ ଏହି ସ୍ପେଶାଲ ଡ୍ରାଇଭ କରାଯାଉଛି। ଚଣ୍ଡିଖୋଲ ଆଞ୍ଚଳିକ ପରିବହନ ଅଧୀନ ବିଭିନ୍ନ ସ୍ଥାନରେ ସ୍ୱତନ୍ତ୍ର ଟିମ୍ ଦ୍ୱାରା ଏହି ଯାଞ୍ଚ କରାଯାଉଛି। ବିଶେଷକରି ସ୍କୁଲ କଲେଜ ପିଲାମାନେ ସ୍କୁଟି ଓ ବାଇକ୍ ବିନା ଲାଇସେନ୍ସରେ ଚଳାଉଛନ୍ତି। ତାହାକୁ ତନଖି କରାଯାଇ ସେମାନଙ୍କ ଅଭିଭାବକମାନଙ୍କୁ ତାଗିଦ କରାଯିବା ସହ ଯେଉଁ ପିଲାମାନେ ଧରାପଡ଼ିଛନ୍ତି ସେମାନଙ୍କୁ ୨୫ ବର୍ଷ ନ ହେବା ପର୍ଯ୍ୟନ୍ତ ଡ୍ରାଇଭିଂ ଲାଇସେନ୍ସ ଦିଆ ନ ଯିବା ଲାଗି ଗୁରୁତ୍ୱ ଦିଆଯାଉଛି। ଚଣ୍ଡିଖୋଲ ଆଞ୍ଚଳିକ ପରିବହନ ତରଫରୁ ବିଭିନ୍ନ ଛକ, ସ୍କୁଲଗୁଡ଼ିକରେ ଯାଞ୍ଚ କରାଯାଇଥିଲା। ୧୮ ବର୍ଷରୁ କମ୍ ବୟସ୍କ ଗାଡ଼ି ଚଳାଇ ଧରାପଡ଼ିଲେ ଜରିମାନା ସହ ଗାଡ଼ି ସିଜ୍ କରାଯାଉଥିବା ଦେଖିବାକୁ ମିଳିଥିଲା। ଏହି ଚଢ଼ାଉରେ ରାଜ୍ୟ ପରିବହନ ଯୁଗ୍ମ କମିଶନର ଲାଲ ମୋହନ ସେଠୀ ଉପସ୍ଥିତ ରହିବା ସହ ଆଞ୍ଚଳିକ ପରିବହନ ଅଧିକାରୀ ସମ୍ବିତ୍ କୁମାର, ଏମ୍‌ଭିଆଇ ପଦ୍ମଜା ମହାନ୍ତି, ଟ୍ରାଫିକ ଇନ୍ସପେକ୍ଟର ଯୁଗଳ ତିରିଆ ପ୍ରମୁଖ ସାମିଲ ଥିଲେ।

### ବେଆଇନ ବାଲି ଚାଲାଣ, ହାଇୱା ଜବତ

ଯାଜପୁର,୨୯।୭(ହର୍ଷବର୍ଦ୍ଧନ ବେହେରା)

ଯାଜପୁର ଜିଲା ବୈତରଣୀ ନଦୀର ବିଭିନ୍ନ ଘାଟରୁ ବେଆଇନ ବାଲି ଚାଲାଣ ଅଣାୟତ୍ତ ହୋଇଛି। ଏନେଇ ଅଞ୍ଚଳବାସୀ ଅଭିଯୋଗ କରି ଆସୁଥିଲେ ହେଁ ଲଘୁ ଖଣି ବିଭାଗ କିମ୍ବା ପୋଲିସ ପକ୍ଷରୁ ସେଭଳି କୌଣସି ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ ହେଉ ନ ଥିବା ମନେ ହେଉଛି। ତେବେ ରବିବାର ପାଣିକୋଇଲି ଥାନା ପୋଲିସ ପକ୍ଷରୁ ଯାଞ୍ଚ ସମୟରେ ବେଆଇନ ଭାବେ ପରିବହନ ହେଉଥିବା ଏକ ବାଲି ବୋଝେଇ ହାଇୱାକୁ ଜବତ କରାଯାଇଛି। ଗାଡ଼ିରେ କୌଣସି ଟ୍ରାନ୍‌ଜିଟ ପାସ ନ ଥିବାବେଳେ ଅନୁମତି ନ ଥିବା ଘାଟରୁ ବାଲି ଚୋରାଚାଲାଣ ହେଉଥିବା ସନ୍ଦେହ କରାଯାଇଛି। ଫଳରେ ଗାଡିକୁ ଜବତ କରାଯାଇଥିଲା। ଏନେଇ ଖଣି ବିଭାଗକୁ ଅବଗତ କରାଯିବ ବୋଲି ପୋଲିସ ସୂତ୍ରରୁ ସୂଚନା ମିଳିଛି।

# ବିନା ଭିତ୍ତିଭୂମିରେ ଚାଲିଛି ଘରୋଇ ସ୍କୁଲ

## ୨୭ ସ୍କୁଲରେ ନାହିଁ ୟୁଡିଆଇଏସ୍‌ଇ କୋଡ୍, ପିଇଏନ୍

ଯାଜପୁର,୨୯।୭(ହର୍ଷବର୍ଦ୍ଧନ ବେହେରା)

ଶିକ୍ଷା ଅଧିକାର ଆଇନ ଅନୁଯାୟୀ ସରକାରୀ ପ୍ରାଥମିକ ସ୍କୁଲଗୁଡ଼ିକରେ ଅଧ୍ୟୟନରତ ଛାତ୍ରୀଛାତ୍ରଙ୍କ ବାର୍ଷିକ ମୁଣ୍ଡପିଛା ୨୫ ହଜାରରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ ହେଉଛି। ତଥାପି ଗୁଣାତ୍ମକ ଶିକ୍ଷା ମିଳି ପାରୁ ନ ଥିବାରୁ ସରକାରୀ ସ୍କୁଲଗୁଡ଼ିକରେ ବଡ଼ବଡ଼ିଆ ଲୋକଙ୍କ ପିଲାମାନେ ପଢୁ ନ ଥିବା କୁହାଯାଉଛି। ଏଭଳିସ୍ଥିତିରେ କେତେକ ବେସରକାରୀ ସ୍କୁଲରେ ଆବଶ୍ୟକ ଭିତ୍ତିଭୂମି ନ ଥାଇ ବି ସରକାର ଅନୁମତି ପ୍ରଦାନ କରୁଥିବା ଅଭିଯୋଗ ହେଉଛି। ଯାଜପୁର ଜିଲାର ୨୭ଟି ସ୍କୁଲ ପର୍ମାନେଣ୍ଟ ଏଜୁକେଶନ ନମ୍ବର(ପିଇଏନ୍) ଏବଂ ୟୁନିଫାଏଡ୍ ଡିଷ୍ଟ୍ରିକ୍ଟ ଇନ୍‌ଫରମେଶନ ସିଷ୍ଟମ୍ ଫର୍ ଏଜୁକେଶନ(ୟୁଡିଆଇଏସ୍‌ଇ) କୋଡ୍ ନ ଥାଇ ଚାଲିଥିବା ଜିଲା ଶିକ୍ଷା ବିଭାଗରୁ ସୂଚନା ମିଳିଛି। ଏହା ଉକ୍ତ ସ୍କୁଲଗୁଡ଼ିକରେ ଅଧ୍ୟୟନରତ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ସହ କର୍ତ୍ତୃପକ୍ଷ ଖେଳ ଖେଳୁଥିବାର ମତପ୍ରକାଶ ପାଇଛି।

ରାଜ୍ୟର ସରକାରୀ ସ୍କୁଲଗୁଡ଼ିକରେ ଅନେକ ନକଲି ପ୍ରମାଣପତ୍ରଧାରୀ ଶିକ୍ଷକତା କରୁଥିବା ବିଭାଗୀୟ ସୂତ୍ରରୁ ସୂଚନା ମିଳୁଛି। ଏହାଛଡ଼ା କେଉଁଠି ଶିକ୍ଷକ ଅଭାବ ତ କେଉଁଠି ଉପଯୁକ୍ତ ଭିତ୍ତିଭୂମିର ଅଭାବ ଯୋଗୁ ବହୁ ଅଭିଭାବକ ଘରୋଇ ସ୍କୁଲ ପ୍ରତି ଆକୃଷ୍ଟ ହେଉଛନ୍ତି। ଏହାସତ୍ତ୍ୱେ ସରକାର କୌଣସି ପଦକ୍ଷେପ ଗ୍ରହଣ ନ କରି ଘରୋଇ ଶିକ୍ଷାନୁଷ୍ଠାନଗୁଡ଼ିକୁ ପରୋକ୍ଷରେ ପ୍ରୋତ୍ସାହନ ଦେଉଥିବା ଦେଖିବାକୁ ମିଳିଛି। ଯାଜପୁର ଜିଲାକୁ ଏହାର ଉଦାହରଣ ଭାବେ ନିଆଯାଇପାରେ। ଏଠାରେ ବିଞ୍ଝାରପୁର ବ୍ଲକର ୧, ରସୁଲପୁରର ୫, ଦାନଗଦିର ୩, ଯାଜପୁରର ୩, ଦଶରଥପୁରର ୩, ସୁକିନ୍ଦାର ୨, ବରୀର ୧, ଧର୍ମଶାଳାର ୪, କୋରେଇର ୪ ଏବଂ ଧର୍ମଶାଳା ବ୍ଲକର ଗୋଟିଏ ସ୍କୁଲର ପିଇଏନ୍ ଓ ୟୁଡିଆଇଏସ୍‌ଇ କୋଡ୍ ନାହିଁ। ଏନେଇ ଯାଜପୁର ସମଗ୍ର ଶିକ୍ଷାର ଜିଲା ଶିକ୍ଷାଧିକାରୀ ସମସ୍ତ ବ୍ଲକ ଶିକ୍ଷାଧିକାରୀମାନଙ୍କୁ ଆବଶ୍ୟକ ତଦନ୍ତ କରି ବିହିତ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଜାରି କରିଛନ୍ତି। ଏହାସହ ଆବଶ୍ୟକ ଡିଗ୍ରୀ ନଥିବା ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କୁ ନିଯୁକ୍ତି ଦେଇ ଘରୋଇ ସ୍କୁଲଗୁଡ଼ିକ ବ୍ୟବସାୟରେ ମାତିଛନ୍ତି। ସ୍ୱୀକୃତି ପାଇଥିବା ଶିକ୍ଷାନୁଷ୍ଠାନଗୁଡ଼ିକର ଆବଶ୍ୟକ ଜମି ଏବଂ ଶ୍ରେଣୀ ଗୃହ ଅଛି କି ନାହିଁ ଉପଯୁକ୍ତ ଫୋରମରେ ପରିଚାଳନା କମିଟି ଗଠନ ହୋଇଛି ନା ନାହିଁ, କମିଟି ରେଜିଷ୍ଟ୍ରିଭୁକ୍ତ କି ନୁହେଁ, ପ୍ରଭୃତି ଦିଗଗୁଡ଼ିକ ଉପରେ ମନୋନୀତ ଏକ ସ୍ୱତନ୍ତ୍ର ଟିମ୍ ଯାଞ୍ଚ କରିବେ ବୋଲି ଶିକ୍ଷା ବିଭାଗ ପକ୍ଷରୁ ନିଷ୍ପତ୍ତି ନିଆଯାଇଥିଲା। ହେଲେ କୌଣସି ଯାଞ୍ଚ କିମ୍ବା କାର୍ଯ୍ୟାନୁଷ୍ଠାନ ହେଉନାହିଁ। ସମ୍ପୃକ୍ତ ସରକାରୀ ଅଧିକାରୀମାନେ ଲାଞ୍ଚ ନେଇ ଆଖି ବୁଜି ଦେଉଥିବା ଅଭିଯୋଗ ଉଠିଛି।

ସ୍କୁଲ ଖୋଲିବା ପାଇଁ ଗାଇଡ୍‌ଲାଇନ ଅନୁସାରେ ଗ୍ରାମାଞ୍ଚଳରେ ଅନ୍ୟୂନ ୨ ଏକର ଜମି, ପୌରାଞ୍ଚଳରେ ୧.୫ ଏକର ଏବଂ କର୍ପୋରେଶନ ଅଞ୍ଚଳରେ ଅନ୍ୟୂନ ୧ ଏକର ଜମି ରହିଥିବା ଆବଶ୍ୟକ। ଯଦି ଜମିର କାଗଜପତ୍ର ନ ଥିବ ତେବେ ସରକାର ସ୍କୁଲ ଖୋଲିବା ପାଇଁ ଆଦୌ ଅନୁମତି ଦେଇପାରିବେ ନାହିଁ। ଏପରିକି ଛାତ୍ରୀଛାତ୍ରଙ୍କ ଖେଳକୁଦ ପାଇଁ ସ୍କୁଲ ପରିସରରେ ଯଥେଷ୍ଟ ସ୍ଥାନ ରହିବା ବିଧେୟ। ଏହାକୁ କୌଣସି ଘରୋଇ ଶିକ୍ଷାନୁଷ୍ଠାନ ମାନୁନାହାନ୍ତି। ଏପରିକି ଭଡ଼ାଘରେ ସ୍କୁଲ ଚାଲିଥିଲେ ହେଁ ତାହାକୁ ସ୍ୱୀକୃତି ଦିଆଯାଉଛି। ଏଠାରେ ଯାଜପୁର ଜିଲା ବରୀ ଶିକ୍ଷା ମଣ୍ଡଳ ଅଧୀନ ଅରଙ୍ଗାବାଦସ୍ଥିତ ଏକ ଘରୋଇ ସ୍କୁଲକୁ ଉଦାହରଣ ଭାବେ ନିଆଯାଇପାରେ। ଏଠାରେ ମାତ୍ର ୨ ଗୁଣ୍ଠ ଜମିରେ ୫ଶ୍ରେଣୀ ପର୍ଯ୍ୟନ୍ତ ଏକ ସ୍କୁଲ ଗଢି ଉଠିଛି। ଏହି ସ୍କୁଲରେ ଏଯାଏ ୟୁଡିଆଇଏସ୍‌ଇ କିମ୍ବା ପିଇଏନ୍ ନାହିଁ। ଫଳରେ ୧୧୬ ଜଣ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଅନ୍ଧାର ଆଡ଼କୁ ଠେଲି ହୋଇଯାଉଥିବା ଖୋଦ୍ ଶିକ୍ଷା ବିଭାଗ ପକ୍ଷରୁ ଆଶଙ୍କା କରାଯାଇଛି। ଏ ସଂକ୍ରାନ୍ତରେ ଜିଲା ଶିକ୍ଷାଧିକାରୀ ନିବେଦିତା ପାଣିଙ୍କ ମତାମତ ନେବାକୁ ତାଙ୍କ ମୋବାଇଲକୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ୍ କଲ୍ ଗ୍ରହଣ କରି ନ ଥିଲେ।

# ସୁପ୍ରଭା ସାହୁଙ୍କୁ ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ସମ୍ବର୍ଦ୍ଧନା



ଅତିଥିମାନେ ସୁପ୍ରଭା ସାହୁଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

ବ୍ୟାସନଗର,୨୯।୭(ପବିତ୍ର ରଞ୍ଜନ ମହାନ୍ତି)

ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ସ୍ନାତକ(ୟୁଜି+୩)ର ଓଡ଼ିଆ ବିଭାଗରେ ସର୍ବାଧିକ ନମ୍ବର ରଖି ପ୍ରଥମ ସ୍ଥାନ ଅଧିକାର କରିଥିବା ଯାଜପୁରରୋଡ୍ ଇନ୍ଦିରା ଗାନ୍ଧୀ ମହିଳା ଡିଗ୍ରୀ ମହାବିଦ୍ୟାଳୟର ଛାତ୍ରୀ ସୁଶ୍ରୀ ସୁପ୍ରଭା ସାହୁଙ୍କୁ ଓଡ଼ିଶା ସାହିତ୍ୟ ଏକାଡେମୀର ଓଡ଼ିଆ ଭାଷା ସାହିତ୍ୟ ପ୍ରତିଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ସୁପ୍ରଭା କୋରାଇ ବ୍ଲକ ଅନ୍ତର୍ଗତ ଜହ୍ନା ଗ୍ରାମର ଅମୂଲ୍ୟ ସାହୁ ଓ ସରୋଜିନୀ ସାହୁଙ୍କ କନ୍ୟା ଅଟନ୍ତି। ଗୁରୁବାର ଭୁବନେଶ୍ୱରସ୍ଥିତ ଭଞ୍ଜ କଳାମଣ୍ଡପଠାରେ ଅନୁଷ୍ଠିତ ଓଡ଼ିଶା ସାହିତ୍ୟ ଏକାଡେମୀର ୬୭ତମ ସ୍ୱନକ୍ଷେତ୍ର ଦିବସ ଉତ୍ସବରେ ସୁପ୍ରଭାଙ୍କୁ ଅର୍ଥରାଶି ସହ ପୁଷ୍ପଗୁଚ୍ଛ, ମାନପତ୍ର, ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏନେଇ ସୁପ୍ରଭାଙ୍କୁ ବିଭିନ୍ନ ବର୍ଗର ବ୍ୟକ୍ତିବିଶେଷ ଓ ଅନୁଷ୍ଠାନ ପକ୍ଷରୁ ଶୁଭେଚ୍ଛା ଓ ଅଭିନନ୍ଦନ ଜ୍ଞାପନ କରାଯାଇଛି।

# ଏସ୍‌ସିଏସ୍‌ଟି ସଂଗଠନ ତରଫରୁ ବିଶାଳ ସମାବେଶ ପ୍ରସ୍ତୁତି




ପ୍ରସ୍ତୁତି ବୈଠକରେ ଯୋଗଦେଇଥିବା ଏସ୍‌ସିଏସ୍‌ଟି ସଂଗଠନର ସଦସ୍ୟମାନେ।

ଯାଜପୁର,୨୯।୭(ହର୍ଷବର୍ଦ୍ଧନ ବେହେରା)

ମିଳିତ ମୂଳନିବାସୀ ୟୁନାଇଟେଡ୍ ଫୋରମ ଓ ଏହାର ବହୁ ସହଯୋଗୀ ସଂଗଠନ ପକ୍ଷରୁ ଯାଜପୁର ଜିଲାସ୍ତରୀୟ ବିଶାଳ ଜନ ସମାବେଶ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। 'ଆସ ଆମେ ଏକ ହେବା ଅଭିଯାନ' ନାମରେ ଏହି କାର୍ଯ୍ୟକ୍ରମ ସେପ୍ଟେମ୍ବର ୨୪ରେ କୁଆଖିଆ ମେଳଣ ପଡ଼ିଆରେ କରାଯିବାକୁ ସ୍ଥିର ହୋଇଛି। ଜିଲାରେ ୬୨ଟି ଶିଳ୍ପାନୁଷ୍ଠାନ ଥାଇ ମଧ୍ୟ ଏସ୍‌ସି ଓ ଏସ୍‌ଟି ବର୍ଗର ଛାତ୍ରୀଛାତ୍ରମାନଙ୍କୁ ନିଯୁକ୍ତି ମିଳୁନାହିଁ। ଚାକିରି ପଦୋନ୍ନତିରେ ସଂରକ୍ଷଣ ଲାଗୁରେ ଚଞ୍ଚକତା କରାଯାଉଛି। ଜିଲାରେ ୫୦ ହଜାର ଆଦିବାସୀ, ଦଳିତ ଭୂମିହୀନଙ୍କୁ ଜମିପଟ୍ଟା ଓ ବାସହରାଙ୍କୁ ଘର ଦିଆଯାଉନାହିଁ। ଜାତିଗତ ନିର୍ଯାତନା ବୃଦ୍ଧି ପାଉଥିବାବେଳେ ରାଜ୍ୟରେ ଏକ ଜାତୀୟ ଅନୁସୂଚିତ ଜାତି କାର୍ଯ୍ୟାଳୟ ନାହିଁ। ଏପରିକି ବେସରକାରୀ ଉଦ୍ୟୋଗ ଠିକା ସଂସ୍ଥା, ଠିକା ଏଜେନ୍ସି ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଚୁକ୍ତିଭିତ୍ତିକ ନିଯୁକ୍ତି ଯୋଜନାରେ ସଂରକ୍ଷଣ ଦିଆଯାଉନାହିଁ। ତେଣୁ ଏହିସବୁ ଅଧିକାର ହାସଲ ନିମନ୍ତେ ଆସ ଏକ ହେବା ଆହ୍ୱାନ ଦିଆଯାଇଛି। ବୈଠକରେ ଯତୀନ୍ଦ୍ର କୁମାର ଜେନାଙ୍କ ସଂଯୋଜନାରେ ମୂଳନିବାସୀ ୟୁନାଇଟେଡ୍ ଫୋରମ୍ ରାଜ୍ୟ କାର୍ଯ୍ୟକାରୀ ଅଧ୍ୟକ୍ଷ ମନୋରଞ୍ଜନ ଜେନା, ଜିଲା ସଭାପତି ଆର୍ତ୍ତତ୍ରାଣ ମଲ୍ଲିକ, ମହିଳା ସଭାନେତ୍ରୀ ମୀନା ମଲ୍ଲିକ, ଜିଲା କାର୍ଯ୍ୟକାରୀ ସଭାପତି ପ୍ରତାପ ଦାସ, ଉପସଭାପତି ଶ୍ରୀଧର ଜେନା, ରସୁଲପୁର ସଂଯୋଜକ ରମେଶ ମଲ୍ଲିକ, ମାୟାଧର ମଲ୍ଲିକ, ସରସ୍ୱତୀ ମଲ୍ଲିକ, ଅଭିମନ୍ୟୁ ମଲ୍ଲିକ, ମୀନାକ୍ଷୀ ମଲ୍ଲିକ, ବିଞ୍ଝାରପୁର ସଭାପତି ରମେଶ ଜେନା, ଉଦୟନାଥ ଜେନା, ମାନସୀ ମଲ୍ଲିକ, ମାନସ ମଲ୍ଲିକ, ପଙ୍କଜ ମଲ୍ଲିକ, ସରସ୍ୱତୀ ଟୁଡୁ, ଦେବବ୍ରତ ଜେନା ପ୍ରମୁଖ ଯୋଗଦେଇଥିଲେ। ହେବାକୁ ଥିବା ସମାବେଶରେ ଜାତୀୟ ସ୍ତରର ନେତା ରାଜରତନ ଆମ୍ବେଦକର, ଭୀମ ଆର୍ମି ମୁଖ୍ୟ ଚନ୍ଦ୍ରଶେଖର ଆଜାଦ, ହାଇଦ୍ରାବାଦ୍ ଏମ୍‌ପି ଅସାଦୁଦ୍ଦିନ ଓୱାଇସି, କଂଗ୍ରେସ ନେତା କହ୍ନେୟା କୁମାର ଓ ଏମ୍‌ପି ପପୁ ଯାଦବଙ୍କୁ ଅତିଥିଭାବେ ନିମନ୍ତ୍ରଣ କରାଯିବାକୁ ସ୍ଥିର କରାଯାଇଛି।

# ରୋଟାରୀ କ୍ଲବ ବିରଜା କ୍ଷେତ୍ରର ପ୍ରତିଷ୍ଠା ଦିବସ

## ୪ର୍ଥ ନୂତନ କର୍ମକର୍ତ୍ତା ନିର୍ବାଚନ

ଯାଜପୁର ଟାଉନ, ୨୯।୭
(ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି)

ଯାଜପୁର ସହରସ୍ଥିତ ମିଶନ ଶକ୍ତି ଭବନ ସଭାଗୃହରେ ରୋଟାରୀ କ୍ଲବ ବିରଜାକ୍ଷେତ୍ରର ପ୍ରତିଷ୍ଠା ଦିବସ ଓ ୪ର୍ଥ ନୂତନ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ରୋଟାରିଆନ ନନ୍ଦକିଶୋର ସାହୁଙ୍କ ସଭାପତିତ୍ୱରେ ଏହାକୁ ରୋଟାରୀ ଜିଲା ଡିଜିଇ ମନୋଜ କୁମାର ତ୍ରିପାଠୀ ଉଦ୍‌ଘାଟନ କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଶିବାଶିଷ ମହାରଣା ଯୋଗଦେଇଥିଲେ। ଅନ୍ୟତମ ଅତିଥି ଭାବେ ଆସିଷ୍ଟାଣ୍ଟ ଗଭର୍ନର ପ୍ରମୋଦ କୁମାର ଜେନା ଯୋଗଦେଇ ରୋଟାରୀ କ୍ଲବର ଭବିଷ୍ୟତ ଉଜ୍ଜ୍ୱଳ କାମନା କରିଥିଲେ। ଏହି ଅବସରରେ ନୂତନ ସଭାପତି ଭାବେ ଉଦୟନାଥ ମାଝି ଓ ସମ୍ପାଦକ ଭାବେ ଅନିଲ କୁମାର ମହାନ୍ତି, ପୂର୍ବତନ ସଭାପତି ବଳରାମ ମହାନ୍ତି ଓ ସମ୍ପାଦକଙ୍କଠାରୁ ଦାୟିତ୍ୱ ଗ୍ରହଣ କରିଥିଲେ। ରୋଟାରୀ କ୍ଲବ୍ ବିରଜାକ୍ଷେତ୍ର ପକ୍ଷରୁ ବିକାଶ ମହାନ୍ତି, ଶରତ ଚନ୍ଦ୍ର ରାୟ, ସୂର୍ଯ୍ୟମଣି ରାଉତ, ପ୍ରଶାନ୍ତ କୁମାର ଦାସ, ରଶ୍ମିରଞ୍ଜନ ମହାନ୍ତି, ସୁଶାନ୍ତ କୁମାର ସାମଲ, ଅକ୍ଷୟ ପରିଡା, ରବୀନ୍ଦ୍ର ପରିଡା, ଜ୍ୟୋତିପ୍ରକାଶ ସାହୁଙ୍କ ସମେତ ସମସ୍ତ ସଦସ୍ୟମାନେ ଉପସ୍ଥିତ ଥିଲେ। ଏହି ପରିପ୍ରେକ୍ଷୀରେ ପ୍ରେମଲତା ପଣ୍ଡା, ହୃଷୀକେଶ ସାହୁ, ମେଧାବୀ ଛାତ୍ରୀଛାତ୍ରଙ୍କୁ କ୍ଲବ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ସ୍ୱାଭିମାନ ମଞ୍ଚ ପକ୍ଷରୁ ଚାରାରୋପଣ



ଚାରାରୋପଣ କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ସ୍ୱେଚ୍ଛାସେବୀମାନେ।

କାଏମା, ୨୯।୭ ( ଶିବପ୍ରସାଦ ମହାନ୍ତି)

ଧର୍ମଶାଳା ବ୍ଲକ ଅନ୍ତର୍ଗତ ବଡ଼ କାଏମା ଅଞ୍ଚଳର ସ୍ୱେଚ୍ଛାସେବୀ ସଙ୍ଗଠନ ସ୍ୱାଭିମାନ ମଞ୍ଚ ପକ୍ଷରୁ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମଞ୍ଚର ସଭାପତି ସୁଧାକର ସାହୁଙ୍କ ନେତୃତ୍ୱରେ ସଦସ୍ୟମାନେ ୧୪ନମ୍ବର କେନାଲ ବନ୍ଧ ପାର୍ଶ୍ୱରେ ଅନେକ ପ୍ରକାରର ଚାରା ରୋପଣ କରିଥିଲେ। ସେଥିମଧ୍ୟରେ ବଉଳ, ଆକାଶୀ, କୃଷ୍ଣଚୂଡ଼ା, କଦମ୍ବ, ଶାଗୁଆନ, ପିଜୁଳି ଭଳି ଚାରା ରହିଛି। ପରିବେଶ ସୁରକ୍ଷାର ଏକମାତ୍ର ବିକଳ୍ପ ଚାରାରୋପଣ। ପ୍ରତ୍ୟେକ ବ୍ୟକ୍ତି ନିଜ ଜନ୍ମଦିନ, ବିବାହ ବାର୍ଷିକୀ କିମ୍ବା କୌଣସି ଶୁଭ ଅବସରରେ ଅତିକମ୍‌ରେ ଗୋଟିଏ ଚାରା ଲଗାଇବାକୁ ମଞ୍ଚ ପକ୍ଷରୁ ନିବେଦନ କରାଯାଇଛି।

# ଲୁହାପଥର ବୋଝେଇ ଟ୍ରକ୍ ଦୁର୍ଘଟଣାଗ୍ରସ୍ତ

ଯାଜପୁର,୨୯।୭(ହର୍ଷବର୍ଦ୍ଧନ ବେହେରା)

ଯାଜପୁର ଜିଲା ପାଣିକୋଇଲି ଥାନା ଅନ୍ତର୍ଗତ ୨୦ ନମ୍ବର ଜାତୀୟ ରାଜପଥର କୃପାଳୁ ରାଇସ୍ ମିଲ୍ ନିକଟରେ ସୋମବାର ସକାଳେ ଏକ ୧୬ ଚକିଆ ଲୁହାପଥର ବୋଝେଇ ଟ୍ରକ ଓଲଟି ପଡ଼ିଛି। ଏଥିରେ ଗାଡି ଚାଳକ ରସୁଲ ଅହମ୍ମଦ ଆହତ ହୋଇଛନ୍ତି। ସୂଚନା ଅନୁଯାୟୀ ଯୋଡ଼ା ଗୁରୁଡିରୁ ଉକ୍ତ ଟ୍ରକ ଲୁହାପଥର ବୋଝେଇ କରି ପାରାଦୀପ ଅଭିମୁଖେ ଯାଉଥିବା ବେଳେ ଭାରସାମ୍ୟ ହରାଇ ରାସ୍ତାକଡ଼କୁ ଓଲଟି ପଡିଥିଲା। ଖବର ପାଇ ପୋଲିସ ଓ ରାଜପଥ ପେଟ୍ରୋଲିଂ ଗାଡ଼ି ପହଞ୍ଚି ଚାଳକଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ପଠାଇବା ସହ ଦୁର୍ଘଟଣାର ତଦନ୍ତ ଜାରି ରହିଛି।

# ଜେଆର୍‌ଡି ଟାଟାଙ୍କ ଜୟନ୍ତୀ ପାଳିତ



ଜେଆର୍‌ଡି ଟାଟାଙ୍କ ଜୟନ୍ତୀ ଅବସରରେ ଟାଟା ଷ୍ଟିଲ୍‌ର ଅଧିକାରୀ ଓ କର୍ମଚାରୀମାନେ।

ଯାଜପୁର,୨୯।୭(ହର୍ଷବର୍ଦ୍ଧନ ବେହେରା)

ଟାଟା ଷ୍ଟିଲ କଳିଙ୍ଗନଗର(ଟିଏସ୍‌କେ) ପକ୍ଷରୁ ଯାଜପୁର ଜିଲା ଡୁବୁରିସ୍ଥିତ କଳିଙ୍ଗନଗର କାରଖାନାରେ ସୋମବାର ଭାରତ ରତ୍ନ ଜେଆର୍‌ଡି ଟାଟାଙ୍କ ୧୨୦ ତମ ଜନ୍ମ ଜୟନ୍ତୀ ପାଳିତ ହୋଇଯାଇଛି। ଟିଏସ୍‌କେର ଜେନେରାଲ ମ୍ୟାନେଜର (ଅପରେଶନ) କରମବୀର ସିଂହ ମୁଖ୍ୟଅତିଥି ଓ ଟାଟା ଷ୍ଟିଲ ୱାର୍କର୍ସ ୟୁନିୟନର ସଭାପତି ରବୀନ୍ଦ୍ର କୁମାର ଜାମୁଦା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି ଅବସରରେ ଟିଏସ୍‌କେର କର୍ପୋରେଟ୍ ସର୍ଭିସେସ୍‌ର ଯୁଗ୍ମ ଉନ୍ନୟନ ସମିତି (ଜେଡିସି) ପକ୍ଷରୁ ଓଡ଼ିଶା ରକ୍ତ କେନ୍ଦ୍ର ଓ ଜିଲା ମୁଖ୍ୟ ଚିକିତ୍ସାଳୟ ସହଯୋଗରେ ଏକ ରକ୍ତଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ କର୍ମଚାରୀ, ଭେଣ୍ଡର ପାର୍ଟନର ଓ ଠିକା କର୍ମଚାରୀଙ୍କ ସମେତ ସ୍ୱେଚ୍ଛାସେବୀମାନଙ୍କଠାରୁ ୪୮୪ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ଏହାପରେ ପରିବେଶ ବିଭାଗ ପକ୍ଷରୁ କାରଖାନା ପରିସରରେ ୧୦୦୦ ଚାରାରୋପଣ ହୋଇଥିଲା। ଏହାବ୍ୟତୀତ ଟାଟା ଷ୍ଟିଲ ଫାଉଣ୍ଡେଶନ (ଟିଏସ୍‌ଏଫ୍) ପକ୍ଷରୁ ସ୍ଥାନୀୟ ଅଞ୍ଚଳର ବିଭିନ୍ନ ସ୍କୁଲ, ପ୍ରି-ମାଟ୍ରିକ କୋଚିଂ ସେଣ୍ଟର ଓ ଏନ୍‌ଆଇଆଇଟି ସେଣ୍ଟରରେ ପଢୁଥିବା ୫୦୦ରୁ ଅଧିକ ପିଲାଙ୍କୁ ନେଇ କୁଇଜ୍ ଓ ପ୍ରବନ୍ଧ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଏଥିସହିତ ଟିଏସ୍‌ଏଫ୍ ପକ୍ଷରୁ ତ୍ରିଜଙ୍ଗା କଲୋନୀରେ ଏକ ଫୁଟବଲ ଟୁର୍ନାମେଣ୍ଟ ଆୟୋଜନ କରାଯାଇଥିଲା। ଏଥିରେ କଳିଙ୍ଗନଗର, ସୁକିନ୍ଦା ଓ ବ୍ରାହ୍ମଣୀପାଳର ୧୨ଟି ଫୁଟବଲ ଦଳ ଅଂଶଗ୍ରହଣ କରିଥିଲେ। ସେହିଭଳି ନୀଳାଚଳ ଇସ୍ପାତ ନିଗମ ଲିମିଟେଡ୍ (ଏନ୍‌ଆଇଏନ୍‌ଏଲ୍), ଫେରୋ ଆଲଏଜ୍ ପ୍ଲାଣ୍ଟ, ବ୍ରାହ୍ମଣୀପାଳ ଓ ଫେରୋ ଆଲଏଜ୍ ପ୍ଲାଣ୍ଟରେ ଶ୍ରଦ୍ଧାଞ୍ଜଳି ସମାରୋହ ଅନୁଷ୍ଠିତ ହୋଇଥିଲା।

### କଳିଙ୍ଗନଗର ଟାଟା ଷ୍ଟିଲରେ ଚାରାରୋପଣ, ରକ୍ତଦାନ ଶିବିର

# କୃଷି ଅଧିକାରୀଙ୍କୁ ଚାଷୀଙ୍କ ପ୍ରଶ୍ନବାଣ

ରସୁଲପୁର,୨୯।୭ (ରଂଜିତ ରାଉତ)

ରସୁଲପୁର ବ୍ଲକ କୃଷି ବିଭାଗ ପକ୍ଷରୁ ପ୍ରଧାନମନ୍ତ୍ରୀ କୃଷି ବୀମା ଯୋଜନାକୁ ନେଇ ସୋମବାର ପୂର୍ବାହ୍ନରେ ଭୋଟକା ପଞ୍ଚାୟତ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଏକ କୃଷକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ବ୍ଲକ କୃଷି ଅଧିକାରୀ ବିଶ୍ୱଜୟୀ ମିଶ୍ର ଯୋଗଦେଇ ଫସଲ ବୀମା ଯୋଜନା ସମ୍ପର୍କରେ ସୂଚନା ଦେଇଥିଲେ। ହେଲେ ଉପସ୍ଥିତ ଚାଷୀମାନେ କୃଷି ବୀମାକୁ ନେଇ କୃଷି ଅଧିକାରୀ ମିଶ୍ରଙ୍କୁ ନାନା ପ୍ରଶ୍ନ କରିଥିଲେ। ବୀମା ଯୋଜନାରେ ନାମ ପଞ୍ଜୀକରଣ କରିବା ପାଇଁ ଜୁଲାଇ ୩୧କୁ ଶେଷ ଦିନ ଭାବରେ ଧାର୍ଯ୍ୟ କରାଯାଇଛି। ଅବଧି ଶେଷ ହେବାକୁ ଆଉ ମାତ୍ର ୨ଦିନ ବାକି ରହିଛି। ଏଭଳି ସ୍ଥିତିରେ ଚାଷୀମାନେ କିଭଳି ବୀମା ଯୋଜନାରେ ସାମିଲ ହୋଇପାରିବେ? ପୂର୍ବ ବର୍ଷରେ ବୀମା ଯୋଜନାରେ ପଞ୍ଜୀକୃତ ଚାଷୀମାନଙ୍କ ମଧ୍ୟରୁ କେତେ ଚାଷୀ ଲାଭବାନ ହୋଇଛନ୍ତି? କୃଷି ବିଭାଗ ପକ୍ଷରୁ ଅନୁମୋଦିତ ଲାଇସେନ୍ସପ୍ରାପ୍ତ କୃଷି ଡିଲରମାନଙ୍କ ପକ୍ଷରୁ ଦିଆଯାଉଥିବା ଧାନ ବିହନ ଗଛ ଉଠୁନାହିଁ କାହିଁକି ? ସେଥିପାଇଁ କୃଷି ବିଭାଗ ପକ୍ଷରୁ କି ପ୍ରକାର କ୍ଷତିପୂରଣ ବ୍ୟବସ୍ଥା ରହିଛି? ପଞ୍ଚାୟତର କୌଣସି ଏକ ନିର୍ଦ୍ଦିଷ୍ଟ ଅଞ୍ଚଳରେ ପ୍ରାକୃତିକ ବିପର୍ଯ୍ୟୟ ଘଟିଲେ ସେ ଅଞ୍ଚଳର ଚାଷୀମାନଙ୍କୁ କୃଷିବୀମାଭୁକ୍ତ କରାଯାଇ ପାରିବ କି ନାହିଁ ବୋଲି ଚାଷୀମାନେ ପ୍ରଶ୍ନ କରିଛନ୍ତି। ସେହିପରି ଚାଷୀମାନଙ୍କୁ ଚାଷକାର୍ଯ୍ୟରୁ ଫୁରସତ ମିଳୁନାହିଁ। ଯାହାକିଛି ସରକାରୀ ସୁବିଧା ଆସୁଛି, ଚାଷୀମାନଙ୍କୁ ପଞ୍ଚାୟତ ଜରିଆରେ ଓ ପଞ୍ଚାୟତ କାର୍ଯ୍ୟାଳୟରେ ଉପଲବ୍ଧ କରିବାକୁ ସେମାନେ ପ୍ରସ୍ତାବ ଦେଇଛନ୍ତି। ପ୍ରଧାନମନ୍ତ୍ରୀ କୃଷି ବୀମା ଯୋଜନାକୁ ସରଳୀକରଣ କରିବା, ବ୍ଲକସ୍ତରରେ ଶୀତଳ ଭଣ୍ଡାର ସ୍ଥାପନ, କ୍ଷେତକୁ ଜଳସେଚନ ସୁବିଧା ଯୋଗାଇ ଦେବା ଭଳି ଏକାଧିକ ଦାବି ସେମାନେ କରିଛନ୍ତି। କୃଷି ଅଧିକାରୀ ଚାଷୀମାନଙ୍କୁ ସନ୍ତୋଷଜନକ ଉତ୍ତର ଦେଇ ନ ପାରି ସରକାରଙ୍କ ଆଡ଼କୁ ଦୋଷ ଠେଲି ଦେଇଛନ୍ତି। ସରକାରୀ ସ୍ତରରେ ହେଉଥିବା ବ୍ୟବସ୍ଥା ଓ ଆଇନରେ ପରିବର୍ତ୍ତନ ଘଟିଲେ ଚାଷୀମାନେ ସୁବିଧା ପାଇପାରିବେ ବୋଲି ସେ କହିଛନ୍ତି।

ଚାଷୀମାନେ କେବଳ ଭଗବନାଙ୍କ ସାହାରାରେ ବଞ୍ଚିଛନ୍ତି, ଭାଗ୍ୟକୁ ଆଦରି କୃଷି କାର୍ଯ୍ୟ ଜାରି ରଖିଛନ୍ତି। କୃଷକମାନଙ୍କ ଉଦ୍ଦେଶ୍ୟରେ ସବୁ ସରକାରୀ ସହାୟତା କେବଳ ପାଣିରେ ଗାର ସଦୃଶ। ଚାଷୀଭାଇଙ୍କୁ ସହାୟକ ହେବାକୁ କେହି ନାହିଁ ବୋଲି ବରିଷ୍ଠ ଚାଷୀ ନୃସିଂହ ଧଳ, ଈଶ୍ୱର ଚନ୍ଦ୍ର ସାହୁ, ଶ୍ୟାମସୁନ୍ଦର ସାହୁ, ଜୟଶ୍ୱର ମହାନ୍ତି, କୈଳାସ ଖୁଣ୍ଟିଆ, ବିଷ୍ଣୁଚରଣ ରାଉତ, ପୀତାମ୍ବର ସ୍ୱାଇଁ ପ୍ରମୁଖ କ୍ଷୋଭର ସହ ମତବ୍ୟକ୍ତ କରିଛନ୍ତି। ଶିବିରରେ ସ୍ଥାନୀୟ ସରପଞ୍ଚ ସ୍ମୃତିରେଖା ରାଉତ, କୃଷି କର୍ମଚାରୀ ପ୍ରକାଶ ରାଉତ, କୃଷକ ସାଥୀ ଉଦୟ ମଲିକ ପ୍ରମୁଖ ଯୋଗଦେଇଥିଲେ।



କୃଷକ ସଚେତନତା ଶିବିରରେ ଯୋଗଦେଇଥିବା ଅଧିକାରୀମାନେ।

# ପ୍ୟାକ୍ସ ସମ୍ପାଦକଙ୍କ ବଦଳି ନୀତି ପ୍ରଣୟନ କରାଯାଉ

ପଟ୍ଟାମୁଣ୍ଡାଇ, ୨୯।୭ (କଳ୍ପତରୁ ନାୟକ)

- ଶୋଷଣର ଶିକାର ହେଉଛନ୍ତି ନିରୀହ ଚାଷୀ
- ପଟ୍ଟାମୁଣ୍ଡାଇରେ ରହିଛି ୧୬ ସମବାୟ ସମିତି

କୃଷିର ଉନ୍ନତି ହେଲେ ଗ୍ରାମାଞ୍ଚଳ ଲୋକଙ୍କର ଆର୍ଥିକ ମାନଦଣ୍ଡ ସୁଦୃଢ଼ ହେବା ସହ ଦେଶର ପ୍ରଗତି ହୋଇପାରିବ। କୃଷି ଉତ୍ପାଦନ ବୃଦ୍ଧି ଲକ୍ଷ୍ୟରେ ରାଜ୍ୟ ସରକାର ସେବା ସମବାୟ ସମିତି(ପ୍ୟାକ୍ସ) ଜରିଆରେ ବିଭିନ୍ନ ଯୋଜନା କରିଛନ୍ତି। ହେଲେ କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ବ୍ଲକ ଅଞ୍ଚଳରେ ଥିବା ୧୬ଟି ସେବା ସମବାୟ ସମିତିରେ ଅବ୍ୟବସ୍ଥା ଓ ସମ୍ପାଦକମାନଙ୍କ ଅବହେଳାରୁ ଚାଷୀ ଶୋଷଣର ଶିକାର ହେଉଥିବା ଅଭିଯୋଗ କରିବା ସହ ଦୁର୍ନୀତିରେ ଲିପ୍ତ ସମ୍ପାଦକଙ୍କୁ ଅନ୍ୟତ୍ର ବଦଳି ଲାଗି ନୀତି ପ୍ରଣୟନ ଲାଗି ସେମାନେ ଦାବି କରିଛନ୍ତି।

କୃଷକ ନେତା ବିଜୟ ଦାସ କହିଛନ୍ତି, ପଟ୍ଟାମୁଣ୍ଡାଇରେ କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ଶାଖା ଅଧୀନରେ ୧୬ଟି ସମବାୟ ସମିତି ଚାଲିଛି। ସମବାୟ ଗ୍ରାମାଞ୍ଚଳ ଅର୍ଥନୀତିରେ ବୈପ୍ଳବିକ ପରିବର୍ତ୍ତନ ଆଣିବା ପାଇଁ ତା'ର ସଭ୍ୟମାନଙ୍କୁ ଆର୍ଥିକ ଅନଟନରୁ ସୁରକ୍ଷା, ବଳକା କୃଷିଜାତ ଦ୍ରବ୍ୟ ବିକ୍ରୟ ଏବଂ ପୁନଃ ବଣ୍ଟନ, ସମିତି ଜରିଆରେ ଉନ୍ନତ ବିହନ, ସାର, କୀଟନାଶକ ଔଷଧ, କୃଷି ଯନ୍ତ୍ରପାତି, ଅଳ୍ପ ସୁଧରେ ଋଣ ଓ ଆବଶ୍ୟକ ସମସ୍ତ ଜିନିଷ ସୁଲଭ ମୂଲ୍ୟରେ ଦେବା ଲାଗି ସରକାର ଯୋଜନା କରିଛନ୍ତି। ମାତ୍ର ପଟ୍ଟାମୁଣ୍ଡାଇ ଅଞ୍ଚଳରେ ଥିବା ସମବାୟ ସମିତିରେ ଏହା ବ୍ୟତିକ୍ରମ ଦେଖାଦେଉଛି। ସମ୍ପାଦକମାନେ ସମିତିରେ ଅନୁପସ୍ଥିତ ରହି ପଟ୍ଟାମୁଣ୍ଡାଇ କଟକ କେନ୍ଦ୍ର ସମବାୟ ବ୍ୟାଙ୍କରେ ଦିନତମାମ ରହି ଶାଖା ପରିଚାଳକଙ୍କୁ ହାତ କରି କୃଷକମାନଙ୍କ ପାଇଁ ଆସୁଥିବା ବିଭିନ୍ନ ଯୋଜନା ହଡପ କରୁଛନ୍ତି। ଯାହାର ପ୍ରମାଣ ବ୍ୟାଙ୍କରେ ଲାଗିଥିବା ସିସିଟିଭି କ୍ୟାମେରା ଯାଞ୍ଚ କଲେ ପ୍ରତୀୟମାନ ହୋଇପାରିବ। ସେହିଭଳି ନରେନ୍ଦ୍ର ଧଳ କହିଛନ୍ତି, ରାଜ୍ୟ ଓ କେନ୍ଦ୍ର ସରକାର କୃଷିର ଉନ୍ନତି ସକାଶେ ସମବାୟ ଜରିଆରେ ବିଭିନ୍ନ ଯୋଜନା କରିଛନ୍ତି। ଚାଷୀ କିପରି ସ୍ୱାବଲମ୍ବୀ ହୋଇ ନିଜର ସାମାଜିକ ଅଭିବୃଦ୍ଧି କରିପାରିବ ସେନେଇ ଚେଷ୍ଟା ଜାରି ରଖିଛନ୍ତି। କିନ୍ତୁ ପଟ୍ଟାମୁଣ୍ଡାଇ ଅଞ୍ଚଳରେ କେତେଜଣ ଦୁର୍ନୀତିଖୋର ସମ୍ପାଦକଙ୍କ ପାଇଁ କୃଷକମାନେ କୌଣସି ସୁବିଧା ପାଇ ପାରୁନାହାନ୍ତି। ବର୍ତ୍ତମାନ ଖରିଫ ଋତୁରେ ଧାନ ଚାଷ ଚାଲିଥିବା ବେଳେ ଚାଷୀମାନଙ୍କର ସାର, ବିହନ,



ପଟ୍ଟାମୁଣ୍ଡାଇରେ ଥିବା କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃର ଶାଖା।

କୀଟନାଶକର ଆବଶ୍ୟକତା ରହିଛି। ମାତ୍ର ସମବାୟ ସମିତିରେ ସାର କି କୀଟନାଶକ ମିଳୁନାହିଁ। ଚାଷ ଆରମ୍ଭରୁ ବିହନ ବି ମିଳି ନ ଥିଲା। ଚାଷୀ ବିହନ ବଜାରରୁ ଆଣି ଚାଷ କରିଥିବା ବେଳେ ଏବେ ସାର ଚଢ଼ା ଦରରେ ବିଭିନ୍ନ ଦୋକାନରୁ କିଣୁଛନ୍ତି। ସମବାୟ ସମିତିରେ ଋଣ ପ୍ରଦାନ, ଋଣ ଛାଡ, ବୀମା ପ୍ରଦାନରେ ସମ୍ପାଦକମାନେ ହେରଫେର କରୁଛନ୍ତି। ସେହିପରି ସାଧାରଣ ଚାଷୀମାନେ ଧାନ ମଣ୍ଡି ସକାଶେ ପଞ୍ଜୀକୃତ କରି ପାରୁ ନ ଥିବା ବେଳେ ସମ୍ପାଦକମାନେ ପକେଟ ଗରମ କରି ଅନ୍ୟମାନଙ୍କର ନାମ ପଞ୍ଜୀକରଣ କରିଥିବା ଅଭିଯୋଗ ହେଉଛି। ଏହାର ବିଧିବଦ୍ଧ ତଦନ୍ତ କରି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଧ୍ୟାନ ଦେଲେ ଚାଷୀକୁଳ ଉପକୃତ ହୋଇପାରିବ। କୃଷକ ନେତା ସହଦେବ ଦାଶ, ରମେଶ ପ୍ରଧାନ, କୁଳମଣି ବେହେରା, ଦାଶରଥି ସାହୁ, ସୁରେନ୍ଦ୍ର ପରିଡା, ପ୍ରତାପ ନାୟକ, ଲକ୍ଷ୍ମଣ ପ୍ରଧାନ, ଶିଶିର ଓଝା, ଅନ୍ତର୍ଯ୍ୟାମୀ ସ୍ୱାଇଁ, ହରେକୃଷ୍ଣ ବାରିକ, ଭୀମସେନ ବେହେରା, ରବୀନ୍ଦ୍ର ମଲିକ, ସୁଦର୍ଶନ ମଲିକ, ନରୋତ୍ତମ ପାର୍ଥସାରଥି, ମାନସ ବେହେରା ପ୍ରମୁଖ କହିଛନ୍ତି, ତୃଣମୂଳ ସ୍ତରରେ ସମବାୟ ସମିତିଗୁଡ଼ିକରେ ବ୍ୟାପକ ଅନିୟମିତତା ସମ୍ପାଦକଙ୍କ ପାଇଁ ହେଉଛି। ସମ୍ପାଦକମାନେ ଯେଉଁଠାରେ ନିଯୁକ୍ତ ହୋଇଛନ୍ତି,ସେହିଠାରେ ହିଁ କାମ କରୁଛନ୍ତି। ସମ୍ପାଦକ ବଦଳି ନ ହେବା ଦ୍ୱାରା କେତେକ ସ୍ଥାନରେ ଏକଚାଟିଆ ନୀତିରେ କାମ ଚାଲୁଛି। ସେହିଭଳି ଧାନ ଉଠାଣରେ ମଧ୍ୟ ସମ୍ପାଦକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିଥାଏ। ଏଭଳିସ୍ଥିତି ସମ୍ପାଦକଙ୍କର ବଦଳି ନ ହେବା ଫଳରେ ସ୍ଥଳେ ସ୍ଥଳେ ଅନିୟମିତତା ଦେଖାଦେଉଛି। ଗତ ସରକାର ସମୟରେ ସମ୍ପାଦକଙ୍କ ବଦଳି ନିମନ୍ତେ ଏକ ନୀତି ପ୍ରଣୟନ ହୋଇଥିଲେ ମଧ୍ୟ କାର୍ଯ୍ୟକରୀ ହୋଇନାହିଁ। ଯଦି ଭାଜପା ସରକାର କୃଷକଙ୍କ ସ୍ୱାର୍ଥକୁ ଦୃଷ୍ଟି ଦେଇ ସମବାୟ ସମିତି ଆଇନ ୧୯୬୨ରେ ସଂଶୋଧନ କରି ଗୋଟିଏ ସମବାୟ ସମିତିରୁ ଅନ୍ୟ ଏକ ସମବାୟ ସମିତିକୁ ସମ୍ପାଦକ ବଦଳି କରେ ତାହା ହେଲେ ସମିତି ସ୍ତରରେ ସ୍ୱଚ୍ଛତା ଆସିବ ବୋଲି ସେମାନେ କହିଛନ୍ତି। ଏ ସଂକ୍ରାନ୍ତରେ ଶାଖା ପରିଚାଳକ ପ୍ରଶାନ୍ତ କୁମାର ମହାପାତ୍ରଙ୍କୁ ପଚାରିବାରେ ସମିତିରେ ସମ୍ପାଦକମାନଙ୍କର କାମ ଥିବାରୁ ସେମାନେ ବ୍ୟାଙ୍କକୁ ଆସୁଛନ୍ତି ବୋଲି ସେ କହିଛନ୍ତି। ଏ ସମ୍ପର୍କରେ ଏଆର୍‌ସିଏସ୍ ସନ୍ତୋଷ ଦାଶଙ୍କୁ ପଚାରିବାରେ ସମବାୟ ସମିତି ସମ୍ପାଦକମାନେ ଯେଉଁଭଳି ଭାବେ ତାଲିକା ଦିଅନ୍ତି ସେହିଭଳି ଭାବେ କାମ ହୁଏ ବୋଲି ସେ କହିଛନ୍ତି।

# ଆର୍ଥିକ ଅନିୟମିତତା ତଦନ୍ତ ଦାବିରେ 'ଓସା'ର ଗଣଧାରଣା


ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଓସାର କର୍ମକର୍ତ୍ତାମାନେ ଧାରଣା ଦେଇଛନ୍ତି।

କେନ୍ଦ୍ରାପଡ଼ା, ୨୯।୭ (ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ଜିଲାର ମିଶନ ଶକ୍ତି ଓ ଓଡ଼ିଶା ଜୀବିକା ମିଶନର ଅର୍ଥବ୍ୟୟରେ ବହୁ ଅନିୟମିତତା ଅଛି। ଏପରି ଅଭିଯୋଗ ଆଣିବା ସହିତ ଏହାର ତଦନ୍ତ ଦାବିରେ ଓଡ଼ିଶା ସୂଚନା ଅଧିକାର ଅଭିଯାନ (ଓସା) ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସୋମବାର ଗଣଧାରଣା ଦିଆଯାଇଛି। ଓସାର ଜିଲା ସଭାପତି ଏ ସମ୍ପର୍କରେ କହିଛନ୍ତି ଯେ, ମହିଳା ସଶକ୍ତିକରଣ ପାଇଁ ରାଜ୍ୟ ଓ କେନ୍ଦ୍ର ସରକାର ବିଭିନ୍ନ ଯୋଜନା କରିଛନ୍ତି। ଯୋଜନା କାର୍ଯ୍ୟକାରୀ ପାଇଁ ଆର୍ଥିକ ଅନୁଦାନ ଏହି ଜିଲାକୁ ଆସିଛି। ଏହି ଅର୍ଥକୁ ବ୍ୟୟରେ ବହୁ ଅନିୟମିତତା ଥିବା ସୂଚନା ମିଳିଛି। ତଥ୍ୟ ଅନୁଯାୟୀ ଅନିୟମିତାରେ ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ, ଜିଲା ପ୍ରକଳ୍ପ ସଂଯୋଜକ ଓ ପରିଚାଳକ ସମ୍ପୃକ୍ତି ସନ୍ଦେହ ହେବା ସ୍ୱାଭାବିକ। ଏହାବ୍ୟତୀତ ସୂଚନା ଅଧିକାର ଆଇନରେ ତଥ୍ୟ ମଗାଯାଇଥିଲେ ମଧ୍ୟ ଭ୍ରମାତ୍ମକ ସୂଚନା ପ୍ରଦାନ କରିବା ଏକ ସୁପରିଚାଳିତ ଯୋଜନା। ଏଥିପାଇଁ ୨୦୧୮ରୁ ମିଶନ ଶକ୍ତି ଓ ଜୀବିକା ମିଶନର ପାଣ୍ଠି ସମ୍ପର୍କରେ ସ୍ୱତନ୍ତ୍ର ଅଡିଟ କରିବା ଦାବି ରଖାଯାଇଛି। ସେହିପରି ସରକାରୀ ଭଡ଼ା ଗାଡି ବାବଦ ଖର୍ଚ୍ଚରେ ମଧ୍ୟ ଅନିୟମିତତା ଅଛି। ଦୁଇବର୍ଷ ପାଇଁ ଜିଲା ଓ ବ୍ଲକ ମହିଳା ମହାସଂଘ ରହିବାକୁ ଆଇନ ଥିଲେ ମଧ୍ୟ କେନ୍ଦ୍ରାପଡ଼ା ଜିଲାରେ ଏହାକୁ ଉଲ୍ଲଂଘନ କରାଯାଇଛି। ଜିଲା ମୁଖ୍ୟ ଚିକିତ୍ସାଳୟରେ ମିଶନ ଶକ୍ତି କାଫେର ନିୟୋଜିତ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସମ୍ପର୍କରେ ଯାଞ୍ଚ କରିବାକୁ ଓସା ପକ୍ଷରୁ ଦାବି କରାଯାଇଥିବା ସଭାପତି ମହାନ୍ତି ପ୍ରକାଶ କରିଛନ୍ତି। ଏହି ଗଣଧାରଣାର ନେତୃତ୍ୱ ପ୍ରଦୀପ ଦାଶ, ସାଗର ଜେନା, ନିରଞ୍ଜନ ପରିଡା, ହରେକୃଷ୍ଣ ପାତ୍ର, ଅମର ବିଶ୍ୱାଳ ପ୍ରମୁଖ ନେଇଛନ୍ତି।

# ଡାଙ୍ଗମାଳ, ବଡ଼ପଡ଼ାରେ ଦମକଳ କେନ୍ଦ୍ର ପାଇଁ ବିଧାନସଭାରେ ବିଧାୟକଙ୍କ ଦାବି

ରାଜନଗର, ୨୯।୭ (ଭାସ୍କର ରାଉତରାୟ)

ରାଜନଗର ନିର୍ବାଚନମଣ୍ଡଳୀର ଡାଙ୍ଗମାଳ ଓ ବଡ଼ପଡ଼ାଠାରେ ନୂତନ ଦମକଳ କେନ୍ଦ୍ର ସ୍ଥାପନ ପାଇଁ ରାଜନଗର ବିଧାୟକ ଧ୍ରୁବ ସାହୁ ସୋମବାର ବିଧାନସଭାରେ ଦାବି ଉଠାଇଛନ୍ତି। ରାଜନଗର ବିଧାୟକ ସାହୁ ବିଧାନସଭାରେ ରାଜନଗର ବ୍ଲକର ଚକ୍ରଧରପୁରଠାରେ ଗୋଟିଏ ମାତ୍ର ଦମକଳ କେନ୍ଦ୍ର ରହିଛି। ଏହି ଦମକଳ କେନ୍ଦ୍ରଠାରୁ ତାଳଚୁଆ, ରଙ୍ଗଣୀ, ଡାଙ୍ଗମାଳର ଦୂରତ୍ୱ ୫୦ କିମିରୁ ଅଧିକ। ତାଳଚୁଆ, ରଙ୍ଗଣୀ ସମେତ ବାଘମାରୀ, କେରୁଆଁପାଳ, କୃଷ୍ଣନଗର, ଖମାରସାହି ଓ ଡାଙ୍ଗମାଳ ପଞ୍ଚାୟତରେ ଅଗ୍ନିକାଣ୍ଡ ଘଟିଲେ ଦମକଳ କେନ୍ଦ୍ର ସେବା ଯୋଗାଇଇ ପାରୁନାହିଁ। ଡାଙ୍ଗମାଳଠାରେ ଦମକଳ କେନ୍ଦ୍ର ସ୍ଥାପନ କରାଯିବା ପାଇଁ ଦାବି କରିଛନ୍ତି। ଏଥିସହ ପଟ୍ଟାମୁଣ୍ଡାଇ ବ୍ଲକ ଅଞ୍ଚଳରେ ଆଦୌ ଦମକଳ କେନ୍ଦ୍ର ନାହିଁ। ପଟ୍ଟାମୁଣ୍ଡାଇ ପୌରାଞ୍ଚଳରେ ଦମକଳ କେନ୍ଦ୍ର ରହିଛି। ତେଣୁ ପଟ୍ଟାମୁଣ୍ଡାଇ ବ୍ଲକର ବଡ଼ପଡ଼ାଠାରେ ଦମକଳ କେନ୍ଦ୍ର ସ୍ଥାପନ କରିବାକୁ ଦାବି କରିଥିଲେ। ରାଜନଗର ନିର୍ବାଚନମଣ୍ଡଳୀର ରାଜନଗର ଓ ପଟ୍ଟାମୁଣ୍ଡାଇ ବ୍ଲକ ଅଞ୍ଚଳରେ ଅଗ୍ନିକାଣ୍ଡ ଯୋଗୁ ପ୍ରତିବର୍ଷ ବ୍ୟାପକ ଧନଜୀବନ ହାନି ହେଉଛି। ତେଣୁ ରାଜନଗର ନିର୍ବାଚନମଣ୍ଡଳୀର ଏହି ୨ଟି ସ୍ଥାନରେ ତୁରନ୍ତ ଦମକଳ କେନ୍ଦ୍ର ସ୍ଥାପନ କରାଯିବାକୁ ଗୃହରେ ବିଧାୟକ ସାହୁ ଦାବି ରଖିଛନ୍ତି।

# ମାର୍ଶାଘାଇରେ ମିଳିତ ଜନଶୁଣାଣି: ୧୭୪ ଅଭିଯୋଗ


ଜନଶୁଣାଣିରେ ଜିଲାପାଳ, ଏସ୍‌ପି ଓ ପ୍ରଶାସନିକ ଅଧିକାରୀମାନେ ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି।

ମାର୍ଶାଘାଇ, ୨୯।୭ (ଶୁଭେନ୍ଦୁ ପ୍ରସାଦ ଚୌଧୁରୀ)

ମାର୍ଶାଘାଇ ବ୍ଲକ ସଭାଗୃହରେ କେନ୍ଦ୍ରାପଡ଼ା ଜିଲାପାଳ ଓ ଏସ୍‌ପିଙ୍କ ମିଳିତ ଜନଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ, ଏସ୍‌ପି ସିଦ୍ଧାର୍ଥ କଟାରିଆ, ଅତିରିକ୍ତ ଜିଲାପାଳ ନିଲୁ ମହାପାତ୍ର, ଉପ ଜିଲାପାଳ ରବୀନ୍ଦ୍ର ପ୍ରଧାନ, ଡେପୁଟି କଲେକ୍ଟର ପଲ୍ଲବୀ ପ୍ରିୟଦର୍ଶନୀ, ବ୍ଲକ ଅଧକ୍ଷା ମଧୁସ୍ମିତା ସାମଲ, ବିଡିଓ ରଶ୍ମିରେଖା ମଲ୍ଲିକ ଓ ତହସିଲଦାର ଶ୍ରୀକାନ୍ତ ପରିଜା ଯୋଗଦେଇ ଲୋକମାନଙ୍କର ଅଭିଯୋଗ ଶୁଣିଥିଲେ। ମୋଟ ୧୭୪ଟି ଅଭିଯୋଗ ମଧ୍ୟରୁ ୪୫ଟି ସାମୂହିକ ଥିବାବେଳେ ଅନ୍ୟସବୁ ବ୍ୟକ୍ତିଗତ ରହିଥିଲା।

ସାମୂହିକ ଅଭିଯୋଗଗୁଡିକ ମଧ୍ୟରୁ ସର୍ବାଧିକ ସ୍ୱୟଂ ସହାୟିକା ଗୋଷ୍ଠୀ(ଏଏଚଜି)ରେ ଅନ୍ତକନ୍ଦଳ ଥିବା ଜଣାଯାଇଛି। ବ୍ଲକର ଅନ୍ତେଇ, ପାଇଲୋ ବଛରାଇ, ମଣିକୁଣ୍ଡା, କଷଟିବାଲି ପଞ୍ଚାୟତ ଲେଭୁଲ ଫେଡେରେଶନର କାର୍ଯ୍ୟକାରୀ ସଦସ୍ୟଙ୍କୁ ବଦଳାଇବା ଆଦି ଦାବି ରହିଥିଲା। ବଛାରାଇ ଗ୍ରାମରେ ଇସି ସଦସ୍ୟମାନେ ଏଏଚଜିର ସିଆର୍‌ପି ଓ ଏମ୍‌ବିକେଙ୍କୁ ବିଦା କରିବାକୁ ଅଭିଯୋଗ କରିଥିଲେ। ମାର୍ଶାଘାଇ ଉଚ୍ଚବିଦ୍ୟାଳୟର ଉନ୍ନତି କରଣ, ହିନ୍ଦୁଳିଆ, ମାଣତିର, ହାତିଆ ଗ୍ରାମରେ କୃଷି ଜମିରୁ ଜଳ ନିଷ୍କାସନ ଓ କେନାଲ ସଫେଇ ପାଇଁ ଦାବି ହୋଇଥିଲା। ଠାଉରି ଗ୍ରାମ୍ୟ ରାସ୍ତା ନିର୍ମାଣ, ମଧୁସୂଦନପୁର ଓ ଗିରଙ୍ଗ ଗ୍ରାମରେ ପାନୀୟ ଜଳ ସମସ୍ୟା ଉପରେ ଅଭିଯୋଗ ଆସିଥିଲା। ଡରବଛା ଗ୍ରାମର ମନୋରଞ୍ଜନ ବାରିକଙ୍କୁ ୩ ଚକିଆ ସାଇକେଲ ପ୍ରଦାନ କରାଯାଇଥିବାବେଳେ ୪ ଜଣଙ୍କୁ ଚିକିତ୍ସା ପାଇଁ ସହାୟତା ପ୍ରଦାନ କରାଯାଇଥିଲା। ବ୍ୟକ୍ତିଗତ ଅଭିଯୋଗ ମଧ୍ୟରେ ଭତ୍ତା, ରାଶନ କାର୍ଡ, ଆବାସ ଯୋଜନାରେ ଘର ପୋଲିସ ମାମଲା ପ୍ରମୁଖ ଥିଲା। ଅନ୍ୟମାନଙ୍କ ମଧ୍ୟରେ ଜିଲା ଅତିରିକ୍ତ ଚିକିତ୍ସା ଅଧିକାରୀ ପ୍ରମୋଦ କୁମାର ପ୍ରହରାଜ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ବିଜୟ କେତନ ସାହୁ, ଜିଲା ସାମାଜିକ ସୁରକ୍ଷା ଅଧିକାରିଣୀ ରୁପାଲୀ ପ୍ରିୟଦର୍ଶନୀ, ଜିଲା ବେସାମାରିକ ଯୋଗାଣ ଅଧିକାରୀ ଶ୍ରୀନିବାସ ସାହୁ, ଜିଲା ଶିକ୍ଷାଧିକାରୀ ପ୍ରଦୀପ ନାଗ, ଜିଲା ସମାଜ କଲ୍ୟାଣ ଅଧିକାରିଣୀ ପୁଷ୍ପାଞ୍ଜଳି ସେଠୀ, ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରିଣୀ ଦିପ୍ତୀ ମହାପାତ୍ର, ଅତିରିକ୍ତ ଉଦ୍ୟାନ କୃଷି ଅଧିକାରୀ ଶ୍ରୀରାମ ରତନ ପ୍ରଧାନ ଓ ଜିଲା ସୂଚନା ଲୋକ ସମ୍ପର୍କ ଅଧିକାରୀ ଆଲୋକ ମହାନ୍ତି, ଜିଲା ନିୟୋଜନ ତଥା ଦକ୍ଷତା ଅଧିକାରୀ ଘନଶ୍ୟାମ ସା, ବ୍ଲକ ସିଡିପିଓ ଶୈଳବାଳା ଚାଷୀ ଓ ବ୍ଲକ ପଞ୍ଚାୟତ ଉନ୍ନୟନ ଅଧିକାରିଣୀ ସୋନାଲି ବେଉରା ଉପସ୍ଥିତ ଥିଲେ।

# ଅଟୋ ସହ କ୍ଷୀରଗାଡ଼ି ଧକ୍କା, ୭ ଆହତ

- ୨ ଅଙ୍ଗନୱାଡି କର୍ମୀଙ୍କୁ କଟକ ବଡ଼ ମେଡିକାଲ ସ୍ଥାନାନ୍ତର
- ଥାନାରେ କ୍ଷୀରଗାଡ଼ି ଚାଳକଙ୍କ ନାମରେ ଲିଖିତ ଅଭିଯୋଗ

ମହାକାଳପଡ଼ା, ୨୯।୭ (ପ୍ରତାପ ଚନ୍ଦ୍ର ସ୍ୱାଇଁ)

ମହାକାଳପଡ଼ା ଥାନା ଓଳିଆ ଛକ-ଜାଲକଣା ରାସ୍ତାର ସାତ ଭଉଣୀ ଠାକୁରାଣୀ ନିକଟ ମଝି ରାସ୍ତାରେ ସୋମବାର ସକାଳ ୯ଟାରେ ଯାତ୍ରୀବାହୀ ଅଟୋ ସହ କ୍ଷୀର ଗାଡ଼ି ମୁହାଁମୁହିଁ ଧକ୍କା ହେବାରୁ ଚାଳକଙ୍କ ସହ ୬ଜଣ ଅଙ୍ଗନୱାଡି କର୍ମୀ ଆହତ ହୋଇଛନ୍ତି। ସେମାନଙ୍କୁ ଚିକିତ୍ସା ଲାଗି ପ୍ରଥମେ ମହାକାଳପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରେ ଅଧିକ ଚିକିତ୍ସା ଲାଗି କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଡାକ୍ତରଙ୍କ ଚିକିତ୍ସା ପରେ ୨ ଅଙ୍ଗନୱାଡି କର୍ମୀ ଗୁରୁତର ଥିବାରୁ କଟକ ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ସେମାନେ ହେଉଛନ୍ତି ଅଳାଇଲୋ-୩ କେନ୍ଦ୍ରର ମମତା ସେଠୀ ଓ ବବକରପୁର କେନ୍ଦ୍ରର କର୍ମୀ ନଳିନୀ ସେଠୀ। ଆହତ କର୍ମୀମାନେ ହେଲେ ଅଳାଇଲୋ କେନ୍ଦ୍ର-୨ର କର୍ମୀ ଶାନ୍ତିଲତା ସାମନ୍ତରାୟ, ସେହି ଗ୍ରାମର କେନ୍ଦ୍ର- ୧ କର୍ମୀ ପ୍ରମିଳା ଦାସ, ବିଲିପଦା କେନ୍ଦ୍ରର ମମତା ବେହେରା, ଓଳିଆ ନୀଳକଣ୍ଠପୁର କେନ୍ଦ୍ରର କର୍ମୀ ପୁଷ୍ପଲତା ବାରିକ ଆହତ ଅବସ୍ଥାରେ ଜିଲା ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି।

ସୂଚନାଯୋଗ୍ୟ, ମହାକାଳପଡ଼ା ବ୍ଲକ ସମନ୍ୱିତ ଶିଶୁ ବିକାଶ କାର୍ଯ୍ୟାଳୟରେ ସୋମବାର ପ୍ରକଳ୍ପ ତାଲିମ ପ୍ରଦାନ ପାଇଁ ଅଳାଇଲୋ କେନ୍ଦ୍ରରୁ ୬ ଅଙ୍ଗନୱାଡି କର୍ମୀ ଏକ ଅଟୋ ଯୋଗେ ଆସୁଥିଲେ। ସାତ ଭଉଣୀ ରାସ୍ତା ମଝିରେ ଏକ କ୍ଷୀର ଗାଡ଼ି ସହ ଅଟୋର ମୁହାଁମୁହିଁ ଧକ୍କା ହେବାରୁ ଚାଳକ ସହ ୬ ଜଣ ଅଙ୍ଗନୱାଡି କର୍ମୀ ଆହତ ହୋଇଥିଲେ। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ୨ ଗାଡ଼ିକୁ ଜବତ କରିଛି। ପୋଲିସ ପକ୍ଷରୁ ଅଧିକ ତଦନ୍ତ ଚାଲିଛି। କ୍ଷୀର ଗାଡ଼ି ନଂ. ଓଡି ୨୯ ଏଚ୍ ୦୫୪୦କୁ ଚାଳକ ରାଜୁ ଓଝା ଚଳାଉଥିଲେ ବୋଲି କୁହାଯାଇଛି। ଏ ନେଇ ଦୁର୍ଘଟଣାରେ ଆହତ ଅଙ୍ଗନୱାଡି କର୍ମୀ ମମତା ବେହେରା ମହାକାଳପଡ଼ା ଥାନାରେ କ୍ଷୀର ଗାଡ଼ି ଚାଳକଙ୍କ ବିରୋଧରେ ଲିଖିତ ଅଭିଯୋଗ କରିଛନ୍ତି। ଗାଡ଼ିଚାଳକ ନିଶାପାନ କରି ଗାଡ଼ି ଚଳାଉଥିବା ଅଭିଯୋଗ ପତ୍ରରେ ଉଲ୍ଲେଖ ରହିଛି। ଅଭିଯୋଗକୁ ଭିତ୍ତିକରି ପୋଲିସ ନଂ. ୧୭୨/୨୪ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# କାଉଡିଆ ଶିବ ମନ୍ଦିରରେ କଲେ ଜଳାଭିଷେକ

ରାଜନଗର, ୨୯।୭ (ଭାସ୍କର ରାଉତରାୟ)

ଶ୍ରାବଣ ମାସର ଦ୍ୱିତୀୟ ସୋମବାର ରାଜନଗର ଏବଂ ଆଖପାଖ ଶୈବପୀଠରେ ଶତାଧିକ କାଉଡିଆମାନେ ଜଳାଭିଷେକ କରିଛନ୍ତି। ପେଣ୍ଠ ଏବଂ ରାଜନଗରରେ ପ୍ରବାହିତ ହଂସୁଆ ନଦୀରୁ ଭକ୍ତମାନେ ପୂଜାର୍ଚ୍ଚନା କରି ଜଳ ଉଠାଇଥିଲେ। ଗୋଟିଏ ଦିନ ପୂର୍ବରୁ ଯେଉଁମାନେ ଜଳ ଉଠାଇଥିଲେ ସେମାନେ ଆରଡିସ୍ଥିତ ଆଖଣ୍ଡଳମଣି, ପଞ୍ଚଲିଙ୍ଗେଶ୍ୱର, ଧବଳେଶ୍ୱର, ମହାବିନାୟକ, ପଟ୍ଟାମୁଣ୍ଡାଇ ହରପାର୍ବତୀ, ଚନ୍ଦନନଗରସ୍ଥିତ ଶ୍ରୀଚନ୍ଦ୍ରମୌଳୀ, ଗୋସିଗାଁର ଗର୍ତ୍ତେଶ୍ୱର ମହାଦେବ ପ୍ରଭୃତି ଶୈବପୀଠରେ ଜଳାଭିଷେକ କରିଛନ୍ତି। ଏହି ବୋଲବମ୍ ଯାତ୍ରାରେ ଅଧିକାଂଶ ମହିଳା, ଶିଶୁଙ୍କ ସମାଗମ ଦେଖିବାକୁ ମିଳୁଛି।

# ଶିକ୍ଷା ସପ୍ତାହର ମୂଳଲକ୍ଷ୍ୟ ଶିକ୍ଷାର୍ଥୀଙ୍କ ଆଗ୍ରହ ସୃଷ୍ଟି


ଅତିଥିଙ୍କ ଗହଣରେ ପିଲାଙ୍କ ସହ ଅଭିଭାବକମାନେ।

ପଟ୍ଟାମୁଣ୍ଡାଇ, ୨୯।୭ (କଳ୍ପତରୁ ନାୟକ)

କେନ୍ଦ୍ରାପଡା ଜିଲା ପଟ୍ଟାମୁଣ୍ଡାଇ ବ୍ଲକସ୍ଥ ଲୋକନାଥପୁର ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଚାଲିଥିବା ଶିକ୍ଷା ସପ୍ତାହ କାର୍ଯ୍ୟକ୍ରମ ସୋମବାର ଶେଷ ହୋଇଛି। କେନ୍ଦ୍ର ସରକାରଙ୍କ ଜାତୀୟ ଶିକ୍ଷାନୀତିର ୪ର୍ଥ ବର୍ଷ ଉପଲକ୍ଷେ ଆୟୋଜିତ ସପ୍ତାହବ୍ୟାପୀ କାର୍ଯ୍ୟକ୍ରମ ସହ ପୂର୍ବାହ୍ନରେ ଏ ସମ୍ପର୍କରେ ଏକ ସଚେତନା ସଭା ଅନୁଷ୍ଠିତ ହୋଇଛି। ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଶୁଭ୍ରାଂଶୁ କୁମାର ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ଶିକ୍ଷା ସପ୍ତାହର ମୂଳଲକ୍ଷ୍ୟ ସୁସ୍ଥ ସମାଜ ଗଠନ ପାଇଁ ଶିକ୍ଷାର୍ଥୀଙ୍କ ମଧ୍ୟରେ ଆଗ୍ରହ ସୃଷ୍ଟି କରିବା ବୋଲି ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ସଞ୍ଜୟ କୁମାର ନାୟକ, ସମରେନ୍ଦ୍ର ଜେନା, ନିହାରିକା ସ୍ୱାଇଁ, ଶ୍ରଦ୍ଧାଞ୍ଜଳି ଦାସ, ଝୁନୁପ୍ରିୟା ଜେନା, ରଞ୍ଜନ କୁମାର ବେହେରା ଏଥିରେ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ସେମାନେ କହିଥିଲେ ଯେ ଏହି ଶିକ୍ଷା ସପ୍ତାହର ପ୍ରଥମ ଦିବସକୁ ଟିଏଲଏମ୍ ଦିବସ ଭାବେ ପାଳନ କରାଯାଇଥିଲା। ସ୍ୱଳ୍ପ ମୂଲ୍ୟର ଶିକ୍ଷଣୀୟ ସାମଗ୍ରୀରେ ଶିକ୍ଷାର୍ଥୀମାନେ ନିଜର ପ୍ରତିଭା ପ୍ରଦର୍ଶନ କରିଥିଲେ। ସେହିପରି ଏଫଏଲଏନ୍ ଦିବସ, କ୍ରୀଡା ଦିବସ, ସାଂସ୍କୃତିକ ଦିବସ, ଡିଜିଟାଲ ଓ ଦକ୍ଷତା ପ୍ରୋତ୍ସାହନ ଦିବସ, ସ୍କୁଲ ପୋଷଣ ଦିବସ, ଇକୋ କ୍ଲବ ଦିବସ ଆଦି କ୍ରମାନ୍ୱୟରେ ହୋଇଥିଲା। ଏହାଦ୍ୱାରା ଶିକ୍ଷାର୍ଥମାନେ ଆଞ୍ଚଳିକସ୍ତରରେ ସୁସ୍ଥ ସମାଜ ଗଠନ ପ୍ରତି ସଚେତନତା ସୃଷ୍ଟି କରିଥିବା ବେଳେ ଶିକ୍ଷାର୍ଥୀମାନେ ଏଥିରୁ ଜ୍ଞାନ ଉପଲବ୍ଧି କରିଥିଲେ। ଏଥିସହ ବୃକ୍ଷରୋପଣ ପ୍ରତି ସଚେତନତା ସୃଷ୍ଟି ପାଇଁ ପଟ୍ଟାମୁଣ୍ଡାଇ କେନାଲ ଏକ ନମ୍ବର ଶାଖା କେନାଲ ବନ୍ଧରେ ତାଳ ମଞ୍ଜି ରୋପଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ସାମାଜିକ କର୍ମୀ ଗଙ୍ଗା ଜତି, ଶିକ୍ଷୟିତ୍ରୀ ଦିପ୍ତୀରେଖା ବେହେରା, ସସ୍ମିତା ଦଳାଇ, ସ୍ନିଗ୍ଧା ସୁଚରିତା ସାହୁ, ସଂଘମିତ୍ରା ସାମନ୍ତ, ଶିକ୍ଷାବିତ୍ ନେତ୍ରମଣୀ ଖଟୁଆ ପ୍ରମୁଖ ପରିଚାଳନା କରିଥିଲେ।

# ପଞ୍ଚୁପାଣ୍ଡବ-ପଣସୁଧା ରାସ୍ତା ମରଣଯନ୍ତା

ଡେରାବିଶ, ୨୯।୭ (ବେବର୍ତ୍ତା ଅଜୟ ଦାସ)



- ଯାଜପୁର, କେନ୍ଦ୍ରାପଡ଼ା ଜିଲାର ଲୋକେ ହଇରାଣ
- ଗ୍ରାମ୍ୟ ଉନ୍ନୟନ ବିଭାଗ ସାଜିଛି ନୀରବଦ୍ରଷ୍ଟା

ଯାଜପୁର ଜିଲା ଜାରକା ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ କେନ୍ଦ୍ରାପଡ଼ା ଜିଲା ଡେରାବିଶ ବ୍ଲକ ଅଧୀନ ୫୩ ନଂ. ଜାତୀୟ ରାଜପଥକୁ ସଂଯୋଗ କରୁଥିବା ପଞ୍ଚୁପାଣ୍ଡବଠାରୁ ଯାଜପୁର ଜିଲା ବଡଚଣା ବ୍ଲକର ପଣସୁଧା ଯାଏ ନିର୍ମାଣ ହୋଇଥିବା ଗ୍ରାମ୍ୟ ଉନ୍ନୟନ ବିଭାଗ ରାସ୍ତା ଏବେ ମରଣଯନ୍ତା ପାଲଟି ଯାଇଛି। ଏହି ରାସ୍ତାଟି ଉଭୟ ଡେରାବିଶ ଓ ବଡ଼ଚଣା ବ୍ଲକ ଅଞ୍ଚଳର ପ୍ରମୁଖ ରାସ୍ତା। କେନ୍ଦ୍ରାପଡ଼ା ସଦର ମହକୁମାଠାରୁ ଆରମ୍ଭ କରି ଡେରାବିଶ ବ୍ଲକ, ତହସିଲ ସମେତ ବିଭିନ୍ନ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ ସହ ଯାଜପୁର ଜିଲା ସଦର ମହକୁମା, ବଡଚଣା ବ୍ଲକ ଓ ତହସିଲ ସମେତ ବିଭିନ୍ନ କାର୍ଯ୍ୟାଳୟ ସହ ଯୋଗାଯୋଗ ପାଇଁ ଏହି ରାସ୍ତା ଉପରେ ଅଞ୍ଚଳବାସୀ ନିର୍ଭର କରିଥାନ୍ତି। ଏହାକୁ ଦୃଷ୍ଟିରେ ରଖି ୨୦୨୧-୨୨ ଆର୍ଥିକ ବର୍ଷରେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଏହି ରାସ୍ତାକୁ ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇ ଠିକାଦାରଙ୍କ ଦ୍ୱାରା କାର୍ଯ୍ୟ କରାଯାଇଥିଲା।

ଡେରାବିଶ ବ୍ଲକ ଅଞ୍ଚଳର ପ୍ରମୁଖ ବଜାର ପଞ୍ଚୁପାଣ୍ଡବ ବଜାର ମଧ୍ୟରେ କଂକ୍ରିଟ ରାସ୍ତା କରାଯାଇଥିବା ବେଳେ ତା' ପରେ ରାସ୍ତାକୁ ପିଚୁ କରାଯାଇଥିଲା। ମାତ୍ର ଠିକାଦାର ଓ ତତ୍କାଳୀନ ବିଭାଗୀୟ ଯନ୍ତ୍ରୀଙ୍କ ସଲାସୁତରା ଯୋଗୁ ରାସ୍ତା କାମ ଅତ୍ୟନ୍ତ ନିମ୍ନମାନର କରାଯାଇଥିବାରୁ ସ୍ଥାନୀୟ ଅଞ୍ଚଳବାସୀଙ୍କ ପକ୍ଷରୁ ଯାଜପୁର ଓ କେନ୍ଦ୍ରାପଡ଼ା ଜିଲାପାଳଙ୍କ ସମେତ ବିଭାଗୀୟ କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ କରାଯାଇଥିଲା। ନିମ୍ନମାନର ରାସ୍ତା କାମକୁ ନେଇ ଗଣମାଧ୍ୟମରେ ଖବରମାନ ପ୍ରକାଶ ପାଇଥିଲା। ପରେ ବିଭାଗୀୟ କର୍ତ୍ତୃପକ୍ଷ ଲୋକଦେଖାଣିଆ ରାସ୍ତା ତଦାରଖ କରି ଫେରି ଯାଇଥିଲେ ବୋଲି ବ୍ଲକ ଅଧୀନ କେଉଟକଣ୍ଡିଆ ଗ୍ରାମର ପ୍ରଦୀପ୍ତ କୁମାର ସେଠୀ କହିଛନ୍ତି। ପ୍ରଦୀପଙ୍କ ସୂଚନା ଅନୁଯାୟୀ, ରାସ୍ତା କାମ ସରିବାର ୬ମାସ ନ ପୂରୁଣୁ ବିଭିନ୍ନ ସ୍ଥାନରେ ଫାଟ ସୃଷ୍ଟି ହେବା ସହ ଗୋଡି ଉଠିଯାଇ ଖାଲ ସୃଷ୍ଟି ହୋଇଥିଲା। ଏ ବିଷୟରେ ମଧ୍ୟ ସ୍ଥାନୀୟ ଅଞ୍ଚଳବାସୀଙ୍କ ପକ୍ଷରୁ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଅଭିଯୋଗ କରାଯାଇଥିଲା। ତେବେ ପ୍ରଧାନମନ୍ତ୍ରୀ ସଡକ ଯୋଜନାରେ ନିର୍ମାଣ କରାଯାଉଥିବା ରାସ୍ତାର ରକ୍ଷଣାବେକ୍ଷଣ ଓ ମରାମତି ପାଇଁ ଠିକାସଂସ୍ଥା ବିଭାଗ ସହ ଚୁକ୍ତିନାମା କରିଥାନ୍ତି। ମାତ୍ର ରାସ୍ତାର ଏଭଳି ଦୁରବସ୍ଥା ପରେ ମଧ୍ୟ ଠିକା ସଂସ୍ଥା ପକ୍ଷରୁ କୌଣସି ମରାମତି ନ ହେବାରୁ ବିଭାଗୀୟ କର୍ତ୍ତୃପକ୍ଷଙ୍କ ନିକଟରେ ପୁଣି ଅଭିଯୋଗ କରାଯାଇଥିବା ବଡ଼ଚଣା ବ୍ଲକ ଅଧୀନ ଭରତପୁର ସରପଞ୍ଚ ବିଭୂତି ଭୂଷଣ ସାମଲ କହିଛନ୍ତି। ତେବେ ଏହି ଅଭିଯୋଗ ପରେ ସମ୍ପୃକ୍ତ ଠିକାଦାର ଲୋକ ଦେଖାଣିଆ ଭାବେ ରାସ୍ତାର କିଛି ଭାଗ ମରାମତି କରି ପଳାଇ ଯାଇଥିଲେ। ବର୍ତ୍ତମାନ ମରାମତି ହୋଇଥିବା ସ୍ଥାନରେ ବଡବଡ ଖାଲଖମା ସୃଷ୍ଟି ହୋଇଛି ବୋଲି ସରପଞ୍ଚ ସାମଲ କହିଛନ୍ତି। ଏଥିସହ ପଞ୍ଚୁପାଣ୍ଡବଠାରୁ ପଣସୁଧା ପର୍ଯ୍ୟନ୍ତ ୫କିମି ରାସ୍ତାରେ ବଡବଡ ଖାଲ ସୃଷ୍ଟି ହେବା ଦ୍ୱାରା ଦୈନିକ ଛୋଟ ବଡ ଦୁର୍ଘଟଣା ଘଟୁଥିବା ଡେରାଢିହ ଗ୍ରାମର ହରେକୃଷ୍ଣ ମହାନ୍ତି କହିଛନ୍ତି। ତୁରନ୍ତ ଏହି ରାସ୍ତାକୁ ମରାମତି କରିବା ପାଇଁ ବିଭାଗୀୟ କର୍ତ୍ତୃପକ୍ଷ ପଦକ୍ଷେପ ନ ନେଲେ ଅଞ୍ଚଳବାସୀ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଏଣ୍ଡର ପଞ୍ଚାୟତ ସମିତିସଭ୍ୟ ପ୍ରଫୁଲ୍ଲ କୁମାର ସେଠୀ ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ଚଣ୍ଡିଖୋଲ ଉପଖଣ୍ଡର ବିଭାଗୀୟ ସହକାରୀ ନିର୍ବାହୀ ଯନ୍ତ୍ରୀ ଅନିଲ କୁମାର ସେଠୀଙ୍କୁ ପଚାରିବାରେ ଏହି ରାସ୍ତା ନେଇ କୌଣସି ଅଭିଯୋଗ ପହଞ୍ଚି ନାହିଁ। ଅଭିଯୋଗ ପାଇଲେ ରାସ୍ତା ପରିଦର୍ଶନ କରି ଯାହା ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।

# ଦବୁଛି ରେଲ୍‌ୱେ ଓଭରବ୍ରିଜ୍, ସଂଯୋଗ ରାସ୍ତା

- ଓଭରବ୍ରିଜ୍ ତଳୁ ପାଣି ଗଳିବା ପରେ ସ୍ଥାୟିତ୍ୱ ନେଇ ଉଠିଲା ପ୍ରଶ୍ନ
- ୧ମାସ ତଳେ ଉଦ୍‌ଘାଟନ ହୋଇଥିଲା ଏହି ଓଭରବ୍ରିଜ୍



ନୟାଗଡ଼,୨୯।୭(ଲୋକନାଥ ମିଶ୍ର)

ନୟାଗଡ଼-ଖଣ୍ଡପଡ଼ା ରାସ୍ତାର ବରପଲ୍ଲୀ ଛକ ନିକଟରେ ରେଲୱେ ଓଭରବ୍ରିଜ ଉଦ୍‌ଘାଟନ ହେବାର ୧ମାସ ବିତିଛି। ହେଲେ ଓଭରବ୍ରିଜ୍ ଓ ସଂଯୋଗ ରାସ୍ତା ଦବିବା ଆରମ୍ଭ ହୋଇଛି। ସେହିପରି ଓଭରବ୍ରିଜ୍‌ରୁ ପାଣି ଗଳିବାରୁ ଏହାର ସ୍ଥାୟିତ୍ୱ ନେଇ ପ୍ରଶ୍ନ ଉଠିଛି। ସେହିପରି ଓଭରବ୍ରିଜ୍ ରାସ୍ତା ଓ ବାଇପାସ୍ ରାସ୍ତା କାର୍ଯ୍ୟକ୍ଷମ ପରେ ବିପଦସଙ୍କୁଳ ହୋଇଥିଲେ ହେଁ ଏହାର ପ୍ରତିକାର ନାହିଁ। ଓଭରବ୍ରିଜର ନୟାଗଡ଼ରୁ ଖଣ୍ଡପଡ଼ା ଯିବା ରାସ୍ତା ଠିକ୍‌ରେ ଲେଭୁଲ ହୋଇ ନ ଥିବାବେଳେ ଓଭରବ୍ରିଜ୍‌ର ସାଇଡ୍‌ୱାଲ ବଙ୍କା ହୋଇ ନିର୍ମାଣ ହୋଇଛି। ବାଇପାସ୍ ରାସ୍ତା ସଙ୍କୁଚିତ ହୋଇ ରହିଥିଲେ ହେଁ ଏଥିପ୍ରତି ରେଳ ବିଭାଗ ଦୃଷ୍ଟି ନ ଦେବାରୁ ସହରବାସୀଙ୍କ ଚିନ୍ତାର କାରଣ ପାଲଟିଛି।

ଏ ନେଇ ସାମାଜିକ କର୍ମୀ ଶ୍ରୀଧର ପ୍ରଧାନ କୁହନ୍ତି, ନୟାଗଡ଼ ସହର ଦେଇ ବଲାଙ୍ଗୀର-ଖୋର୍ଦ୍ଧା ୫୭ନଂ. ଜାତୀୟ ରାଜପଥ ଅତିକ୍ରମ କରିଥିବାରୁ ନୟାଗଡ଼-ଖଣ୍ଡପଡ଼ା ରାସ୍ତାର ବଲାଙ୍ଗୀ ବନ୍ଧ ପାଖରେ ରେଳ ବିଭାଗ ପକ୍ଷରୁ ଓଭର ବ୍ରିଜ୍ ନିର୍ମାଣ କରାଯାଇଥିଲା। ତେବେ ଓଭରବ୍ରିଜର କାମ ଠିକରେ କରାଯାଇନାହିଁ। କାମ କରିବା ସମୟରେ ବାରମ୍ବାର ଅଭିଯୋଗ କରାଯାଇଥିଲେ ମଧ୍ୟ ସୁଫଳ ମିଳିଲାନି। ନୟାଗଡ଼ରୁ ଖଣ୍ଡପଡ଼ା ଯିବା ରାସ୍ତାର ଗୋଟିଏ ପାର୍ଶ୍ୱ ଲେଭୁଲ ଠିକ୍‌ରେ ହୋଇ ନ ଥିଲା। ସେଥିପାଇଁ ଦୁର୍ଘଟଣା ବଢୁଛି। ସେହିପରି ନୟାଗଡ଼ରୁ ଖଣ୍ଡପଡ଼ା ପାର୍ଶ୍ୱକୁ ପଡିଥିବା ବାଇପାସ୍ ରାସ୍ତା ପୂରା ସଙ୍କୁଚିତ ହୋଇ ରହିଛି। ବାଇପାସ୍ ରାସ୍ତାରେ ଘର, ବିଦ୍ୟୁତ୍ ଖୁଣ୍ଟ ଥିବାରୁ ଯାନବାହନ ଚଳାଚଳ କାଠିକର ପାଠ ହୋଇଗଲାଣି। ବାଇପାସ୍ ରାସ୍ତାକୁ ଜବରଦଖଲ କରାଯାଇଛି ନା କ'ଣ ତାହା ତଦନ୍ତସାପେକ୍ଷ ହୋଇଥିଲେ ହେଁ ଏଥିପ୍ରତି କାହାର ଦୃଷ୍ଟି ନାହିଁ। ବାଇପାସ୍ ରାସ୍ତା ଓ ଓଭରବ୍ରିଜ୍ ରାସ୍ତା ଉଦ୍‌ଘାଟନ ହେବା ପୂର୍ବରୁ ପରେ ୬୦ରୁ ଉର୍ଦ୍ଧ୍ୱ ଦୁର୍ଘଟଣା ଘଟି ସାରିଲାଣି। ଏବେ ବାଇପାସ୍ ରାସ୍ତା ଦବିବା ଆରମ୍ଭ ପରେ ନିମ୍ନମାନର କାମକୁ ପ୍ରମାଣିତ କରୁଛି। ଲକ୍ଷ୍ମୀପ୍ରସାଦ ପଞ୍ଚାୟତର ପୂର୍ବତନ ସରପଞ୍ଚ ସୌମ୍ୟ ରଞ୍ଜନ ପ୍ରଧାନ କୁହନ୍ତି, ରେଲୱେ ଓଭରବ୍ରିଜ୍‌ର ରାସ୍ତା ଓ ବାଇପାସ୍ ରାସ୍ତା କାମ ଠିକ୍‌ରେ କରାଯାଉନି। ଓଭରବ୍ରିଜର କେତେକ ସ୍ଥାନ ଦବିବା ଓ ଓଭରବ୍ରିଜରୁ ପାଣି ଗଳିବା ପରେ କାମର ଗୁଣବତ୍ତା ନେଇ ପ୍ରଶ୍ନ ଉଠିଛି। ଓଭରବ୍ରିଜ୍ ଦବିବା ପରେ ନିର୍ମାଣ କାର୍ଯ୍ୟରେ ଦୁର୍ନୀତି ହୋଇଥିବାର ପ୍ରମାଣ ମିଳିବା ପରେ ଏହାର ତଦନ୍ତ ହେବା ଦରକାର ବୋଲି କହିଛନ୍ତି। ବରପଲ୍ଲୀର ଜଳନ୍ଧର ପ୍ରଧାନ କୁହନ୍ତି, ସରକାର ଅନେକ କୋଟି ଟଙ୍କା ଖର୍ଚ୍ଚ କରି ଓଭରବ୍ରିଜ୍ ନିର୍ମାଣ କରୁଛନ୍ତି। ନବନିର୍ମିତ ଓଭରବ୍ରିଜ୍ ରାସ୍ତା ଦବିବା ପରେ କାର୍ଯ୍ୟ ଠିକ୍‌ରେ ହୋଇ ନ ଥିବା ସ୍ପଷ୍ଟ ହୋଇ ସାରିଲାଣି। ଏହି ଘଟଣାର ତଦନ୍ତ ସହିତ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବା ଦରକାର।

# ବିଦ୍ୟାଳୟସ୍ତରୀୟ ଶିକ୍ଷା ସପ୍ତାହ କାର୍ଯ୍ୟକ୍ରମ




ଖଣ୍ଡପଡ଼ା,୨୯।୭(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ ଅଧୀନ ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟ, କଣ୍ଟିଲୋ କୁଞ୍ଜବିହାରୀ ନୋଡାଲ ଉଚ୍ଚ ବିଦ୍ୟାଳୟ, ପରିସରରେ ଛାତ୍ରୀଛାତ୍ରମାନଙ୍କ ଶିକ୍ଷାର ମାନବୃଦ୍ଧି ନିମନ୍ତେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଶିକ୍ଷା ବିଭାଗ ନିର୍ଦ୍ଦେଶାନୁସାରେ ୨୨ ତାରିଖଠାରୁ ଏହି ଶିକ୍ଷା ସପ୍ତାହ ଅନୁଷ୍ଠିତ ହେଉଛି। ଏହି କାର୍ଯ୍ୟକ୍ରମ ରବିବାର ଶେଷ ହେବାକୁ ଥିବାବେଳେ ଉକ୍ତଦିନ ଛୁଟି ଯୋଗୁଁ ସୋମବାର ଉଦ୍‌ଯାପିତ ହୋଇଯାଇଛି ବୋଲି ସମ୍ପୃକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ, ପ୍ରଧାନ ଶିକ୍ଷକ ସୂଚନା ଦେଇଛନ୍ତି। ଏହି ଦିନମାନଙ୍କ ମଧ୍ୟରେ ୨୨ ତାରିଖରେ ଶିକ୍ଷଣ ସାମଗ୍ରୀ ଦିବସ, ୨୩ରେ ଏଫଏଲଏନ ଦିବସ, ୨୪ରେ କ୍ରୀଡା ଦିବସ, ୨୫ରେ ସାଂସ୍କୃତିକ ଦିବସ, ୨୬ରେ ଦକ୍ଷତା ଓ ଡିଜିଟାଲ ପ୍ରୋତ୍ସାହନ ଦିବସ ଓ ଶନିବାର ୨୭ରେ ଇକୋ କ୍ଲବ ପୋଷଣ ଦିବସ ପାଳନ ଅବସରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଆରସି ହାଇସ୍କୁଲ ଖଣ୍ଡପଡ଼ାରେ ପ୍ରଧାନ ଶିକ୍ଷୟିତ୍ରୀ ଲିପ୍ସା ନନ୍ଦ, ସହକାରୀ ଶିକ୍ଷୟିତ୍ରୀ ଶିକ୍ଷକ ଗୀତାଞ୍ଜଳି ଖଟୁଆ, ବିଶ୍ୱମ୍ବର ପ୍ରଧାନ, ରବିନାରାୟଣ ଗୋଚ୍ଛି, କଣ୍ଟିଲୋ କୁଞ୍ଜବିହାରୀ ସ୍କୁଲର ପ୍ରଧାନ ଶିକ୍ଷକ ଶ୍ରୀନିବାସ ପଣ୍ଡା, ସହକାରୀ ଶିକ୍ଷୟିତ୍ରୀ ବାସନ୍ତୀ ପଣ୍ଡା, ନିରଞ୍ଜନ କଦମସେଠଙ୍କ ତତ୍ତ୍ୱାବଧାନରେ ଅନ୍ୟ ସହକାରୀ ଶିକ୍ଷୟିତ୍ରୀ, ଶିକ୍ଷକ, ଛାତ୍ରୀଛାତ୍ରମାନେ ସହଯୋଗ କରିଥିଲେ।

# ଦଶପଲ୍ଲାରେ ଜିଲାପାଳଙ୍କ ଜନଶୁଣାଣି

ନୟାଗଡ଼/ଦଶପଲ୍ଲା,୨୯।୭
(ଲୋକନାଥ ମିଶ୍ର/ପ୍ରକାଶ କୁମାର ପାଣି)

ନୟାଗଡ଼ ଜିଲା ଦଶପଲ୍ଲା ବ୍ଲକ ପରିସରରେ ସୋମବାର ଜିଲାପାଳଙ୍କ ଜନଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିରିକ୍ତ ଜିଲାପାଳ ଦିଲୀପ କୁମାର ବଳ ଯୋଗଦେଇ ଅଭିଯୋଗଗୁଡ଼ିକର ଶୁଣାଣି କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପଜିଲାପାଳ କର୍ଣ୍ଣଦେବ ସମାଦାର, ଅତିରିକ୍ତ ଏସ୍‌ପି, ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଶିବିରରେ ୨୫୭ଟି ଅଭିଯୋଗ ଆସିଥିବାବେଳେ ୨୩୪ ବ୍ୟକ୍ତିଗତ ଥିବାବେଳେ ୨୩ଟି ଗ୍ରାମ୍ୟ ସମସ୍ୟା ଥିଲା। ୬୪ଟି ଅଭିଯୋଗର ସମାଧାନ ହୋଇଥିଲା।



ଜନଶୁଣାଣିରେ ପ୍ରଶାସନିକ ଅଧିକାରୀମାନେ।

# ଜଙ୍ଗଲରେ ଫଳଚାରା ରୋପଣ



ଫଳ ଚାରାକୁ ପୂଜାର୍ଚ୍ଚନା କରାଯାଇ ରୋପଣ ଲାଗି ଜଙ୍ଗଲକୁ ଗ୍ରାମବାସୀ ନେଉଛନ୍ତି।

ନୟାଗଡ଼,୨୯।୭(ଲୋକନାଥ ମିଶ୍ର)

ଦଶପଲ୍ଲା ରେଞ୍ଜ ବାଣିଗୋଚ୍ଛା ସେକ୍ସନ ଦୁଡୁକିପାଟୁ ବିଟ୍‌ର ଗୁରାପାଟୁ ଜଙ୍ଗଲିଆ ଅଞ୍ଚଳରେ ୧୦୦ ଆମ୍ବ ଗଛ, ୧୦ ପଣସ, ଜାମୁ ୫, ପିଜୁଳି ୫, ଅଁଳା, ହରିଡା, ବାହାଡ଼ା, ବଉଳ, ବରକୋଳି ପରି ୨୦୦ରୁ ଉର୍ଦ୍ଧ୍ୱ ଚାରା ରୋପଣ ହୋଇଛି। ରୁଗୁମୁ ପାହାଡ ଗୋଷ୍ଠୀ ଜଙ୍ଗଲ ସମ୍ପଳ ଅଧିକାର ଓ ପରିଚାଳନା କମିଟି ପକ୍ଷରୁ ଚାରାରୋପଣ କାର୍ଯ୍ୟକ୍ରମ ଆୟୋଜନ କରାଯାଇ ପୂଜାର୍ଚ୍ଚନା ପରେ ଗଛ ଲଗାଯାଇଥିଲା। ଦୁଡୁକିପାଟୁ ଗାଁରେ ଫଳ ଗଛ କିଛି ଥିବାବେଳେ ରୁଗୁମୁ ପାହାଡରେ ଫଳ ଗଛ ନାହିଁ। ଗାଁଲୋକ ୨୦୧୯ରେ ଉଜୁଡା ରୁଗୁମୁ ପାହାଡକୁ ଠେଙ୍ଗା ପାଳିରେ ସୁରକ୍ଷା କରି ଆସୁଛନ୍ତି। ଫଳ ଗଛ ଲଗାଇବା ପରେ ସେଗୁଡିକ ବଡ଼ ହେବା ପର୍ଯ୍ୟନ୍ତ ତାର ରକ୍ଷଣାବେକ୍ଷଣ ଗାଁ ଲୋକ କରିବେ ବୋଲି ନିଷ୍ପତି ନେଇଛନ୍ତି। କମିଟିର ସଭାପତି ପୀତାମ୍ବର ଜାନି, ଗାଁର ମହିଳା ସ୍ୱପ୍ନା ମଞ୍ଜରୀ ମିଶ୍ରଙ୍କୁ ପଚାରିବାରେ ଜଙ୍ଗଲ ଆମର ମା' ପରି। ତା' ଯୋଗୁ ପାହାଡ ପାଦଦେଶରେ ଗଢ଼ି ଉଠିଥିବା ଗାଁର ଲୋକ ଉପକୃତ ହେଉଛନ୍ତି। ସେମାନଙ୍କର ପରିବାର ଗୁଜୁରାଣ ମେଣ୍ଟୁଛି। ଫଳ ବଗିଚା ଦ୍ୱାରା ଜଙ୍ଗଲ ପଶୁପକ୍ଷୀ ଖାଦ୍ୟ ପାଇବା ସହ ଗାଁଲୋକ ଉପକୃତ ହେବେ। ଗାଁ ମୁହାଁ ପଶୁପକ୍ଷୀଙ୍କୁ ଫଳ ଗଛ କିଛିକାଂଶରେ ରୋକିବ ବୋଲି ସେ କହିଛନ୍ତି।

# ଅଭିଯୁକ୍ତ ବିବେକଙ୍କୁ ହାଇକୋର୍ଟରୁ ଜାମିନ

**କ୍ୟାମେରାମ୍ୟାନ୍ ମାନସ ହତ୍ୟା ମାମଲା**

କଟକ,୨୯।୭(କାର୍ତ୍ତିକ ସାହୁ)

ବହୁଚର୍ଚ୍ଚିତ କ୍ୟାମେରାମ୍ୟାନ୍ ମାନସ ସ୍ୱାଇଁ ହତ୍ୟା ମାମଲାର ଅନ୍ୟତମ ଅଭିଯୁକ୍ତ ବିବେକ ନାୟକଙ୍କୁ ସୋମବାର ହାଇକୋର୍ଟ ଜାମିନ ଦେଇଛନ୍ତି। ତେବେ ତଦନ୍ତରେ ସହଯୋଗ କରିବା ସହ ସାକ୍ଷୀମାନଙ୍କୁ ପ୍ରଭାବିତ ନ କରିବା ସମେତ ଅନ୍ୟ କେତେକ ସର୍ତ୍ତ ହାଇକୋର୍ଟ ରଖିଛନ୍ତି।

ପ୍ରକାଶ ଯେ, ୨୦୨୨ରେ ସଂଘଟିତ ଏହି ମାମଲାରେ ଶର୍ମିଷ୍ଠା ରାଉତ, ଝୁନା ଭୋଇ, ନିରଞ୍ଜନ ସେଠୀ ଓ ରଞ୍ଜନ ନାୟକଙ୍କ ବିରୋଧରେ କ୍ରାଇମବ୍ରାଞ୍ଚ ତଦନ୍ତ କରିଥିଲା। ମାନସ ସ୍ୱାଇଁଙ୍କୁ ଅଭିଯୁକ୍ତ ରଞ୍ଜନ ନାୟକ ଭଦ୍ରକ ଜିଲା ଚାନ୍ଦବାଲି ଥାନା ଅଧୀନରେ ଥିବା ପଳାଶପୁରରୁ ମାଷ୍ଟରମାଇଣ୍ଡ ଶର୍ମିଷ୍ଠାଙ୍କ କାରରେ ଆଣି ଭୁବନେଶ୍ୱର ଏୟାରଫିଲ୍ଡ ଥାନା ଅଧୀନସ୍ଥ ଦୟାଳ ଆଶ୍ରମକୁ ଆଣି ଅତି ନିର୍ମମ ଭାବେ ଆକ୍ରମଣ କରିଥିଲେ। ନିରଞ୍ଜନ ସେଠୀ ଉକ୍ତ ଆଶ୍ରମରେ ମାନସଙ୍କୁ ଆକ୍ରମଣ କରିଥିଲେ। ମାନସଙ୍କ ମୃତ୍ୟୁ ପରେ ସେମାନେ ମୃତଦେହକୁ ଶର୍ମିଷ୍ଠାଙ୍କ କାରରେ ନେଇ ନୟାଗଡ଼ ଜିଲା ରଣପୁର ଥାନା ଅଞ୍ଚଳରେ ପୋତିଦେଇଥିଲେ। ପରେ ସେମାନେ ଯାଜପୁର ଜିଲାର ଚଣ୍ଡିଖୋଲଠାରୁ ପ୍ରାୟ ୨କିଲୋମିଟର ଦୂର ଦୈତାରୀ - ପାରାଦୀପ ଏକ୍ସପ୍ରେସ ରାସ୍ତା ପାର୍ଶ୍ୱରେ ଅବସ୍ଥିତ ଏକ ନିଛାଟିଆ ସ୍ଥାନକୁ ଯାଇଥିଲେ। ସେମାନେ ମାନସଙ୍କ ଦ୍ୱାରା ବ୍ୟବହୃତ ଗୋଟିଏ ମୋବାଇଲ ଇୟର ଫୋନ୍, ହଳେ ଚପଲ, ଅଖା, ଶାଢ଼ି ଆଦି ଜିନିଷ ପୋଡ଼ି ଦେଇଥିଲେ। ମୃତଦେହକୁ ପୋତିବା ପାଇଁ ବ୍ୟବହୃତ କୋଦାଳ ଆଦି ସେମାନେ ସେଠାରେ ଫିଙ୍ଗିଦେଇ ଚାଲିଆସିଥିଲେ।

ତେବେ ମାନସ ସ୍ୱାଇଁ ହତ୍ୟା ଘଟଣାରେ ମୃତକଙ୍କ ପରିବାର ପକ୍ଷରୁ ୨୦୨୨ ଫେବୃଆରୀ ୧୪ରେ ଚାନ୍ଦବାଲି ଥାନାରେ ଅଭିଯୋଗ ହୋଇଥିଲା। ଚାନ୍ଦବାଲି ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଏହି ଘଟଣାରେ ପୋଲିସର ନିଷ୍କ୍ରିୟତାକୁ ଦାୟୀ କରି ମୃତକଙ୍କ ପିତା ପଞ୍ଚାନନ ସ୍ୱାଇଁ ସିବିଆଇ ତଦନ୍ତ କରିବାକୁ ହାଇକୋର୍ଟରେ ଏକ ମାମଲା ରୁଜୁ କରିଥିଲେ।

# ଯୁକ୍ତ ୨ ମହିଳା ମହାବିଦ୍ୟାଳୟରେ ଶିକ୍ଷା ସପ୍ତାହ ଉଦ୍‌ଯାପିତ



ଖଣ୍ଡପଡ଼ା,୨୯।୭(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ସହରାଞ୍ଚଳସ୍ଥିତ ଯୁକ୍ତ ୨ ମହିଳା ମହାବିଦ୍ୟାଳୟରେ ୨୨ ତାରିଖଠାରୁ ଆରମ୍ଭ ହୋଇଥିବା ଶିକ୍ଷା ସପ୍ତାହ ଉତ୍ସବ ରବିବାର ପୂର୍ବାହ୍ନ ଉଦ୍‌ଯାପିତ ହୋଇଯାଇଛି। କେନ୍ଦ୍ର ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟ (ସ୍କୁଲ ଶିକ୍ଷା ଓ ସ୍ୱାକ୍ଷରତା ବିଭାଗ) ଆନୁକୂଲ୍ୟରେ ଆୟୋଜିତ ଜାତୀୟ ଶିକ୍ଷାନୀତି-୨୦୨୦ର ୪ର୍ଥ ବାର୍ଷିକୀ ପାଳନ ପରିପ୍ରେକ୍ଷୀରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଯୁକ୍ତ ୨ ଅଧ୍ୟକ୍ଷା ସ୍ମିତା ଶେଫାଳୀ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ୭ ଦିନିଆ କାର୍ଯ୍ୟକ୍ରମରେ ଅଧ୍ୟାପିକା ବିଶ୍ୱ ଭାରତୀ ମହାରଣା ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମ ଅବଧି ମଧ୍ୟରେ ଶିକ୍ଷକ ଓ ଶିକ୍ଷଣ ସାମଗ୍ରୀ, ମୌଳିକ ସଂଖ୍ୟା ସାକ୍ଷରତା, କ୍ରୀଡା ଉତ୍ସବ, ଚିତ୍ରାଙ୍କନ, ସାଂସ୍କୃତିକ କାର୍ଯ୍ୟକ୍ରମ, ଦକ୍ଷତା ଓ ପ୍ରଯୁକ୍ତି ବିଦ୍ୟା ବିକାଶ, ଇକୋ କ୍ଲବ ଗଠନ ଓ ପୋଷଣ ଯୁକ୍ତ ଖାଦ୍ୟ ପ୍ରଦର୍ଶନ ଓ ବୃକ୍ଷରୋପଣ ସହିତ ନଗର ପରିକ୍ରମା ଭିତ୍ତିକ ସଚେତନତା କାର୍ଯ୍ୟ ସମ୍ପନ୍ନ କରାଯାଇଥିଲା। ଏଥିରେ ଯୁକ୍ତ ଦୁଇ ୨ୟ ବର୍ଷ ଛାତ୍ରୀ ଶତାଧିକ ସଂଖ୍ୟାରେ ଯୋଗଦେଇ ପ୍ରତିଯୋଗିତାରେ ଭାଗ ନେଇଥିଲେ। ଅଧ୍ୟାପିକାଅଧ୍ୟାପକ ତଥା କର୍ମଚାରୀମାନେ ଏଥିରେ ସକ୍ରୀୟ ଅଂଶଗ୍ରହଣ କରିଥିଲେ।

# ବିବାହ ପ୍ରଲୋଭନ ଦେଖାଇ ମହିଳାଙ୍କୁ ଅସଦାଚରଣ

ଖଣ୍ଡପଡା,୨୯।୭
(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ଥାନା ଅଞ୍ଚଳରେ ଜଣେ ବିବାହିତ ମହିଳାଙ୍କୁ ବିବାହ କରିବାର ପ୍ରଲୋଭନ ଦେଖାଇ ପ୍ରଥମେ ଶାରୀରିକ ସମ୍ପର୍କ ରଖିବା ସହ ପରବର୍ତ୍ତୀ ସମୟରେ ଯୌନ ନିର୍ଯାତନା ଦେଇଥିବା ଅଭିଯୋଗ ହୋଇଛି। ପୋଲିସ ଖଣ୍ଡପଡ଼ା ଅଞ୍ଚଳର ଜନୈକ ଭାରପ୍ରାପ୍ତ ପ୍ରାଣୀ ଚିକିତ୍ସାଧିକାରୀଙ୍କ ନାମରେ ବିଭିନ୍ନ ଦଫାରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଥିବା ଜଣାପଡିଛି। ସମ୍ପୃକ୍ତ ମହିଳାଙ୍କ ସ୍ୱାମୀ ନିଶାସକ୍ତ ଅବସ୍ଥାରେ ରହୁଥିବା ବେଳେ ଏହାର ସୁଯୋଗ ନେଇ ଭାରପ୍ରାପ୍ତ ପ୍ରାଣୀ ଚିକିତ୍ସାଧିକାରୀ ତାଙ୍କ ବାସଭବନକୁ ଯାଇ ସମ୍ପୃକ୍ତା ମହିଳାଙ୍କ ସହ ସମ୍ପର୍କ ସ୍ଥାପନ କରିଥିବା ଜଣାପଡିଛି। ଏପରିକି ସମ୍ପୃକ୍ତ ମହିଳାଙ୍କୁ ଗୋମିତ୍ର ପଦବୀରେ ନିଯୁକ୍ତି ଦେବା ପାଇଁ ଭାରପ୍ରାପ୍ତ ପ୍ରାଣୀ ଚିକିତ୍ସାଧିକାରୀ କୁଆଡେ ପ୍ରତିଶ୍ରୁତି ଦେଇ ପରବର୍ତ୍ତୀ ସମୟରେ ପ୍ରତାରଣା କରିଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଭାରପ୍ରାପ୍ତ ପ୍ରାଣୀ ଚିକିତ୍ସାଧିକାରୀ ସମ୍ପୃକ୍ତ ମହିଳାଙ୍କୁ ଯୌନ ନିର୍ଯାତନା ଦେଇଥିବା ନେଇ ମହିଳା ଜଣଙ୍କ ରବିବାର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୋଲିସ ମାମଲା ରୁଜୁ କରିଥିବା ଆଇଆଇସି ଜ୍ୟୋତି ପ୍ରକାଶ ସ୍ୱାଇଁ ସୂଚନା ଦେଇଛନ୍ତି। ଏହି ମାମଲାର ନମ୍ବର ସମ୍ପର୍କରେ ତଥା ସବିଶେଷ ତଥ୍ୟ କୁହାଯିବ ନାହିଁ ବୋଲି ଆଇଆଇସି ସ୍ୱାଇଁ ସୂଚନା ଦେଇଛନ୍ତି। ପୋଲିସ ସମ୍ପୃକ୍ତ ମହିଳାଙ୍କ ବୟାନ ରେକର୍ଡ କରିବା ସହ ଖଣ୍ଡପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସୋମବାର ଡ଼ାକ୍ତରୀ ମାଇନା କରିଥିବା ଜଣାପଡିଛି। ହେଲେ ଭାରପ୍ରାପ୍ତ ପ୍ରାଣୀ ଚିକିତ୍ସାଧିକାରୀ ମୋବାଇଲ ଫୋନ ସୁଇଚ ଅଫ୍ କରି ଫେରାର ହୋଇଯାଇଥିବା ଜଣାପଡିଛି। ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିବା ପାଇଁ ତନାଘନା ଆରମ୍ଭ କରିଥିବା ଜଣାପଡିଛି।

# ଅଟୋ ପଛରେ ପିଟିହେଲା ବାଇକ୍, ୩ ଗୁରୁତର

ଖଲ୍ଲିକୋଟ,୨୯।୭(ପ୍ରଶାନ୍ତ କୁମାର ମିଶ୍ର)

ଖଲ୍ଲିକୋଟ ଥାନା ୧୬ ନମ୍ବର ଜାତୀୟ ରାଜପଥ କେଶପୁର ଠାରେ ସୋମବାର ଏକ ଅଟୋ ପଛରେ ବାଇକ୍ ପିଟି ହେବାରୁ ୩ ଆରୋହୀ ଗୁରୁତର ଆହତ ହୋଇଛନ୍ତି। ସେମାନେ ହେଲେ କୋଦଳା ମାଟିଗଡ଼ ଗ୍ରାମର ପପୁନ ଗୌଡ଼, ଦୀପିକା ପ୍ରଧାନ ଓ ଛଚିନା ଗ୍ରାମର ତପନ ଗୌଡ଼। ଏହି ୩ ଜଣ ବାଲୁଗାଁରୁ ବାଇକ (ନଂ.ଓଡି ୦୭ ଏ ଏସ ୫୪୨୮) ଯୋଗେ ଗ୍ରାମକୁ ଫେରୁଥିବା ବେଳେ କେଶପୁର ଦମକଳ କେନ୍ଦ୍ର ନିକଟରେ ଆଗରେ ଯାଉଥିବା ଏକ ଡାଲା ଅଟୋ ହଠାତ ବୁଲାଇ ଦେବାରୁ ସେଥିରେ ଧକ୍କା ହୋଇଥିଲେ। ଫଳରେ ବାଇକରୁ ଖସି ୩ ଆରୋହୀ ଗୁରୁତର ଆହତ ହୋଇଥିବା ବେଳେ ଅଟୋଟି ଓଲଟି ପଡ଼ିଥିଲା। ଆହତମାନଙ୍କୁ ଦମକଳ ଗାଡିରେ ଖଲ୍ଲିକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅ2 ଣାଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ସମସ୍ତଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।

# ରାଧାମୋହନ ଜୀଉ ହାଇସ୍କୁଲର ପ୍ରତିଷ୍ଠା ଦିବସ

ଦଶପଲ୍ଲା, ୨୯।୭(ପ୍ରକାଶ କୁମାର ପାଣି)



ଅତିଥିମାନେ କୃତୀ ଛାତ୍ରୀମାନଙ୍କୁ ପୁରସ୍କୃତ କରୁଛନ୍ତି।

ସୋମବାର ରାଧାମୋହନ ଜୀଉ ହାଇସ୍କୁଲ ସାତପାଟଣା ଦଶପଲ୍ଲାର ୪୪ତମ ପ୍ରତିଷ୍ଠା ଦିବସ ସହ ବିଦ୍ୟାଳୟରେ ଶିକ୍ଷା ସପ୍ତାହର ସପ୍ତମ ଦିବସ ପାଳିତ ହୋଇଯାଇଛି। ଏଥି ନିମନ୍ତେ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ କୁଇଜ୍, ସଙ୍ଗୀତ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଅଛି। ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। କୁନି କୁନି ପିଲାମାନଙ୍କ ଦ୍ୱାରା ବିଦ୍ୟାଳୟର ପ୍ରତିଷ୍ଠା ଦିବସ ପାଳନ ଉପଲକ୍ଷେ କେକ୍ କଟା ଯାଇଥିଲା। ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀଶିକ୍ଷକ ବିଦ୍ୟାଳୟ ପରିଚାଳନା କମିଟି ସଭ୍ୟାସଭ୍ୟଙ୍କ ଦ୍ୱାରା ବିଦ୍ୟାଳୟ ପରିସରରେ ଚାରାରୋପଣ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମକୁ ପ୍ରଧାନ ଶିକ୍ଷକ ଦିଲୀପ କୁମାର ନାୟକ, ବିଦ୍ୟାଳୟ ସଭାପତି ସୁରେଶ ଚନ୍ଦ୍ର ବେହେରା, ବରିଷ୍ଠ ଶିକ୍ଷକ ରାଜେନ୍ଦ୍ର କୁମାର ସାହୁ, ପୂର୍ଣ୍ଣଚନ୍ଦ୍ର କହଁର, ରଜତ କୁମାର ପ୍ରଧାନ, ସୁପ୍ରିୟା ଶ୍ରୀଚନ୍ଦନ, ପ୍ରକାଶ କୁମାର ସାହୁ, ଆର୍ତ୍ତତ୍ରାଣ ସାହୁ, ଅନନ୍ତ ସାହୁଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ବୃନ୍ଦ ସହଯୋଗ କରିଥିଲେ।

# ଶିକ୍ଷକ ଅଭାବ, ପାଠପଢ଼ା ବ୍ୟାହତ

ଖଣ୍ଡପଡା,୨୯।୭
(ଅଜୟ କୁମାର ମହାରଣା)

**କୁମ୍ଭାରପଡ଼ା ରାମଚନ୍ଦ୍ର ଉଚ୍ଚ ପ୍ରାଥମିକ ମଧ୍ୟ ଇଂରାଜୀ ବିଦ୍ୟାଳୟ**



ରାଜ୍ୟ ସରକାର ପ୍ରାଥମିକ ଶିକ୍ଷାକୁ ଗୁରୁତ୍ୱ ଦେଇ ଶିକ୍ଷାର ବିକାଶ ନିମନ୍ତେ ଖଣ୍ଡପଡ଼ା ବ୍ଲକ ଅଧୀନ କୁମ୍ଭାରପଡ଼ା ରାମଚନ୍ଦ୍ର ଉଚ୍ଚ ପ୍ରାଥମିକ ମଧ୍ୟ ଇଂରାଜୀ ବିଦ୍ୟାଳୟଟି ୧୯୬୨ରେ ପ୍ରତିଷ୍ଠା କରାଯାଇଥିଲା। ତେବେ ଦୀର୍ଘ ୬୨ ବର୍ଷରୁ ଉର୍ଦ୍ଧ୍ୱ ହେବ ଚାଲି ଆସିଥିବା ଏହି ଶିକ୍ଷାନୁଷ୍ଠାନଟି ସମ୍ପ୍ରତି ବିଭିନ୍ନ ସମସ୍ୟା ମଧ୍ୟରେ ଗତି କରୁଥିବା ଜଣାପଡିଛି। ଉକ୍ତ ଶିକ୍ଷାନୁଷ୍ଠାନରେ ପ୍ରଥମରୁ ୮ମ ଶ୍ରେଣୀ ପର୍ଯ୍ୟନ୍ତ ରହିଥିବା ବେଳେ ଏଠାରେ ୨୨୦ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ଉକ୍ତ ବିଦ୍ୟାଳୟରେ ଶ୍ରେଣୀ କୋଠରି, ସୁରକ୍ଷା ପ୍ରାଚୀର, ଶୌଚାଳୟ, ପାନୀୟ ଜଳ ଏବଂ ଶିକ୍ଷାଦାନ ପାଇଁ ବିଜ୍ଞାନ, ହିନ୍ଦୀ ଓ ସଂସ୍କୃତ ଶିକ୍ଷକ ଅଭାବ ଥିବାରୁ ଶିକ୍ଷାଦାନ କ୍ଷେତ୍ରରେ ସମସ୍ୟା ଦେଖାଦେଇଛି। ଗୋଟିଏ ପରିସରରେ ପ୍ରାଥମିକ ଓ ମଧ୍ୟ ଇଂରାଜୀ ବିଦ୍ୟାଳୟ ନ ଥିବାରୁ ଶିକ୍ଷାଦାନ ତଥା ପରିଚାଳନାରେ ନାନା ସମସ୍ୟା ମଧ୍ୟରେ ଗତି କରୁଛି। ଉକ୍ତ ବିଦ୍ୟାଳୟରେ ୭ଜଣ ଶିକ୍ଷୟିତ୍ରୀଶିକ୍ଷକ ନିଯୁକ୍ତି ପାଇଥିବା ବେଳେ ଜଣେ ଶିକ୍ଷୟିତ୍ରୀ ଅନ୍ୟତ୍ର ଏକ ଶିକ୍ଷାନୁଷ୍ଠାନରେ କାର୍ଯ୍ୟରତ ଏବଂ ଅନ୍ୟ ଜଣେ ଲେଭୁଲ ୩ର ଶିକ୍ଷକ ଡେପୁଟେଶନରେ ଅଛନ୍ତି। ଅପରପକ୍ଷରେ ଉକ୍ତ ଶିକ୍ଷାନୁଷ୍ଠାନରେ ୩ ଜଣ ବୟୋଜ୍ୟେଷ୍ଠ ଶିକ୍ଷକ ରହିଥିବା ବେଳେ ଜଣେ କନିଷ୍ଠ ଶିକ୍ଷକଙ୍କୁ ପ୍ରଧାନ ଶିକ୍ଷକ ଦାୟିତ୍ୱ ଦିଆଯାଇଥିବାରୁ ସାଧାରଣରେ ଏ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ସମ୍ପର୍କରେ ବିଦ୍ୟାଳୟ ପରିଚାଳନା କମିଟି ପକ୍ଷରୁ ବ୍ଲକ ଶିକ୍ଷାଧିକାରୀ ଓ ଜିଲା ଶିକ୍ଷାଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଆଗାମୀଦିନରେ ଏ ଦିଗରେ ଯଦି କୌଣସି ପଦକ୍ଷେପ ଗ୍ରହଣ କରା ନ ଯାଏ ତେବେ ଅଭିଭାବକ ସଂଘ ଓ ଗ୍ରାମବାସୀ ପକ୍ଷରୁ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ସୂଚନା ଦେଇଛନ୍ତି।

# ଶିଳ୍ପ ପ୍ରତିଷ୍ଠା ଜମି ଅଧିଗ୍ରହଣ ପାଇଁ ପବ୍ଲିକ ନୋଟିସ

- ରାଜ୍ୟ ରାଜସ୍ୱ ବିଭାଗ ପକ୍ଷରୁ ପଦକ୍ଷେପ
- ରାମନଗର, ଖରିନାସି ଓ ବଟିଘର ଅଞ୍ଚଳରେ ହେବ ଶିଳ୍ପ

ମହାକାଳପଡ଼ା,୨୯।୭(ପ୍ରତାପ ଚନ୍ଦ୍ର ସ୍ୱାଇଁ)

ଶିଳ୍ପ ବିହୀନ କେନ୍ଦ୍ରାପଡ଼ା ଜିଲାରେ ବୃହତ୍ ଶିଳ୍ପ ପ୍ରତିଷ୍ଠା ପାଇଁ ପୂର୍ବ ସରକାର ସମସ୍ତ ପ୍ରକାର ପ୍ରସ୍ତୁତି କାର୍ଯ୍ୟ ଆରମ୍ଭ କରିଥିଲେ। ୨୦୨୩ ଡିସେମ୍ବର ୧୧, ୧୨ ଓ ୧୩ ତାରିଖରେ ଯଥାକ୍ରମେ ଜିଲାର ମହାକାଳପଡ଼ା ବ୍ଲକର ରାମନଗର, ଖରିନାସି ଓ ବଟିଘର ପଞ୍ଚାୟତରେ ଶିଳ୍ପ ପ୍ରତିଷ୍ଠା ପାଇଁ ଏହି ଆକଳନ ସମ୍ବନ୍ଧୀୟ ଜନଶୁଣାଣି ଶିବିର, ଗ୍ରାମସଭା ଅନୁଷ୍ଠିତ ହୋଇଥିଲା। ବିଶ୍ୱର ବୃହତ୍ତମ ଆର୍ସେଲର ମିତ୍ତଲ ନିପନ ଷ୍ଟିଲ ଇଣ୍ଡିଆ ଲିମିଟେଡ୍ ବାର୍ଷିକ ୨୪ ମେଟ୍ରିକ ଟନ୍ କ୍ଷମତାବିଶିଷ୍ଟ ଷ୍ଟିଲ ଉତ୍ପାଦନ କରିବ ବୋଲି କୁହାଯାଇଛି। ରାଜ୍ୟ ସରକାରଙ୍କ ରାଜସ୍ୱ ବିଭାଗ, ଇଡ୍‌କୋ କର୍ତ୍ତୃପକ୍ଷ ଓ ଷ୍ଟିଲ କର୍ତ୍ତୃପକ୍ଷଙ୍କ ମିଳିତ ସହଯୋଗରେ ଏହି ୩ ପଞ୍ଚାୟତରେ ଜନଶୁଣାଣି ଶିବିର, ଗ୍ରାମସଭା ଆୟୋଜନ ହୋଇଥିଲା। ଏବେ ଏହି ପଞ୍ଚାୟତରେ ସବୁ ଜମି ଅଧିଗ୍ରହଣ ଲାଗି ପବ୍ଲିକ ନୋଟିସ ଝୁଲା ଯାଇଛି, ଯାହାକୁ ନେଇ କେତେଜଣ ଖୁସି ବ୍ୟକ୍ତ କରିଥିବା ବେଳେ ୭୦ ବର୍ଷରୁ ଅଧିକ ଏଠାରେ ବସବାସ କରୁଥିବା ବଙ୍ଗୀୟମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

ଅପରପକ୍ଷରେ ରାଜ୍ୟ ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ବିଭାଗ ପକ୍ଷରୁ ଏହି ୩ ପଞ୍ଚାୟତରେ ସର୍ବସାଧାରଣ ଉଦ୍ଦେଶ୍ୟରେ ଚିହ୍ନଟ ହୋଇଥିବା ପ୍ରସ୍ତାବିତ ଜମି ଅଧିଗ୍ରହଣ ବିଧିସଙ୍ଗତ ଓ ଯଥାର୍ଥ ଅଟେ। ଏହି ପ୍ରକଳ୍ପ ପ୍ରତିଷ୍ଠା ପାଇଁ ଆକଳନ କରାଯାଇଥିବା ସମ୍ଭାବ୍ୟ ଉପକାର ଓ ସର୍ବସାଧାରଣ ହିତର ମୂଲ୍ୟ ଯଥେଷ୍ଟ ଅଧିକ । ଏହି ପ୍ରକଳ୍ପ ପ୍ରତିଷ୍ଠା ପାଇଁ ଆବଶ୍ୟକ ହେଉଥିବା ସର୍ବନିମ୍ନ ଜମି ଅଧିଗ୍ରହଣ ଲାଗି ପ୍ରସ୍ତାବ ଦିଆଯାଇଛି। ପୂର୍ବରୁ ଅଧିଗ୍ରହଣ ହୋଇଥିବା ବଳକା ଜମି ଅବ୍ୟବହୃତ ହୋଇନି। ଶେଷରେ ଉକ୍ତ ପ୍ରକଳ୍ପରେ ବିସ୍ଥାପିତ ହୋଇଥିବା ଲୋକଙ୍କୁ ନିର୍ଦ୍ଧାରିତ ନିୟମ ଅନୁସାରେ ପୁନର୍ବାସ ଓ ଥଇଥାନ ସହାୟତା ପ୍ରଦାନ କରାଯିବ। ପ୍ରପୀଡ଼ିତ ଲୋକମାନେ ସର୍ବନିମ୍ନ ପ୍ରତିକୂଳ ପ୍ରଭାବ ଓ ଭିତ୍ତିଭୂମି ଲାଗି ଧ୍ୟାନ ରଖାଯାଇଛି ବୋଲି ନୋଟିସରେ ଉଲ୍ଲେଖ ରହିଥିବା ଦେଖିବାକୁ ମିଳୁଛି। ଜିଲାର ୬ଟି ମୌଜାରେ ୧୨୮୧, ୩୪୮୦ ଏକର ପରିସୀମାରେ ଶିଳ୍ପ ପ୍ରତିଷ୍ଠା ହେବ ବୋଲି କୁହାଯାଇଛି। ଶିଳ୍ପ ପ୍ରତିଷ୍ଠା ହେଲେ ଜିଲାର ଆର୍ଥିକ ଅଭିବୃଦ୍ଧି ହାର ବୃଦ୍ଧି ପାଇବା ସହ ନିଯୁକ୍ତି ସୁଯୋଗ


ଓଡିଶା ସରକାର
ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ

****

ଘୋଷଣା

No. RDM-LAA-KPD-0003-2023- 7367 /R&DM, dated 13 MAR 2024

ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ ର ଧାରା ୮, ଅଧିନିୟମ ୨ ଅନୁସାରେ କେନ୍ଦ୍ରପଡା ଜିଲ୍ଲାର ୦୬ ଗୋଟି ମୌଜାରେ ଏକର ୧୨୮୧.୩୪୮୦ ପରିସୀମାରେ ଆର୍ସେଲ୍ଲର ମିତାଲ୍ ନିପନ ଷ୍ଟିଲ ଇଣ୍ଡିଆ ପ୍ରା-ଲି. ଦ୍ୱାରା ବାର୍ଷିକ ୨୪ ମେଟ୍ରିକ ଟନ ଇସ୍ପାତ କାରଖାନା ପ୍ରତିଷ୍ଠା ନିମନ୍ତେ, Chief General Manager (Land) IDCO , BBSR ଙ୍କ ଦ୍ୱାରା ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଥିବାରୁ, ନିମ୍ନ ସୂଚିତ "କ" ତଫସିଲ ଜମି ନିମନ୍ତେ ଜିଲ୍ଲାପାଳ, କେନ୍ଦ୍ରପଡାଙ୍କ ପ୍ରଦତ୍ତ ରିପୋର୍ଟ ଏବଂ ବିଶେଷଜ୍ଞ ଗୋଷ୍ଠୀ ରିପୋର୍ଟକୁ ତର୍ଜମା କରି ସରକାର ଙ୍କ ଦ୍ୱାରା ନିମ୍ନୋକ୍ତ ନିଷ୍ପତ୍ତି ନିଆଗଲା।

୧. ସର୍ବସାଧାରଣ ଉଦ୍ଦେଶ୍ୟରେ ଚିହ୍ନିତ କରାଯାଇଥିବା ପ୍ରସ୍ତାବିତ ଆବଶ୍ୟକ ଜମି ଅଧିଗ୍ରହଣ ବିଧି ସଙ୍ଗତ ଏବଂ ଯଥାର୍ଥ ଅଟେ ।

୨ .ଏହି ପ୍ରକଳ୍ପ ପାଇଁ ଆକଳନ କରାଯାଇଥିବା ଖର୍ଚ୍ଚ ଠାରୁ ସମ୍ଭାବ୍ୟ ଉପକାର ଓ ସର୍ବସାଧାରଣ ହିତର ମୂଲ୍ୟ ଯଥେଷ୍ଟ ଅଧିକ ଅଟେ ।

୩ .ଏହି ପ୍ରକଳ୍ପ ପାଇଁ ଆବଶ୍ୟକ ହେଉଥିବା ସର୍ବନିମ୍ନ ଜମି ଅଧିଗ୍ରହଣ ପାଇଁ ପ୍ରସ୍ତାବ ଦିଆ ଯାଇଅଛି ।

୪ .ପୂର୍ବରୁ ଅଧିଗ୍ରହଣ ହୋଇଥିବା ବଳକା ଜମି ଅବ୍ୟବହୃତ ହୋଇ ପଡି ରହିନାହିଁ ;

୫. ଉକ୍ତ ପ୍ରକଳ୍ପରେ ବିସ୍ଥାପିତ ହେଉଥିବା ଲୋକଙ୍କୁ ନିର୍ଦ୍ଧାରିତ ନିୟମ ଅନୁଯାୟୀ ପୁନର୍ବାସ ଓ ଥଇଥାନ ସହାୟତା ପ୍ରଦାନ କରାଯିବ । ପ୍ରପୀଡିତ ବ୍ୟକ୍ତି ବିଶେଷଙ୍କର ସର୍ବନିମ୍ନ ପ୍ରତିକୂଳ ପ୍ରଭାବ ଓ ଭିତ୍ତିଭୂମି ର ପ୍ରୟୋଗ ନିମନ୍ତେ ଧ୍ୟାନ ରଖାଯାଇଅଛି ।

ବଟିଘର ପଞ୍ଚାୟତ କାର୍ଯ୍ୟାଳୟରେ ବୃହତ୍ ଶିଳ୍ପ ପ୍ରତିଷ୍ଠା ସମ୍ପର୍କିତ ନୋଟିସ ଝୁଲୁଛି।

ସୃଷ୍ଟି ହେବ। ଶତାଧିକ ସଂଖ୍ୟାରେ ଯୁବତୀଯୁବକ ବିଭିନ୍ନ କ୍ଷେତ୍ରରେ ନିଯୁକ୍ତି ପାଇବେ ବୋଲି ବୁଦ୍ଧିଜୀବୀ ମହଲରେ ଆନନ୍ଦ ପ୍ରକାଶ ପାଇଛି। ଏ ସଂକ୍ରାନ୍ତରେ ମହାକାଳପଡ଼ା ତହସିଲଦାର ମାନସ ରଞ୍ଜନ ତ୍ରିପାଠୀଙ୍କୁ ପଚାରିବାରେ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଓ ଭୂଅର୍ଜନ, ପୁନର୍ବାସ, ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ ଧାରା ୮ ଅଧିନିୟମ ୨ ଅନୁସାରେ ନୋଟିସ କରାଯାଇଛି। ଏହି ନୋଟିସ ୨୦୨୪ ମାର୍ଚ୍ଚ ୧୩ରେ ଇସ୍ୟୁ ହୋଇଥିଲା। ସାଧାରଣ ନିର୍ବାଚନ ପାଇଁ ସ୍ଥଗିତ ରହିଥିଲା। ଅଦ୍ୟାବଧି ୩ ପଞ୍ଚାୟତ ଅଫିସରେ ନୋଟିସ ଝୁଲାଇ ଦିଆଯାଇଛି। ତେବେ ଆକଳନ ସମ୍ବନ୍ଧୀୟ ଅଭିଯୋଗ ଜନ ଶୁଣାଣି, ଗ୍ରାମସଭା ପରେ ଏହି ନୋଟିସ କରାଯାଇଛି ବୋଲି ସେ କହିଛନ୍ତି।

ତେବେ ଏହି ପଞ୍ଚାୟତରେ ବଡ଼ ସମସ୍ୟା ରହିଛି। ୭୦ବର୍ଷରୁ ଅଧିକ ବସବାସ କରୁଥିବା ବଙ୍ଗୀୟଙ୍କୁ କିଛି ପରିମାଣରେ ଜଙ୍ଗଲ ଜମି (କେ' ଫର୍ମ ପଟ୍ଟା) ରାଜ୍ୟ ସରକାରଙ୍କ ପକ୍ଷରୁ ୧୯୭୬ରେ ପ୍ରଦାନ କରାଯାଇଥିଲା। ପରେ ୨୦୧୨ରେ ପୂର୍ବ ରାଜ୍ୟ ସରକାରଙ୍କ ରାଜସ୍ୱ ବିଭାଗର ଅଧିକାରୀମାନେ କେ' ଫର୍ମ ପଟ୍ଟା ପାଉତି କାଟିବା ବନ୍ଦ କରି ଦେଇଥିଲେ। ପରେ ଏ ନେଇ ପଟ୍ଟା ପ୍ରଦାନ କରାଯାଇଥିବା ବଙ୍ଗୀୟ ଲୋକଙ୍କ ମଧ୍ୟରେ ଘୋର ଜନ ଅସନ୍ତୋଷ ବୃଦ୍ଧି ପାଇଥିଲା। ଚଳିତବର୍ଷ ବିଧାନସଭା ମୌସୁମୀ ଅଧିବେଶନରେ ସ୍ଥାନୀୟ ବିଧାୟକ ଦୁର୍ଗା ପ୍ରସନ୍ନ ନାୟକ ବଙ୍ଗୀୟମାନଙ୍କୁ ସ୍ଥାୟୀ ପଟ୍ଟା ପ୍ରଦାନ କରିବା ପାଇଁ ବାଚସ୍ପତିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଅପରପକ୍ଷରେ ସ୍ଥାନୀୟ ଲୋକମାନେ କହିବା କଥା ଆମକୁ ପ୍ରଥମେ ସ୍ଥାୟୀ ଜମିପଟ୍ଟା ପ୍ରଦାନ କରାଯାଉ। ପରେ ଏହି ଅଞ୍ଚଳରେ ଶିଳ୍ପ ପ୍ରତିଷ୍ଠା କରନ୍ତୁ ବୋଲି କୁହାଯାଇଛି।





@ ଦେବରାଜ


@ ମାନସ


@ ଶୁଭେନ୍ଦୁ


@ ତ୍ରିଲୋଚନ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଲାଙ୍ଗୁଡ଼ି ବୌଦ୍ଧପୀଠ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ଅଧାପନ୍ତରିଆ

କାଏମା, ୨୯।୭ (ଶିବପ୍ରସାଦ ମହାନ୍ତି)



ଯାଜପୁର ଜିଲାର ବୌଦ୍ଧ କୀର୍ତ୍ତିରାଜିଗୁଡ଼ିକର ସ୍ୱତନ୍ତ୍ର ପରିଚୟ ସାରା ବିଶ୍ୱରେ ଥିବାବେଳେ ସେଥିମଧ୍ୟରେ ଧର୍ମଶାଳା ବ୍ଲକ ମିର୍ଜାପୁର ଓ ପାଟପୁର ପଞ୍ଚାୟତର ମଧ୍ୟଭାଗରେ ଥିବା ଲାଙ୍ଗୁଡ଼ି ପାହାଡ଼ ଅନ୍ୟତମ। ଏହି ବୌଦ୍ଧପୀଠର ବିକାଶ ପାଇଁ ପର୍ଯ୍ୟଟନ ବିଭାଗ ପକ୍ଷରୁ ପୂର୍ବରୁ ବିପୁଳ ଟଙ୍କା ଖର୍ଚ୍ଚ ହୋଇଥିଲେ ମଧ୍ୟ ରକ୍ଷଣାବେକ୍ଷଣ ଅଭାବରୁ ତାହା ଭୂତକୋଠି ପାଲଟିଯାଇଥିଲା। ପୁନର୍ବାର ଏହାର ସୌନ୍ଦର୍ଯ୍ୟକରଣ ପାଇଁ ୨୦୨୩ ଜାନୁଆରୀରେ ଓଟିଡିସି ପକ୍ଷରୁ ମରାମତି ଆରମ୍ଭ କରାଯାଇଥିଲା। କିନ୍ତୁ ବର୍ଷେସାତ ମାସ ବିତିଯାଇଥିଲେ ବି ଅଧାରେ ଅଟକି ରହିଛି ଏହି ସୌନ୍ଦର୍ଯ୍ୟକରଣ କାର୍ଯ୍ୟ।

ରାଜ୍ୟର ପ୍ରସିଦ୍ଧ ବୌଦ୍ଧପୀଠଗୁଡ଼ିକ ମଧ୍ୟରୁ ଏହା ଅନ୍ୟତମ। ତେଣୁ ଓଟିଡିସି ପକ୍ଷରୁ ୨୦୦୮ରେ ବୌଦ୍ଧ ଶିକ୍ଷାକେନ୍ଦ୍ର ନିର୍ମାଣ କରାଯାଇଥିଲା। ୨୦୧୪ରେ ଏହା ପର୍ଯ୍ୟଟନସ୍ଥଳୀ ରୂପେ ମାନ୍ୟତା ପାଇଥିଲା। ଓଟିଡିସି ପକ୍ଷରୁ ୧୦କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟ କରାଯାଇ ଏହାର ସୌନ୍ଦର୍ଯ୍ୟକରଣ କରାଯାଇଥିଲା। ଫଳରେ ଦେଶ ବିଦେଶର ପର୍ଯ୍ୟଟକମାନଙ୍କ ଭିଡ଼ ଏଠାରେ ଦେଖିବାକୁ ମିଳୁଥିଲା। କ୍ରମେ ଶିକ୍ଷାକେନ୍ଦ୍ର ଭାବେ ଏହା ପରିଚୟ ସୃଷ୍ଟି କରିଥିଲା ଓ ଅନେକ ବୌଦ୍ଧ ଧର୍ମାବଲମ୍ବୀ ଏଠାରେ ରହି ଶିକ୍ଷାଲାଭ କରୁଥିଲେ। ସେମାନଙ୍କ ସୁବିଧା ନିମନ୍ତେ ଷ୍ଟଡି ସେଣ୍ଟର, ରୋଷେଇ ଘର, ଡାଇନିଂ ଓ ପାନ୍ଥଶାଳା ଇତ୍ୟାଦି ନିର୍ମାଣ କରାଯାଇଥିଲା। କିନ୍ତୁ ସ୍ଥାନୀୟ ଅଞ୍ଚଳର କିଛି ଅସାମାଜିକ ଲୋକ ହଇରାଣ ହରକତ କରିବା ଯୋଗୁ ଶିକ୍ଷା ସମ୍ପନ୍ନ ହେବା ପରେ ସେମାନେ ଏହି ସ୍ଥାନ ଛାଡ଼ି ଚାଲିଯାଇଥିଲେ। ପରେ ପରେ ଶ୍ରୀହୀନ ହୋଇଯାଇଥିଲା ଏହି ପ୍ରସିଦ୍ଧ ବୌଦ୍ଧ ବିହାର। ଏଥିରେ ବ୍ୟବହୃତ ହୋଇଥିବା ଶଟର, କବାଟ, ଝରକା, ଇଲେକ୍ଟ୍ରିକ ସରଞ୍ଜାମ ଲୁହାଗେଟ୍‌କୁ ଦୁର୍ବୃତ୍ତମାନେ ଓପାଡ଼ି ନେଇଯାଇଥିଲେ। ୨୦୨୩ ଜାନୁଆରୀରେ ଓଟିଡିସି ପକ୍ଷରୁ ଏହାର ମରାମତି ଆରମ୍ଭ କରାଯାଇଥିଲା। ପୂର୍ବରୁ ବହୁ କୋଟି ଟଙ୍କା ବ୍ୟୟରେ ଲାଙ୍ଗୁଡିର ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ହୋଇଥିଲେ ମଧ୍ୟ ରକ୍ଷଣାବେକ୍ଷଣ ଅଭାବରୁ ତାହା ଧ୍ୱଂସ ହୋଇଯାଇଥିଲା। ତେଣୁ ଏହାର ସୁରକ୍ଷାକୁ ପ୍ରାଥମିକତା ଦେବା ନିମନ୍ତେ ଧର୍ମଶାଳାର ଯୁବ ସଂଗଠକ ଆଲୋକ ଜେନାସାମନ୍ତଙ୍କ ନେତୃତ୍ୱରେ ସ୍ଥାନୀୟ ପଞ୍ଚାୟତର ବୁଦ୍ଧିଜୀବୀ, ଅବସରପ୍ରାପ୍ତ ଶିକ୍ଷକ, ଯୁବକ, ସରପଞ୍ଚ ଓ ସମିତିସଭ୍ୟଙ୍କୁ ନେଇ 'ଲାଙ୍ଗୁଡ଼ି ସୁରକ୍ଷା ମଞ୍ଚ' ଗଠନ କରାଯାଇଛି। ମଞ୍ଚ ପକ୍ଷରୁ ମରାମତି କାର୍ଯ୍ୟ ବିଳମ୍ବକୁ ନେଇ କ୍ଷୋଭ ପ୍ରକାଶ କରାଯାଇଛି। ସେହିପରି କୌଣସି ସୂଚନାଫଳକ, ଆଲୋକୀକରଣ ବ୍ୟବସ୍ଥା ଓ ରଙ୍ଗ କରାଯାଇ ନ ଥିବାରୁ ମଞ୍ଚ ପକ୍ଷରୁ କାର୍ଯ୍ୟର ମାନ ଉପରେ ପ୍ରଶ୍ନ ଉଠାଯାଇଛି। ଏ ସମ୍ପର୍କରେ ଯାଜପୁର ପର୍ଯ୍ୟଟନ ଅଧିକାରିଣୀ ହିମାଳୟା ତ୍ରିପାଠୀ କହିଛନ୍ତି, ଓଟିଡିସି ଦେଇଥିବା ସୂଚନା ଅନୁସାରେ ଆଲୋକୀକରଣ ପାଇଁ ଇଲେକ୍ଟ୍ରିକ ଟେଣ୍ଡର ପ୍ରକ୍ରିୟା କରାଯାଇଛି ଏବଂ ବର୍ତ୍ତମାନ ବର୍ଷାଦିନ କାରଣରୁ ରଙ୍ଗକାର୍ଯ୍ୟ ହୋଇପାରୁନାହିଁ। ତେଣୁ ବର୍ଷାଋତୁ ପରେ ରଙ୍ଗ କରାଯିବ ବୋଲି ସେ କହିଛନ୍ତି।

## ବେକରେ ଫାଶୀ ଲଗାଇ ମହିଳାଙ୍କ ଆତ୍ମହତ୍ୟା

କାଳିଆପାଣି ୨୯।୭ (ଅସିତ ମହାନ୍ତ)

ଯାଜପୁର ଜିଲା କାଳିଆପାଣି ଥାନା ଅନ୍ତର୍ଗତ ପୁରିଆଝର ଗାଁର ମିଥୁନ ମାଝିଙ୍କ ସ୍ତ୍ରୀ ଲକି ମାଝି (୨୫) ରବିବାର ରାତିରେ ବେକରେ ଶାଢ଼ି ଗୁଡ଼ାଇ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ମିଥୁନ ଏବଂ ଲକିଙ୍କ ୨ ପୁଅ ଓ ଗୋଟିଏ ଝିଅ ଅଛନ୍ତି। ୧୪ ବର୍ଷର ବୈବାହିକ ଜିବନ ମଧ୍ୟରେ ପ୍ରାୟ ପ୍ରତିଦିନ କିଛି ନା କିଛି କଥାକୁ ନେଇ ସ୍ୱାମୀସ୍ତ୍ରୀ ମଧ୍ୟରେ କଳିଗୋଳ ହେଉଥିଲା। କିଛି ମାସ ପୂର୍ବେ ଉଭୟଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇବାରୁ ଲକି ପିଲାମାନଙ୍କୁ ଛାଡ଼ି ବାପଘର ଡେଙ୍ଗାବାହାଳିକୁ ଚାଲିଯାଇଥିଲେ। କିଛି ଦିନ ରହିବା ପରେ ମିଥୁନ ତାଙ୍କୁ ବୁଝାଶୁଝା କରି ଫେରାଇ ଆଣିଥିଲେ। ହେଲେ ରବିବାର ଗାଁର ଏକ ଶୁଦ୍ଧିକ୍ରିୟା ଭୋଜି ଖାଇବାକୁ ପରିବାରର ସମସ୍ତେ ରାତି ୯ଟାରେ ଚାଲିଯାଇଥିବାବେଳେ ଲକି ଘରେ ଆତ୍ମହତ୍ୟା କରିଦେଇଥିଲେ। ଭୋଜି ଖାଇ ବଡ଼ପୁଅ ଘରକୁ ଆସି ଦେଖିବା ପରେ ମା'ଙ୍କ ମୃତଦେହ ଝୁଲୁଥିଲା। ଏନେଇ ତୁରନ୍ତ ସେ ବାପା ମିଥୁନଙ୍କୁ ଜଣାଇଥିଲେ। ମିଥୁନ ଘରକୁ ଆସି ଦେଖିବା ପରେ କାଳିଆପାଣି ପୋଲିସକୁ ଜଣାଇଥିଲେ। ପୋଲିସ ରାତିରେ ପହଞ୍ଚି ପରିବାର ଲୋକଙ୍କ ଉପସ୍ଥିତିରେ ଶାଢ଼ି କାଟି ମୃତଦେହକୁ ତଳକୁ ଓହ୍ଲାଇଥିଲା। ଏନେଇ ଏକ ଅପମୃତ୍ୟୁ ମାମଲା (୧୦/୨୪) ରୁଜୁ କରାଯିବା ସହ ମୃତଦେହ ବ୍ୟବଚ୍ଛେଦ ପାଇଁ ଦାନଗଡି ଡାକ୍ତରଖାନାକୁ ପଠାଯାଇଥିବା ଥାନା ଅଧିକାରୀ ରଞ୍ଜନ କୁମାର ମଲ୍ଲିକ କହିଛନ୍ତି।

# ଗୋରେଖନାଥ ପୀଠ: ୨୦ ହଜାରରୁ ଊର୍ଦ୍ଧ୍ୱ କାଉଡ଼ିଆଙ୍କ ଜଳଲାଗି


ଗୋରେଖନାଥ ପୀଠରେ ଜଳ ଲାଗି ପାଇଁ କାଉଡିଆଙ୍କ ଭିଡ଼ ।

ରଘୁନାଥପୁର,୨୯।୭(ରାଜେନ୍ଦ୍ର ନାରାୟଣ ସିଂହ:

ଶ୍ରାବଣ ଦ୍ୱିତୀୟ ସୋମବାରରେ ରଘୁନାଥପୁର ବ୍ଲକ କେରେକେରାସ୍ଥିତ ବିଭୂତି କ୍ଷେତ୍ର ପ୍ରଭୁ ଗୋରେଖନାଥଙ୍କ ପୀଠରେ ୨୦ ହଜାରରୁ ଊର୍ଦ୍ଧ୍ୱ କାଉଡିଆ ଜଳଲାଗି କରିଛନ୍ତି।

ବର୍ଷା ଲାଗିରହିଥିବା ସତ୍ତ୍ୱେ ରବିବାର ବହୁ ମାନସିକଧାରୀ ବିଭିନ୍ନ ଘାଟରୁ ପାଣି ଉଠେଇ ଶିବଙ୍କ ନାମ ଜପକରି ପୀଠରେ ପହଞ୍ଚିଥିଲେ। ସେଠାରେ ପୀଠ ପକ୍ଷରୁ ବ୍ୟବସ୍ଥିତ ଭାବରେ ବାହୁଙ୍ଗି ରଖି ଅବସ୍ଥାନ କରିଥିଲେ। ପୀଠରେ ଆଗନ୍ତୁକ କାଉଡ଼ିଆମାନଙ୍କ ପାଇଁ ସମସ୍ତ ସୁବିଧା କରାଯାଇଥିଲା। ହେଲେ ସନ୍ଧ୍ୟା ପରଠୁ ବାରମ୍ବାର ବିଜୁଳି କାଟ ଫଳରେ କାଉଡ଼ିଆଙ୍କ ରହଣି ସ୍ଥଳ ଅନ୍ଧାର

### ବାରମ୍ବାର ବିଦ୍ୟୁତ୍ କାଟ

ରହିଥିଲା। ପୀଠ ପକ୍ଷରୁ ଜେନେରେଟର ଯୋଗେ ଆଲୋକୀକରଣ ପାଇଁ ବ୍ୟବସ୍ଥା କରାଯାଇଥିଲେ ମଧ୍ୟ ଏହା ପର୍ଯ୍ୟାପ୍ତ ହୋଇ ନ ଥିଲା। ଏ ସମ୍ପର୍କରେ ଅବଗତ କରାଇବା ପାଇଁ ତିର୍ତ୍ତୋଲ ଟିପିସିଓଡିଏଲ୍ ଯନ୍ତ୍ରୀ ଓ ଏସ୍‌ଡିଓଙ୍କୁ ମୋବାଇଲ୍ ଫୋନ ଯୋଗେ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ ଉଠାଇ ନ ଥିଲେ ବୋଲି ପୀଠ ପକ୍ଷରୁ ଭକ୍ତଙ୍କ ସେବାରେ ନିୟୋଜିତ ଥିବା ଆଇନଜୀବୀ ଜୀବନବଲ୍ଲଭ ମହାନ୍ତି କହିଛନ୍ତି। ଭିଡକୁ ଦୃଷ୍ଟିରେ ରଖି ରାତି ୧ ଟାରୁ ପ୍ରଭୁଙ୍କ ପୂଜାର୍ଚ୍ଚନା କରାଯିବା ପରେ କାଉଡ଼ିଆମାନେ ଶୃଙ୍ଖଳାର ସହ ବ୍ୟାରିକେଡ୍‌ରେ ଆସି ଜଳଲାଗି କରିଥିଲେ। ସୋମବାର ମଧ୍ୟାହ୍ନ ପର୍ଯ୍ୟନ୍ତ ପାଣିଢଳା ପର୍ବ ଲାଗିରହିଥିଲା। ସ୍ୱେଚ୍ଛାସେବୀ ଅନୁଷ୍ଠାନ ସମାଜ ବିକାଶ ମିଶନର ଆବାହକ ସରିତ ମହାପାତ୍ର, ଉଇ ଲଭ ସେବା ଗ୍ରୁପ୍‌ର ବାପୁ ବିଶ୍ୱାଳ ଓ ଗୋରେଖନାଥ ଯୁବକ ସଂଘର ପ୍ରକାଶ ପାତ୍ରଙ୍କ ନେତୃତ୍ୱରେ ୫୦ରୁ ଊର୍ଦ୍ଧ୍ୱ ସ୍ୱେଚ୍ଛାସେବୀ ଉପସ୍ଥିତ ରହି ସମସ୍ତ ସେବା ଯୋଗାଇ ଦେଇଥିଲେ। ସେହିପରି ତିର୍ତ୍ତୋଲ ଆଇଆଇସି ଅନିରୁଦ୍ଧ ରାଉତଙ୍କ ତତ୍ତ୍ୱାବଧାନରେ ୪୦ ଜଣ ପୋଲିସ ଉପସ୍ଥିତ ରହି ଆଇନ ଶୃଙ୍ଖଳା ଓ ଭିଡ ନିୟନ୍ତ୍ରଣ କରିଥିଲେ। ପୀଠ କାର୍ଯ୍ୟନିର୍ବାହୀ ଅଧିକାରୀ ଶୌର୍ଯ୍ୟରଞ୍ଜନ ପରିଜା ସମସ୍ତ କାର୍ଯ୍ୟ ତଦାରଖ କରିଥିଲେ। ପ୍ରମୋଦ ମହାନ୍ତି, ରମେଶ ମହାନ୍ତି ଓ ସରୋଜ କୁମାର ସାହାଣୀ ପ୍ରମୁଖ ଉପସ୍ଥିତ ରହି ସମସ୍ତ ଦାୟିତ୍ୱ ନିର୍ବାହ କରିଥିଲେ।

# ସୁନାମି ମୁକାବିଲା ଗ୍ରାମ ଚିହ୍ନଟରେ ସୀମିତ

- ଆଶଙ୍କାରେ ବଞ୍ଚୁଛନ୍ତି ଜିଲାର ୨ ଲକ୍ଷ ଲୋକ
- ତଟାଞ୍ଚଳ ପାଇଁ ପ୍ରାଚୀର ହେବ ହେନ୍ତାଳ ବଣ
- ଲୁଣା ବନ୍ଧ ଉଚ୍ଚତା ୬ ମିଟର, କେନାଲ ଆବଶ୍ୟକ

କେନ୍ଦ୍ରାପଡ଼ା, ୨୯।୭ (ଜଗନ୍ନାଥ ଧଳ)

ରାଜ୍ୟ ଓ କେନ୍ଦ୍ର ସରକାର କେନ୍ଦ୍ରାପଡ଼ା ଜିଲା ରାଜନଗର ବ୍ଲକର ୪୬ ଓ ମହାକାଳପଡ଼ା ବ୍ଲକ ଅଞ୍ଚଳର ୧୮ ଗ୍ରାମକୁ ସୁନାମି ପ୍ରବଣ ବୋଲି ଚିହ୍ନଟ କରିଛନ୍ତି। ଓସଡମା ପକ୍ଷରୁ ସମୁଦ୍ର ତଟଠାରୁ ପ୍ରାୟ ଦେଢ଼ କିଲୋମିଟର ଭୂଭାଗ ଅଞ୍ଚଳରେ ସୁନାମି ପ୍ରାକୃତିକ ବିପର୍ଯ୍ୟୟ ଆସିପାରେ ବୋଲି ତଦନ୍ତ ରିପୋର୍ଟ ୨୦୦୫ରେ ପ୍ରଦାନ କରାଯାଇଥିଲା। ଏହି ଚିହ୍ନଟ କାର୍ଯ୍ୟକ୍ରମକୁ ଇତିମଧ୍ୟରେ ୧୯ ବର୍ଷ ହୋଇଛି। ଇତିମଧ୍ୟରେ ବିଶେଷଜ୍ଞମାନେ ଦେଇଥିବା ପରାମର୍ଶ କାର୍ଯ୍ୟକାରୀ ହୋଇନାହିଁ। ସାମାନ୍ୟ ଉତ୍ତାଳ ହେଲେ ସମୁଦ୍ର ପାଣି ଲୁଣାବନ୍ଧ ଡେଇଁ ଭୂଭାଗକୁ ପଶି ଆସୁଛି। ଏପରି କି ସାତଭାୟା ପଞ୍ଚାୟତର ଗ୍ରାମଗୁଡ଼ିକ ଜଳପତନ ଉଚ୍ଚତା ବୃଦ୍ଧି ପାଇଁ ସମୁଦ୍ର ଗର୍ଭରେ ଲୀନ ହୋଇଯାଇଛି। ଏଠାରେ ଥିବା ଅଧିବାସୀଙ୍କୁ ବଗପାଟିଆକୁ ସ୍ଥାନାନ୍ତର କରାଯାଇଛି। ଅପରପକ୍ଷରେ




ସୁନାମି ପ୍ରଭାବକୁ ହେନ୍ତାଳବଣ ସାମାନ୍ୟ କିଛି କମ୍ କରିବ ବୋଲି ବିଶେଷଜ୍ଞ ମତ ଦେଇଛନ୍ତି। ତେବେ ମଧୁରଜଳର ଅଭାବ, ତଟାଞ୍ଚଳରେ ଚିଙ୍ଗୁଡ଼ି ଘେରି ନିର୍ମାଣ, ହେନ୍ତାଳବଣ ଜବରଦଖଲକାରୀଙ୍କ କବଳକୁ ଯିବା ପରି ସାମ୍ପ୍ରତିକ ସ୍ଥିତି ଏହି ସୁରକ୍ଷା ପ୍ରାଚୀର ସୃଷ୍ଟିରେ ବାଧା ସାଜିଛି। ଫଳରେ ୬୪ ଗ୍ରାମର ୨ ଲକ୍ଷରୁ ଅଧିକ ଲୋକ ସୁନାମି ବିପର୍ଯ୍ୟୟରୁ ମୁକୁଳିବା ନେଇ ଆଶଙ୍କାରେ ଅଛନ୍ତି। ସୁନାମି ଆସିଲେ ଧନ, ଜୀବନ ସହ ଚାଷ ବାସ ନଷ୍ଟ ହେବ। ଏହି ବିପର୍ଯ୍ୟୟ ପରିଚାଳନା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ରାଜ୍ୟର ୩୨୮ଟି ଗ୍ରାମକୁ ସୁନାମି ପ୍ରବଣ ବୋଲି ଚିହ୍ନଟ କରିଥିଲେ।

କେନ୍ଦ୍ରାପଡ଼ା ଜିଲାର ମୋଟ ୪୮ କି.ମି. ତଟ ମଧ୍ୟରୁ ୨୮ କି.ମି. ତଟାଞ୍ଚଳରେ ତଟକ୍ଷୟ ହେଉଛି। ଏହି ସ୍ଥାନରେ ଲୁଣା ମାଟିବନ୍ଧ ଓ କଂକ୍ରିଟ ବନ୍ଧ ନିର୍ମାଣ ପାଇଁ ପ୍ରାଥମିକସ୍ତରରେ ଆଲୋଚନା ହୋଇଥିଲା। ଏପରି କି ସର୍ବାଧିକ ତଟକ୍ଷୟ ହେଉଥିବା ରାଜନଗର ବ୍ଲକ ପେଣ୍ଠଠାରେ ୫୦୫ ମିଟରର ଜିଓ ସିନ୍ଥେଟିକ ଟ୍ୟୁବ ୱାଲ ୨୦୧୮ରେ ପ୍ରାୟ ୩୪ କୋଟି ଟଙ୍କା ବ୍ୟୟରେ ନିର୍ମାଣ ହୋଇଛି। ଏହି ଟ୍ୟୁବ ୱାଲ ଏବେ ଜୁଆର ମାଡରେ ନଷ୍ଟ ହେଉଛି। ୨୦୦୬ ମସିହାରେ ଗୋଆ ଜାତୀୟ ସାମୁଦ୍ରିକ ଗବେଷଣା କେନ୍ଦ୍ରର ବୈଜ୍ଞାନିକ ଡ. ଟି.ଜି. ଜଗତାପ, ଡ. ବି.ସି. ଇନଗୋଲିଓ, ଡ. କେ. ମୁସା ପ୍ରମୁଖ ଗବେଷଣା ପାଇଁ କେନ୍ଦ୍ରାପଡ଼ା ତଟାଞ୍ଚଳ ଆସିଥିବା ବେଳେ ହେନ୍ତାଳବଣ ସୃଷ୍ଟିକୁ ଗୁରୁତ୍ୱ ଦେଇଥିଲେ। ତଟାଞ୍ଚଳରେ ହେନ୍ତାଳବଣ ସୁନାମିର ପ୍ରଭାବକୁ ହ୍ରାସ କରିପାରିବ ବୋଲି ରିପୋର୍ଟରେ ପ୍ରକାଶ କରିଥିଲେ। ଏଥିସହିତ ଲୁଣା ତଟବନ୍ଧକୁ ଅନ୍ୟୂନ ୬ ମିଟର ଉଚ୍ଚ ରଖାଯିବାକୁ ସେମାନେ ଏହି ରିପୋର୍ଟରେ ପରାମର୍ଶ ଦେଇଥିଲେ। ଜିଲାର ୭୪୪ କି.ମି. ମଧ୍ୟରୁ ୩୧୭ କି.ମି. ତଟବନ୍ଧ ଅସୁରକ୍ଷିତ ବୋଲି ୨୦୨୨ ଏପ୍ରିଲରେ ଜିଲା ପ୍ରଶାସନ ପକ୍ଷରୁ ହୋଇଥିବା ସର୍ଭେ ରିପୋର୍ଟରେ ଦେଖାଯାଇଛି। ଏଥିମଧ୍ୟରୁ ନିକଟରେ ୩୨ କି.ମି. ତଟବନ୍ଧ ୬ ମିଟର ଉଚ୍ଚ ହେବ ବୋଲି ରାଜ୍ୟ ସରକାର ପ୍ରକଳ୍ପକୁ ମଞ୍ଜୁରୀ ଦେଇଛନ୍ତି। ଅପରପକ୍ଷରେ ତଟାଞ୍ଚଳରେ ଗଢ଼ି ଉଠୁଥିବା ଚିଙ୍ଗୁଡି ଘେରି ହେନ୍ତାଳ ବଣକୁ ଧ୍ୱଂସ କରୁଛି। ସେହିପରି ଅନୁପ୍ରବେଶକାରୀଙ୍କ ହାତକୁ ଜଙ୍ଗଲ ଜମି ଚାଲିଯାଉଛି। ହେନ୍ତାଳବଣ ସୃଷ୍ଟି ପାଇଁ ଲୁଣା ସହ ଆନୁପାତିକ ଭାବେ ମଧୁର ଜଳ ଆବଶ୍ୟକ। ଜିଲାର ପ୍ରବାହିତ ନଦୀର ସ୍ରୋତ ବିଭିନ୍ନ ପ୍ରକଳ୍ପ ପାଇଁ କମ ରହୁଛି। ଏଥିପାଇଁ ତଟାଞ୍ଚଳରେ ସମସ୍ତ ନଦୀକୁ ଯୋଡ଼ିବା ପାଇଁ ବୃହତ୍ କେନାଲର ଆବଶ୍ୟକତା ଅଛି। ଏହାଦ୍ୱାରା ପାନୀୟ ଜଳ, ବନ୍ୟା, ଜଳ ସେଚନ, ହେନ୍ତାଳବଣ ସୃଷ୍ଟି ଆଦିରେ ଥିବା ସମସ୍ୟାର ସମାଧାନ ହୋଇପାରିବ। ପ୍ଲାକାର୍ଡ, ମକ୍‌ଡ୍ରିଲ ଓ ସ୍ଥାନାନ୍ତର ମାଧ୍ୟମରେ ବିପତ୍ତିରୁ ସାମୟିକ ଉଦ୍ଧାର ମିଳିବ। ତେବେ ଏହା ସ୍ଥାୟୀ ପ୍ରତିକାର ନୁହେଁ ବୋଲି ପରିବେଶବିତ୍, ବୁଦ୍ଧିଜୀବୀମାନେ ମତ ଦେଇଛନ୍ତି।

# ମୃତ କାଉଡ଼ିଆ ଜୀବିତ ନେଇ ଉତ୍ତେଜନା



ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟ ଶବ ବ୍ୟବଚ୍ଛେଦ ଗୃହ ନିକଟରେ ମୃତ କାଉଡିଆଙ୍କ ପରିବାର ଓ ବନ୍ଧୁବାନ୍ଧବଙ୍କ ପକ୍ଷରୁ ପାଟିତୁଣ୍ଡ କରାଯାଉଛି।

## ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟ

- ୨ ଡାକ୍ତରଙ୍କ ମୃତ ଘୋଷଣା ପରେ ପରିସ୍ଥିତି ଶାନ୍ତ ପଡ଼ିଲା
- ରାସ୍ତାରେ ଅଚେତ ହୋଇ ଚାଲିଯାଇଥିଲା ଜୀବନ
- ରବିବାର ମୃତ ଘୋଷଣା କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲେ ଡାକ୍ତର

ନୟାଗଡ଼,୨୯।୭(ଲୋକନାଥ ମିଶ୍ର)

ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟ (ଡିଏଚ୍ଏଚ୍)ରେ ରବିବାର ମୃତ କାଉଡିଆ ଜୀବିତ ବୋଲି ଜଣାପଡ଼ିବା ପରେ ସୋମବାର ପୂର୍ବାହ୍ନରେ ଉତ୍ତେଜନା ପ୍ରକାଶ ପାଇଥିଲା। ପରିବାର ସଦସ୍ୟ, ବନ୍ଧୁବାନ୍ଧବ ଓ ଦେଖଣାହାରୀ ଡାକ୍ତରଙ୍କ ଚିକିତ୍ସା ଉପରେ ପ୍ରଶ୍ନ ଉଠାଇ ପାଟିତୁଣ୍ଡ ଓ ହୋହଲ୍ଲା କରିବାରୁ ଉତ୍ତେଜନା ବଢ଼ି ଚାଲିଥିଲା। ଖବରପାଇ ନୟାଗଡ଼ ଟାଉନ ଥାନା ଓ ସଦର ଥାନା ପୋଲିସ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡି ନ ଥିଲା। ତେବେ ୨ଜଣ ଡାକ୍ତର ମୃତ କାଉଡିଆ ଜୀବିତ ନୁହଁ ବୋଲି ଘୋଷଣା କରିବା ସହ ବ୍ୟବଚ୍ଛେଦ କରିବା ପରେ ପରିସ୍ଥିତି ଶାନ୍ତ ପଡିଥିଲା। ଏଭଳି ଘଟଣା ସୋମବାର ନୟାଗଡ଼ ଜିଲାରେ ଚର୍ଚ୍ଚାର ବିଷୟ ପାଲଟିଛି।

ନୟାଗଡ଼ ସଦର ଥାନା ହୀରାଦେଇପୁର (ବୁଢ଼ାମୁଣ୍ଡା) ଗାଁର ବୃନ୍ଦାବନ ସ୍ୱାଇଁ (୫୦) ରବିବାର ଅପରାହ୍ନରେ କଣ୍ଟିଲୋ ମହାନଦୀରୁ ଜଳଭାର ଧରି ମାଳିସାହି ଗତିଶ୍ୱର ପୀଠକୁ ଜଳ ଲାଗି କରିବାକୁ ଆସୁଥିଲେ। ବାଟରେ ଆସୁଥିବାବେଳେ ରବିବାର ଯୋଗିଆପଲ୍ଲୀଠାରେ ଟଳି ପଡିଥିଲେ। କାଉଡିଆଙ୍କୁ ଆମ୍ବୁଲାନ୍ସ ଯୋଗେ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଡାକ୍ତର ବୃନ୍ଦାବନଙ୍କୁ ମୃତ ଘୋଷଣା କରି ବ୍ୟବଚ୍ଛେଦ ପାଇଁ ପଠାଇ ଥିଲେ। ରାତି ହୋଇଯିବାରୁ ବ୍ୟବଚ୍ଛେଦ ଗୃହରେ ବୃନ୍ଦାବନଙ୍କ ମୃତଦେହ ରହିଥିଲା। ସୋମବାର ପୂର୍ବାହ୍ନରେ ପରିବାର ଲୋକ ବୃନ୍ଦାବନଙ୍କୁ ଦେଖିବା ବେଳେ ସେ ବଞ୍ଚିଥିବା ଜାଣିବାକୁ ପାଇଥିଲେ। ଶରୀର ସତେଜ ଥିବା, ଛାତି ଥଡ ଥଡ ହେବା ପରି ଦର୍ଶାଇ ବୃନ୍ଦାବନ ବଞ୍ଚିଛନ୍ତି ବୋଲି ପ୍ରଚାର କରିଥିଲେ। ପରିବାର ଲୋକ ଡାକ୍ତରଙ୍କୁ ଡକାଇ ପରୀକ୍ଷଣ କରିବାକୁ କହିଥିଲେ। ମୃତ ବୃନ୍ଦାବନ ଜୀବିତ ଅଛନ୍ତି ବୋଲି ପ୍ରଚାର ପରେ ବ୍ୟବଚ୍ଛେଦ ଗୃହ ନିକଟରେ ଭିଡ ଜମିଥିଲା। ପରିବାର ଲୋକମାନେ ବୃନ୍ଦାବନଙ୍କୁ କଟକ ଓ ଭୁବନେଶ୍ୱର ନେଇଯିବା ପାଇଁ ଜିଦ୍ କରିଥିଲେ। କିଛି ଲୋକ କହିଲେ, ଜୀବିତ ଲୋକଙ୍କୁ ଡାକ୍ତର କିପରି ମୃତ ଘୋଷଣା କଲେ। ରବିବାର ରାତିରେ ଠିକ୍ ଚିକିତ୍ସା କରାଯାଇଥିଲେ ଏଭଳିଆ ସ୍ଥିତି ଉପୁଜି ନ ଥାନ୍ତା ବୋଲି କହିଥିଲେ। ରାତିରେ କେଉଁ ଡାକ୍ତର ମୃତ ଘୋଷଣା କରିଥିଲେ ବୋଲି ଲୋକ ଖୋଜିଥିଲେ। ଏହି ସମୟରେ ବ୍ୟବଚ୍ଛେଦ ପାଇଁ ନିୟୋଜିତ ମହିଳା ଡାକ୍ତର ଆସି କାଉଡିଆଙ୍କୁ ଦେଖିବା ପରେ ମୃତ କି ଜୀବିତ ଘୋଷଣା କରି ପାରି ନ ଥିଲେ। ଲୋକଙ୍କ ସସ୍‌ପେନ୍ସ ବଢ଼ି ଚାଲିଲା।

ଉତ୍ତେଜନା ବଢ଼ିବା ଦେଖି ପୋଲିସ ମୁତୟନ ସତ୍ତ୍ୱେ ସୁଫଳ ମିଳି ନ ଥିଲା। ପରେ ଆଉ ଜଣେ ଡାକ୍ତର ଆସି କାଉଡିଆ ମୃତ କି ଜୀବିତ ପରୀକ୍ଷଣ କରିଥିଲେ। ପରେ ଉଭୟ ଡାକ୍ତର ମୃତ ଘୋଷଣା କରି ବ୍ୟବଚ୍ଛେଦ କରିଥିଲେ। ପରେ ନୟାଗଡ଼ ସଦର ଥାନା ପୋଲିସ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରିଥିଲା। ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ କରିଥିଲା। ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟର ସୁପରିଣ୍ଟେଣ୍ଡେଣ୍ଟ ଡାକ୍ତର ଅଜୟ ବାହିନୀପତିଙ୍କୁ ପଚାରିବାରେ ରବିବାର ସନ୍ଧ୍ୟାରେ ଜଣେ କାଉଡିଆଙ୍କୁ ଚିକିତ୍ସାଳୟକୁ ଅଣା ଯାଇଥିଲା। ଡାକ୍ତର ପରୀକ୍ଷା ପରେ ମୃତ ଘୋଷଣା କରି ବ୍ୟବଚ୍ଛେଦ ପାଇଁ ପଠାଇ ପୋଲିସକୁ ଖବର ଦେଇଥିଲେ। ସୋମବାର ସକାଳେ ସମ୍ପୃକ୍ତ କାଉଡିଆ ବଞ୍ଚିଥିବା ପରିବାର ପକ୍ଷରୁ ଯୁକ୍ତି ବାଢ଼ି ପାଟିତୁଣ୍ଡ କରି ଉତ୍ତେଜନା ସୃଷ୍ଟି କରାଯାଇଥିଲା। ୨ ଜଣ ଡାକ୍ତର ପରୀକ୍ଷଣ କରି ମୃତ ଘୋଷଣା କରି ବ୍ୟବଚ୍ଛେଦ କରାଇଥିଲେ। ପରିବାର ଲୋକଙ୍କ ଅବୁଝା ଯୋଗୁ ୨ ଘଣ୍ଟା ଧରି ଚିକିତ୍ସାଳୟ ଅଶାନ୍ତ ହୋଇଥିଲା।

ସେଲ୍ଫି କର୍ଣ୍ଣର ଧରିତ୍ରୀ
DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com


@ ଦେବରାଜ


@ ମାନସ


@ ଶୁଭେନ୍ଦୁ


@ ତ୍ରିଲୋଚନ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଭାରତରେ ୨ୟ ସ୍ଥାନରେ ରହି ଗୌରବ ଆଣିଲେ ରଣପୁରର ବୀର ଯବାନ ଗିରିଜା

## ଆଡ୍‌ଭେଞ୍ଚର୍ସ ଟ୍ରେନିଂ କ୍ୟାମ୍ପରେ ସ୍କୁବା ଡାଇଭିଂ ପ୍ରତିଯୋଗିତା

ନୟାଗଡ଼,୨୯।୭ (ଲୋକନାଥ ମିଶ୍ର)

ଭାରତୀୟ ସେନା ବିଭାଗ ପକ୍ଷରୁ ଚଳିତବର୍ଷ ଆଣ୍ଡାମାନ୍ ନିକୋବର ଦ୍ୱୀପପୁଞ୍ଜରେ ଜାନୁୟାରୀ ୨୯ରୁ ମାର୍ଚ୍ଚ ୯ ପର୍ଯ୍ୟନ୍ତ ଆୟୋଜିତ ହୋଇଥିଲା ଆଡ଼ଭେଞ୍ଚର୍ସ ଟ୍ରେନିଂ କ୍ୟାମ୍ପ। ଏଥିରେ ଭାଗ ନେଇଥିବା ୫୫ଜଣ ଯବାନଙ୍କ ମଧ୍ୟରୁ ୫ଜଣ ମାଲେସିଆ ଯାଇ ସ୍ୱତନ୍ତ୍ର ପ୍ରଶିକ୍ଷଣ ପାଇବା ପାଇଁ ମନୋନୀତ ହୋଇଛନ୍ତି। ସାମରିକ ବିଭାଗର ସ୍କୁବା ଡାଇଭିଂ ତାଲିମ ପ୍ରତିଯୋଗିତାରେ ସାରା ଭାରତରେ ୨ୟ ଓ ଓଡ଼ିଶାରେ ପ୍ରଥମ ସ୍ଥାନ ଅଧିକାର କରି ଦେଶ, ରାଜ୍ୟ, ନୟାଗଡ଼ ଜିଲା ତଥା ନିଜ ଭିଟାମାଟି ରଣପୁର ପାଇଁ ଗୌରବ ଆଣିଛନ୍ତି ଗିରିଜା କାନ୍ତ। ଏହି ଦୁଃସାହସିକ ଆଡ଼ଭେଞ୍ଚର୍ସ ଟ୍ରେନିଂ କ୍ୟାମ୍ପରେ ଗିରିଜା ଆଣ୍ଡାମାନ ନିକୋବରଠାରୁ ଦୂର ଦ୍ୱୀପପୁଞ୍ଜ ଯଥା ପୋର୍ଟ ବ୍ଲେୟାର, ହାବଲକ୍, କାମ୍ପବେଲ୍ ବେ ଓ ଚିଡ଼ିୟା ଟାପୁ ଆଦି ଦ୍ୱୀପପୁଞ୍ଜର ସମୁଦ୍ର ଗଭୀରକୁ ଯାଇଥିଲେ। କିନ୍ତୁ ହାବଲକ୍‌ର ପ୍ରାୟ ୫ କିଲୋମିଟର ପରିଧି ସମୁଦ୍ର ଅତଳ ଜଳରାଶି ଭିତରେ ୩ ଘଣ୍ଟା ମଧ୍ୟରେ ୭୩ ମିଟର ଗଭୀରତାକୁ ଅତିକ୍ରମ କରି ଦୁଃସାହସିକତାର ପରିଚୟ ଦେଇ ସଫଳତା ସାଉଁଟିଛନ୍ତି। ଏହା ଜଣାପଡିବା ପରେ ନୟାଗଡ଼ ଜିଲାପାଳ ଗିରିଜାଙ୍କର ଶୁଭେଚ୍ଛା ଜଣାଇ ସଫଳତା କାମନା କରିଛନ୍ତି।



# ଲଡୁବାବାଙ୍କୁ ୯ ହଜାର କାଉଡ଼ିଆଙ୍କ ଜଳାଭିଷେକ



ଶରଣକୁଳ,୨୯।୭(ଦୀପକ କର)

ପ୍ରସିଦ୍ଧ ଶୈବ କ୍ଷେତ୍ର ନୟାଗଡ଼ ଜିଲା ଅନ୍ତର୍ଗତ ଲଡୁବାବାଙ୍କ ପୀଠ ଶରଣକୁଳରେ ଶ୍ରାବଣ ମାସ ଦ୍ୱିତୀୟ ସୋମବାରରେ ଦୂରଦୂରାନ୍ତରୁ ଆସିଥିବା ୯ହଜାର କାଉଡ଼ିଆ ଜଳାଭିଷେକ କରିଛନ୍ତି। କାଉଡ଼ିଆମାନେ ରବିବାର ସନ୍ଧ୍ୟା ସୁଦ୍ଧା ଆସି ଯାତ୍ରାପଡ଼ିଆରେ ଥିବା ତମ୍ବୁତଳେ ଆଶ୍ରୟ ନେଇଥିଲେ। ଅନେକ ଦାତବ୍ୟ ସଂସ୍ଥା ସେମାନଙ୍କ ପାଇଁ ମାଗଣା ଅନ୍ନ ପ୍ରସାଦର ବ୍ୟବସ୍ଥା କରିଥିଲେ। ଭଜନ ସନ୍ଧ୍ୟାର ଆୟୋଜନ ହୋଇଥିଲା। ରାତ୍ରି ୧୦ଟାରେ ମନ୍ଦିର ପ୍ରବେଶ ବାରଣ କରାଯାଇଥିଲା। ମନ୍ଦିର ମଧ୍ୟରେ କେବଳ ମହିଳା କାଉଡ଼ିଆମାନଙ୍କ ରହିବା ବ୍ୟବସ୍ଥା କରାଯାଇଥିବାବେଳେ ଅନ୍ୟମାନେ ବାହାରେ ରହିଥିଲେ। ରାତ୍ରି ଗୋଟାଏରୁ କାଉଡ଼ିଆମାନେ ଠାକୁରଙ୍କ ସିଂହଦ୍ୱାରରେ ହୋଇଥିବା ଲୌହ ବାରିକେଡ ଦେଇ ଧାଡ଼ିରେ ଠିଆ ହୋଇ ହାତରେ ଜଳକୁମ୍ଭ ଓ ମୁଖରେ ଓଁ ନମଃ ଶିବାୟ ଧ୍ୱନି ଉଚ୍ଚାରଣ ପୂର୍ବକ ମନ୍ଦିର ମଧ୍ୟକୁ ପ୍ରବେଶ କରିଥିଲେ। ଶରଣକୁଳ ପୋଲିସ ପକ୍ଷରୁ ମନ୍ଦିରର ପ୍ରତି ଦ୍ୱାର ମୁହଁରେ ଓ ଧାଡ଼ିର ବିଭିନ୍ନ ସ୍ଥାନରେ ଯଥେଷ୍ଟ ଜଗୁଆଳିର ବ୍ୟବସ୍ଥା କରାଯାଇଥିଲା। ଭକ୍ତମାନେ ରୂପା ଧାତୁ ନିର୍ମିତ ପାଟବୃଷଭଠାରୁ ଏକ ତମ୍ବା ନିର୍ମିତ ଲୋଧା ବା ନଳାରେ ଆଣିଥିବା ଜଳ ବାବାଙ୍କ ଶକ୍ତିପୀଠରେ ଲାଗି କରିଥିଲେ। କାଉଡିଆଙ୍କର ଭାବ ବିହ୍ୱଳ ବଂ ବଂ ଭୋଲେ ଶବ୍ଦରେ ଗଗନ ପବନ ମୁଖରିତ ହୋଇ ଉଠିଥିଲା। ବହୁ ସଂଖ୍ୟକ ମହିଳା ଓ ଅଳ୍ପ ବୟସ୍କ ପିଲା ଜଳଭାର ଧରି ଆସିଥିବା ଦେଖିବାକୁ ମିଳିଥିଲା। ଠାକୁରଙ୍କର ଅବକାଶ ଧୂପ ସମୟରେ କିଛି ସମୟ ପାଇଁ ମନ୍ଦିରର ନୀତି ନିମନ୍ତେ ଭକ୍ତ ଦର୍ଶନ ବନ୍ଦ ଥିଲା। ପରେ ପୁଣି ଦର୍ଶନ ଓ ଜଳାଭିଷେକ ଚାଲୁ ରହିଥିଲା। ମନ୍ଦିର ସୁପରଭାଇଜର ସୁବାସ ଚନ୍ଦ୍ର ବରାଡ଼ ଓ ଅନ୍ୟ ସେବାୟତମାନେ କାଉଡିଆମାନଙ୍କର ସୁବିଧା ଦର୍ଶନର ବ୍ୟବସ୍ଥା କରିଥିଲେ। ଏହି କାଉଡ଼ିଆ ସେବା ସର୍ବରାପାଟଣା ସେବାୟତମାନଙ୍କ ଉପରେ ନ୍ୟସ୍ତ ଥିଲା।

# ରଣପୁର ସ୍ୱାସ୍ଥ୍ୟକେନ୍ଦ୍ରରୁ ଏସି ଚୋରି

ନୟାଗଡ଼/ରଣପୁର,୨୯।୭
(ଲୋକନାଥ ମିଶ୍ର/ସୁକାନ୍ତ କିଶୋର ଡାକୁଆ)

ନୟାଗଡ଼ ଜିଲା ରଣପୁର ସ୍ୱାସ୍ଥ୍ୟକେନ୍ଦ୍ରର ପୁରୁଣା କୋଠାରୁ ଏକ ଏସି, ୨ଟି ଆକ୍ୱାଗାର୍ଡ, ଗିଜର, ଷ୍ଟିଲ ଟ୍ୟାପ, ଷ୍ଟିଲ ଉପକରଣ ଚୋରି ହୋଇଛି। ଚୋରି ନେଇ ମୁଖ୍ୟ ଚିକିତ୍ସାଧିକାରୀ ବୈଦ୍ୟନାଥ ନନ୍ଦ ରଣପୁର ଥାନାରେ ଅଭିଯୋଗ କରିବା ପରେ ପୋଲିସ ମାମଲା ରୁଜୁ କରି ତଦନ୍ତ କରୁଛି। ପୁରୁଣା ସ୍ୱାସ୍ଥ୍ୟକେନ୍ଦ୍ରରେ ତାଲା ପଡିଥିବାବେଳେ ସିକ୍ୟୁରିଟି ଜଗି ରହିଥିଲେ।

# ବଢୁଛି ମହାନଦୀର ଜଳସ୍ତର

ଗଣିଆ,୨୯।୭
(ସନ୍ତୋଷ କୁମାର ପ୍ରଧାନ)



ବଡମୂଳଠାରେ ମହାନଦୀର ଜଳସ୍ତର।

ମହାନଦୀର ଉପରମୁଣ୍ଡ ଛତିଶଗଡ଼ ତଥା ଆଭ୍ୟନ୍ତରିଣ ଓଡ଼ିଶାରେ କିଛିଦିନ ଧରି ଲଗାଣ ବର୍ଷା ଲାଗି ରହିଛି। ଏପରିସ୍ଥଳେ ରବିବାର ହୀରାକୁଦ ଜଳଭଣ୍ଡାରରୁ ୨୦ଟି ଗେଟ୍ ଦେଇ ମହାନଦୀରେ ଜଳ ନିଷ୍କାସନ କରାଯାଇଛି। ଚଳିତବର୍ଷ ପ୍ରଥମ କରି ହୀରାକୁଦରୁ ଜଳ ନିଷ୍କାସନ ହେବା ଦ୍ୱାରା ତଳିଆ ଅଞ୍ଚଳରେ ମହାନଦୀର ଜଳସ୍ତର ବୃଦ୍ଧି ପାଉଥିବା ଦେଖିବାକୁ ମିଳିଛି। ମହାନଦୀର ସାତକୋଶିଆଗଣ୍ଡ ବଡମୂଳଠାରେ ସୋମବାର ସକାଳ ୯ଟାରେ ଜଳସ୍ତର ୧୭ଫୁଟ ୩ ଇଞ୍ଚ ରହିଥିବାବେଳେ ଅପରାହ୍ନ ୫ଟାରେ ଜଳସ୍ତର ବୃଦ୍ଧି ପାଇ ୨୪ ଫୁଟ ୫ ଇଞ୍ଚକୁ ବୃଦ୍ଧି ପାଇଛି। ଏଥିସହ ଜଳସ୍ତର ଧୀରେ ଧୀରେ ବୃଦ୍ଧି ପାଉଥିବା ଜଣାପଡିଛି। ବଡମୂଳଠାରେ ବିପଦ ସଙ୍କେତ ୩୮ ଫୁଟ ରହିଥିବା ବେଳେ ହୀରାକୁଦ ଜଳଭଣ୍ଡାରରୁ ଅଧିକ ଗେଟ ଦେଇ ଜଳ ନିଷ୍କାସନ ହେଲେ ମହାନଦୀର କୂଳିଆ ଅଞ୍ଚଳରେ ଛୋଟ ଧରଣର ବନ୍ୟା ପରିସ୍ଥିତି ଉପୁଜିବା ଆଶଙ୍କା କରାଯାଉଛି। ଏପରି ହେଲେ ଗଣିଆ ବ୍ଲକର ଛାମୁଣ୍ଡିଆ ପଞ୍ଚାୟତର କଳାପାଟ ଠାକୁରାଣୀ ପୀଠ, ବୃତଙ୍ଗ ସେତୁ ନିକଟ, ମୁଦୁଲିଗାଡିଆ, ବଡମୂଳ ମାଳିସାହି ଆଦି ସ୍ଥାନରେ ବନ୍ୟାଜଳ ପ୍ରବାହିତ ହୋଇ ଯାତାୟାତ ବିଚ୍ଛିନ୍ନ ହୋଇପାରେ। ଛୋଟ ଧରଣର ବନ୍ୟା ଆଶଙ୍କା ନେଇ ଗଣିଆ ବ୍ଲକ ପ୍ରଶାସନ ତରଫରୁ ଗତ ୨ଦିନ ଧରି ମହାନଦୀ କୂଳରେ ଥିବା ଗ୍ରାମ ଗୁଡ଼ିକରେ ଡାକବାଜି ଯନ୍ତ୍ର ଯୋଗେ ଲୋକଙ୍କୁ ସତର୍କ ରହିବାକୁ ସଚେତନ କରାଯାଇଛି।

# ଡାଲା ଅଟୋ ଓଲଟି ଜଣେ ଶ୍ରମିକଙ୍କ ମୃତ୍ୟୁ, ୧୬ ଆହତ

ନୟାଗଡ଼/ନୂଆଗାଁ,୨୯।୭
(ଲୋକନାଥ ମିଶ୍ର /ଧନେଶ୍ୱର ସାହୁ)

ନୟାଗଡ଼ ଜିଲା ନୂଆଗାଁ ଥାନା ଜାକେଡା ପମ୍ପ ହାଉସ ନିକଟ ବୁଲାଣି ରାସ୍ତାରେ ସୋମବାର ସକାଳୁ କାମ କରିବାକୁ ଶ୍ରମିକମାନଙ୍କୁ ନେଇ ଯାଉଥିବା ଏକ ଡାଲା ଅଟୋ ଓଲଟି ପଡିଥିଲା। ଫଳରେ ଅଟୋରେ ଯାଉଥିବା ମହିଳା ଶ୍ରମିକଙ୍କ ମଧ୍ୟରେ ଜଣଙ୍କର ମୃତ୍ୟୁ ଘଟିଥିବା ଥିବାବେଳେ ୧୬ ଶ୍ରମିକ ଗୁରୁତର ଆହତ ହୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ମୃତ ଶ୍ରମିକ ଜଣକ ହେଲେ ଦୁରୁଙ୍ଗି ଗ୍ରାମର ସୁକାନ୍ତି ବେହେରା (୨୫)। ଏହି ଘଟଣାରେ ପୋଲିସ ଅଟୋ ଚାଳକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

ମିଳିଥିବା ସୂଚନା ମୁତାବକ, ମହିତମାର ଜଣେ ଚାଷୀଙ୍କର ବିଲରେ ଧାନ ରୋଇବା ପାଇଁ ମହିଳା ଶ୍ରମିକଙ୍କ ଆବଶ୍ୟକ ପଡିବାରୁ ସେ ଜାକେଡା ପଞ୍ଚାୟତ ଦୁରୁଙ୍ଗି ଗ୍ରାମର ଶ୍ରମିକମାନଙ୍କ ସହ ଯୋଗାଯୋଗ କରିଥିଲେ। ସେମାନଙ୍କୁ କାମ ଜାଗା ମହିତମାକୁ ଆଣିବା ପାଇଁ ଗୋଟିଏ ଡାଲା ଅଟୋ ପଠାଇ ଥିଲେ। ଉକ୍ତ ଡାଲା ଅଟୋ ନଂ. ଓଡି୨୫ କ୍ୟୁ ୩୩୯୧କୁ ସକାଳୁ ଦୁରୁଙ୍ଗି ଗ୍ରାମର ପ୍ରାୟ ୧୭ ଜଣ ଶ୍ରମିକଙ୍କୁ ନେଇ ମହିତମା ଆସୁଥିଲା। ଅଟୋଟି ଜାକେଡା ପମ୍ପ ହାଉସ ବୁଲାଣି ରାସ୍ତାରେ ଭାରସାମ୍ୟ ହରାଇ ରାସ୍ତା ଉପରେ ଓଲଟି ପଡିଥିଲା। ଫଳରେ ଅଟୋରେ ଯାଉଥିବା ଦୁରୁଙ୍ଗି ଗ୍ରାମର ସୁକାନ୍ତି ବେହେରାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗି ରକ୍ତସ୍ରାବ ହୋଇଥିବାବେଳେ ଭାରତୀ ବେହେରା (୧୬)ଙ୍କ ଅଣ୍ଟା ମାଡ ହେବା ସହ ମୁଣ୍ଡଫାଟି ଯାଇଛି। ଅନ୍ୟମାନେ ମଧ୍ୟ ଗୁରୁତର ହୋଇଥିଲେ। ଖବରପାଇ ନୂଆଗାଁ ଅଗ୍ନିଶମ ବାହିନୀ, ୧୦୮ ଆମ୍ବୁଲାନ୍ସ ଓ ନୂଆଗାଁ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଆହତ ହୋଇଥିବା ଶ୍ରମିକମାନଙ୍କୁ ଉଦ୍ଧାର କରି ମହୀପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ସେଠାରେ ସୁକାନ୍ତିଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଅନ୍ୟ ଗୁରୁତରଙ୍କ ମଧ୍ୟରୁ ୨ଜଣଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି। ଅନ୍ୟମାନେ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ଅନ୍ୟପଢ଼େ ପୋଲିସ ଦୁର୍ଘଟଣା ଗ୍ରସ୍ତ ଡାଲା ଅଟୋକୁ ଜବତ କରି ଥାନାକୁ ନେବା ସହ ଅଟୋ ଚାଳକ ଅରୁଣ ମହାନ୍ତିଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଆଇଆଇସି ଶରତ ଚନ୍ଦ୍ର ସେଠୀ କହିଛନ୍ତି।


ଆହତଙ୍କୁ ଉଦ୍ଧାର କରି ଡାକ୍ତରଖାନାକୁ ନିଆଯାଉଛି।

